# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୮/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, February 18/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 86 | ମୂଲ୍ୟ ₹୭/-




**ହସ୍ପିଟାଲରେ ଭର୍ତ୍ତି ହେଲେ ଶକିରା**

କଲମ୍ବିଆର ପ୍ରସିଦ୍ଧ ସିଙ୍ଗର ଶକିରାଙ୍କୁ ପେଟ ସମ୍ବନ୍ଧୀୟ କିଛି ସମସ୍ୟା କାରଣରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ସେ ଏକ୍ସ'ରେ ସୂଚନା ଦେଇଛନ୍ତି।

୧୩

୧୪

**କୀର୍ତ୍ତିଙ୍କୁ ରୌପ୍ୟ ପଦକ**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ କିଟ୍‌ର ମାଗନ୍ତି କୀର୍ତ୍ତି ରୌପ୍ୟ ପଦକ ଲାଭ କରିଛନ୍ତି।



# ବିକଶିତ ରାଜ୍ୟ ଲକ୍ଷ୍ୟରେ କୃଷିକୁ ଗୁରୁତ୍ୱ

ଭୁବନେଶ୍ୱର, ୧୭।୨ (ବନ୍ଦନା ସେଠୀ)

ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦ୍ୱିତୀୟ ଥର ପାଇଁ ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ କରିଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ଲାଗି ବଜେଟରେ ରଣନୀତି ପ୍ରସ୍ତୁତ କରାଯାଇଛି। ଚଳିତ ଥର ମୋଟ ବଜେଟ ପରିମାଣ ୨.୯୦ ଲକ୍ଷ କୋଟି ଟଙ୍କା ରଖାଯାଇଛି, ଯାହାକି ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧୨% ଅଧିକ। ବଜେଟରେ ୧୬ଟି ନୂତନ ଯୋଜନା ଉପରେ ମୁଖ୍ୟମନ୍ତ୍ରୀ ମୁଖ୍ୟତଃ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ବଜେଟରେ ଭିତ୍ତିଭୂମି, ନଗର ଉନ୍ନୟନ, କୃଷି ଓ ଜଳସେଚନ, ପୁଞ୍ଜି ନିବେଶ, ବନ୍ଦରଭିତ୍ତିକ, ଶିଳ୍ପାୟନ, ସାର୍ବଜନୀନ କ୍ରୀଡା, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ଏବଂ ମହିଳା ଓ ଶିଶୁ ବିକାଶ ଭଳି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ ଅପରାହ୍ନ ୪ଟାରେ ବିଧାନସଭାରେ ଉପସ୍ଥାପନ କରିଥିବା ବଜେଟ୍‌ରେ କୃଷିକୁ ଅଗ୍ରାଧିକାର ଦେଇଛନ୍ତି। ଏଥିପାଇଁ ମୋଟ ୩୭ହଜାର ୮ ୩୮କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ସମୃଦ୍ଧ କୃଷକ ଯୋଜନା ପାଇଁ ୬ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ, ସିଏମ୍ କିଷାନ ଯୋଜନା ପାଇଁ ୨ହଜାର ୨୦କୋଟି ଟଙ୍କା, ଶ୍ରୀ ଅନ୍ନ ଅଭିଯାନ ପାଇଁ ୬୦୦କୋଟି ଟଙ୍କା ଏବଂ ଶସ୍ୟ ବିବିଧତା କାର୍ଯ୍ୟକ୍ରମ ପାଇଁ ୬୯୮କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମିଲେଟ ପାଇଁ ଏମ୍‌ଏସ୍‌ପି ୪୨୯୦ଟଙ୍କା ବାଦ ଅଧିକ ୨ଶହ ଟଙ୍କା ମିଳିବା ନେଇ ଘୋଷଣା ହୋଇଛି। ଏହାବାଦ୍ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ବଜେଟର ବ୍ୟବସ୍ଥା ରହିଛି। ଜଳସେଚନ, ବନ୍ୟା ନିୟନ୍ତ୍ରଣ ଓ ଜଳ ବ୍ୟବହାର ଦକ୍ଷତା ପାଇଁ ମୋଟ ୧୬୨୭୩କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜଳସେଚନର ଦୀର୍ଘଦିନର ଆବଶ୍ୟକତା ପୂରଣ କରିବା ପାଇଁ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର ନିର୍ମାଣ ପାଇଁ ୮୮୦କୋଟି ଟଙ୍କା ଓ ପାର୍ବତୀ ଗିରି ଉଠାଜଳସେଚନ ପ୍ରକଳ୍ପ ପାଇଁ ୧୩୧୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଜେଟ୍‌ରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଧ୍ୟ ଅଗ୍ରାଧିକାର ଦେଇଛନ୍ତି। ଜନସ୍ୱାସ୍ଥ୍ୟ ସେବା ପାଇଁ ମୋଟ ୨୩,୬୩୫କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହାକି ରାଜ୍ୟ ବଜେଟର ☞ପୃଷ୍ଠା-୪

## ପ୍ରସ୍ତାବରେ ୧୬ ନୂଆ ଯୋଜନା





ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ ଲାଗି ସୋମବାର ବିଧାନସଭାକୁ ପ୍ରବେଶ କରୁଛନ୍ତି।


| | |
|---|---|
| ବଜେଟ ଆକାର | •୨.୯୦ ଲକ୍ଷ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୨୭.୩% |
| କାର୍ଯ୍ୟକ୍ରମ ବ୍ୟୟ | •୧.୭୦ ଲକ୍ଷ କୋଟି ଟଙ୍କା<br>• ମୋଟ ବଜେଟ ଅଟକଳର ୫୮.୬% |
| ପୁଞ୍ଜିବିନିଯୋଗ | •୬୫,୦୧୨ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୬.୧% |
| ସାମାଜିକ କ୍ଷେତ୍ର | •୧,୧୯,୫୬୫ କୋଟି ଟଙ୍କା<br>• ମୋଟ ବଜେଟ ଅଟକଳର ୪୧% |
| ଆର୍ଥିକ କ୍ଷେତ୍ର | •୯୧,୬୪୭ କୋଟି ଟଙ୍କା<br>• ମୋଟ ବଜେଟ ଅଟକଳର ୩୨% |
| ଉନ୍ନୟନମୂଳକ ବ୍ୟୟ | •୨,୧୧,୨୧୨ କୋଟି ଟଙ୍କା<br>• ମୋଟ ବଜେଟ ଅଟକଳର ୭୩% |
| ରାଜସ୍ୱ ବଳକା | •୩୧,୮୦୦ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୦% |
| ବିତ୍ତୀୟ ନିଅଣ୍ଟ | •୩୪,୨୦୦ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୨% |
| ଋଣ ଭାର | •୧,୩୪,୯୧୪ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୧୨.୭% |

### ୧ ଟଙ୍କାର ଆୟ



- ୧.ନିଜସ୍ୱ ଟିକସ ରାଜସ୍ୱ - ୨୩ %
- ୨.ନିଜସ୍ୱ ଅଣଟିକସ ରାଜସ୍ୱ - ୨୧%
- ୩.କେନ୍ଦ୍ରୀୟ ଟିକସରେ ରାଜ୍ୟ ଅଂଶ - ୨୨%
- ୪.କେନ୍ଦ୍ରୀୟ ଅନୁଦାନ - ୧୪%
- ୫.ପୁଞ୍ଜି ଆୟ - ୨୦%

### ୧ ଟଙ୍କାର ବ୍ୟୟ



- ୧.ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠି ୧%
- ୨.ରାଜ୍ୟରୁ ହସ୍ତାନ୍ତର - ୩%
- ୩.ପ୍ରଶାସନିକ ବ୍ୟୟ - ୩୭%
- ୪.କାର୍ଯ୍ୟକ୍ରମ ବ୍ୟୟ - ୫୯%

# ଆଜିଠାରୁ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର, ୧୭।୨ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ପରିଚାଳିତ ଯୁକ୍ତ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ପ୍ରଥମଥର କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା ପ୍ରାୟ ଏକା ସମୟରେ ଚାଲିବ। ତେବେ ପ୍ରଥମ ଦିନ ବିଜ୍ଞାନ ବିଦ୍ୟାର୍ଥୀମାନେ ଏବଂ ବୁଧବାର କଳା ଓ ବାଣିଜ୍ୟ ବିଦ୍ୟାର୍ଥୀମାନେ ମାତୃଭାଷା (ଓଡ଼ିଆ)ରେ ପରୀକ୍ଷା ଦେବେ। ସକାଳ ୮ଟା ୩୦ରେ କଡାସୁରକ୍ଷା ଭିତରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ସକାଳ ୯ଟା ୩୦ରେ ଅବଜର୍‌ଭର, ସୁପରିଣ୍ଟେଣ୍ଡେଣ୍ଟ ☞ପୃଷ୍ଠା-୪


Muthoot Finance

ଗୋଲଡ୍ ଲୋନ୍ ମେଳା

01 ଜାନୁଆରୀ ଠାରୁ 31 ମାର୍ଚ୍ଚ 2025 ପର୍ଯ୍ୟନ୍ତ

ଜିତନ୍ତୁ ₹70 ଲକ୍ଷ+ ପର୍ଯ୍ୟନ୍ତ ଗିଫ୍ଟ ଭାଉଚର ଏବଂ ସୁନା ମୁଦ୍ରା^

1800 313 1212



SIKSHA 'O' ANUSANDHAN

Empowering students for a brighter future

MANAGEMENT PROGRAMMES OFFERED
- MBA
- MBA (Hospital Administration)
- MBA (Hospitality Management)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through CAT 2024, Please visit: www.soa.ac.in


# କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ

## ନେପାଳୀ ଛାତ୍ରୀଛାତ୍ରଙ୍କୁ ବଳପୂର୍ବକ ବିଦାକଲେ କର୍ତ୍ତୃପକ୍ଷ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟରେ ରବିବାର ରାତିରେ ଜଣେ ନେପାଳୀ ବି.ଟେକ୍ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସୋମବାର ସକାଳେ ଏଠାରେ ପଢୁଥିବା ନେପାଳର ଛାତ୍ରୀଛାତ୍ରମାନେ ଏକାଠି ହୋଇ ଶିକ୍ଷାନୁଷ୍ଠାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ଛାତ୍ରଙ୍କ ତୁରନ୍ତ ଗିରଫ ଦାବି କରିଥିଲେ। ଏହି ଘଟଣାରେ ଶିକ୍ଷାନୁଷ୍ଠାନରେ ଅଶାନ୍ତ ବାତାବରଣ ସୃଷ୍ଟି ହେବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁଷ୍ଠାନକୁ ତୁରନ୍ତ ସାଇନ୍ ଏ ଡାଏ ଘୋଷଣା କରିବା ସହିତ ଏଠାରେ ଅଧ୍ୟୟନରତ ନେପାଳର ଶତାଧିକ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ଛାଡ଼ିବାକୁ ବାଧ୍ୟ କରିଛନ୍ତି। ଏପରି କି ପିଲାମାନଙ୍କୁ ବଳପୂର୍ବକ ଶିକ୍ଷାନୁଷ୍ଠାନର ବସ୍‌ରେ ବସାଇ କଟକ ରେଳ ଷ୍ଟେଶନରେ ଛାଡ଼ି ଦେଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଫେବୃଆରୀ ଶେଷ ସପ୍ତାହରେ ପରୀକ୍ଷା ଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ଆଚରଣକୁ ଛାତ୍ରୀଛାତ୍ର ଏବଂ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଏପରି କି ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାର ସମାଧାନ ପାଇଁ କୂଟନୈତିକସ୍ତରରେ ଆଲୋଚନା କରାଯାଉଛି ବୋଲି କହିଛନ୍ତି। ବିଭିନ୍ନ ମହଲରୁ ଘଟଣାକୁ ନିନ୍ଦା କରାଯିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନେପାଳୀ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସ ଫେରି ଆସି କ୍ଲାସରେ ଯୋଗଦେବାକୁ ନିବେଦନ କରିଛନ୍ତି।

### ଖସି ପଳାଉଥିବା ପୁରୁଷବନ୍ଧୁଙ୍କୁ ଏୟାରପୋର୍ଟରୁ ଧରିଲା ପୋଲିସ

ଭୁବନେଶ୍ୱର, ୧୭।୨ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱ ବିଦ୍ୟାଳୟରେ ପୁରୁଷବନ୍ଧୁଙ୍କ ନିର୍ଯାତନା ସହି ନ ପାରି ଜଣେ ନେପାଳୀ ଇଞ୍ଜିନିୟରିଂ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ହେଲେ ବିଟେକ୍ ତୃତୀୟ ବର୍ଷ (କମ୍ପ୍ୟୁଟର ସାଇନ୍ସ)ର ପ୍ରକ୍ରିତି ଲାମ୍‌ସଲ୍ (୨୦)। ପ୍ରକ୍ରିତି ବିଶ୍ୱବିଦ୍ୟାଳୟ କ୍ୟାମ୍ପସସ୍ଥିତ ହଷ୍ଟେଲ 'କ୍ୟୁସି୪'ର ରୁମ୍ ନଂ.୪ଏ୧୨୫ରେ ରବିବାର ଅପରାହ୍ନରେ ଫ୍ୟାନ୍ ଜରିଆରେ ଓଢ଼ଣୀରେ ଝୁଲି ଆଖି ବୁଜିଛନ୍ତି। ତେବେ ଏହି ଘଟଣାକୁ କେନ୍ଦ୍ର କରି କ୍ୟାମ୍ପସ୍ ଅଶାନ୍ତ ହୋଇଥିବା ଘଟଣାକୁ ନେଇ ଦେଶବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଅନ୍ୟପକ୍ଷରେ ଏହି ଘଟଣାକୁ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚପାଇ ଦେବାକୁ ଉଦ୍ୟମ ☞ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

ମୁଚେରଲାର ଅଙ୍ଗଦାନ

ସୂଚନା: ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ନାରୀ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।


DSPL-388

ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୫ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା



ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୫ ଫେବୃଆରୀ ୧୮ ତାରିଖଠାରୁ ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଚାପମୁକ୍ତ ହୋଇ ଯେପରି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିପାରିବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ଶାନ୍ତିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବାର୍ତ୍ତା




ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମ ନିମନ୍ତେ ଫେବୃଆରୀ ୧୮ ତାରିଖରୁ ମାର୍ଚ୍ଚ ୨୭ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ସଫଳତା କାମନା କରୁଛି । ଚାପମୁକ୍ତ ହୋଇ ପରୀକ୍ଷା ଦିଅନ୍ତୁ । ପରିଶ୍ରମ ଓ ଆତ୍ମବିଶ୍ୱାସ ତୁମମାନଙ୍କୁ ସଫଳତା ଆଣିଦେବ । ପରୀକ୍ଷାର ସମସ୍ତ ବାଧାକୁ ଦୂର କରି କଠିନ ଅଧ୍ୟବସାୟ ବଳରେ ତୁମେମାନେ ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ମୋର ଦୃଢ଼ ବିଶ୍ୱାସ ।

ଏହି ଶୁଭ ମୁହୂର୍ତ୍ତରେ ପରୀକ୍ଷା ପରିଚାଳନା ନିମନ୍ତେ ସମ୍ପୃକ୍ତ ସମସ୍ତ ପଦାଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR-11003/13/0015/2425

# ୩୭,୮୩୮ କୋଟିର କୃଷି ବଜେଟ



- ▶▶ସମୃଦ୍ଧ କୃଷକ ଯୋଜନା ପାଇଁ ୬,୦୦୦ କୋଟି ଟଙ୍କା
- ▶▶ସିଏମ୍ କିଷାନ ଯୋଜନା ପାଇଁ ୨୦୨୦ କୋଟି
- ▶▶ଫସଲ ବିବିଧକରଣ ପାଇଁ ୬୯୫ କୋଟି
- ▶▶ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାକୁ ୨୪୫ କୋଟି
- ▶▶ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ ଯୋଜନା ଲାଗି ୨୩୫ କୋଟି
- ▶▶ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୪୬ କୋଟି
- ▶▶ମିଲେଟ୍‌କୁ ପ୍ରୋତ୍ସାହନ ପାଇଁ ଶ୍ରୀ ଅନ୍ନ ଅଭିଯାନରେ ୬୦୦ କୋଟି ଟଙ୍କା ଆବଣ୍ଟନ

**ଭୁବନେଶ୍ୱର,୧୭।୨**

ଓଡ଼ିଶା ସରକାର ସୋମବାର ବିଧାନସଭାରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ୨,୯୦,୦୦୦ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥ ବିଭାଗ ସମ୍ଭାଳୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ କରି କହିଛନ୍ତି, ଓଡ଼ିଶାର ଦ୍ରୁତ ପ୍ରଗତି ରାଜ୍ୟବାସୀଙ୍କ ଏକ ଦୀର୍ଘଦିନର ଦାବି, ଯାହାକୁ ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ' ଦୂରଦୃଷ୍ଟି ଅନୁସାରେ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ଅହରହ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ସରକାର ୨୦୪୭ ସୁଦ୍ଧା ଦେଶକୁ ଏକ ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବା ଲକ୍ଷ୍ୟରେ 'ବିକଶିତ ଭାରତ ମିଶନ' ଚଳାଇଛନ୍ତି। ଓଡ଼ିଶା ଏହି ମିଶନର ଗ୍ରୋଥ୍ ଇଞ୍ଜିନ୍ ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି। ବଜେଟରେ କୃଷି କ୍ଷେତ୍ର ପାଇଁ ୩୭,୮୩୮ କୋଟି ଟଙ୍କା ଆବଣ୍ଟନର ପ୍ରସ୍ତାବ ରହିଛି, ଯାହାକି ପୂର୍ବାପେକ୍ଷା ୧୨% ଅଧିକ।

୨୦୨୪ ଜୁନ୍ ୧୨ରେ ଓଡ଼ିଶାରେ ଭାଜପା କ୍ଷମତାସୀନ ହେବା ପରେ ଏହା ହେଉଛି ଦ୍ୱିତୀୟ ବଜେଟ। ଦ୍ୱିତୀୟ ଥର ବଜେଟ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପାଇଁ ୧୪,୭୦୧ କୋଟି ଟଙ୍କାର ବ୍ୟୟଅଟକଳ ପ୍ରସ୍ତାବ ଦେଇଛନ୍ତି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଓଡ଼ିଶା ଜନସଂଖ୍ୟାର ଏକ ବଡ଼ଭାଗକୁ ଜୀବିକା ପ୍ରଦାନର ପ୍ରାଥମିକ ଉତ୍ସ ହୋଇ ରହିଆସିଛି। ରାଜ୍ୟର ପ୍ରାୟ ୪୫% ଶ୍ରମଶକ୍ତି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ। ଓଡ଼ିଶାର ୮୦%ରୁ ଊର୍ଦ୍ଧ୍ୱ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି, ଯେଉଁଠି ଆୟର ମୁଖ୍ୟ ଉତ୍ସ ହେଉଛି କୃଷି। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୫-୨୬ ଆର୍ଥିକବର୍ଷରେ କୃଷି କ୍ଷେତ୍ର ପାଇଁ ୩୭,୮୩୮ କୋଟି ଟଙ୍କାର ବ୍ୟୟଅଟକଳ କରାଯାଇଛି। ଏହି ଆବଣ୍ଟନ ଗତ ଆର୍ଥିକବର୍ଷ ତୁଳନାରେ ୧୨% ଅଧିକ।

ବଜେଟରେ କୃଷି ବିଭାଗ ପାଇଁ ମୋଟ ଆବଣ୍ଟନ ମଧ୍ୟରୁ ସମୃଦ୍ଧ କୃଷକ ଯୋଜନାକୁ ୬,୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି, ଯାହାକି ପୂର୍ବରୁ ୫,୦୦୦ କୋଟି ଟଙ୍କା ଥିଲା। ରାଜ୍ୟ ସରକାର ଖରିଫ ମାର୍କେଟିଂ ସିଜନ୍ ୨୦୨୪-୨୫ ପାଇଁ ଯୋଜନା କାର୍ଯ୍ୟକାରୀ କରିସାରିଥିବାବେଳେ ୨୦୨୫ ଫେବୃଆରୀ ୧୫ ସୁଦ୍ଧା ୪,୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅଦ୍ୟାବଧି ଏହି ଯୋଜନାରେ ୧୩ ଲକ୍ଷ ଚାଷୀ ଉପକୃତ ହେଲେଣି। ସେହିପରି ୨୦୨୫-୨୬ ଆର୍ଥିକବର୍ଷରେ ରାଜ୍ୟର କୃଷକମାନଙ୍କୁ ଠିକ୍ ସମୟରେ ଆର୍ଥିକ ସହାୟତା ଏବଂ ଇନ୍‌ପୁଟ୍ ସପୋର୍ଟ ପ୍ରଦାନ ସକାଶେ ସିଏମ୍-କିଷାନ ଯୋଜନାରେ ୨,୦୨୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଡାଲିଜାତୀୟ ଶସ୍ୟ, ତୈଳବୀଜ, ପରିବା ଚାଷ ଲାଗି ଫସଲ ବିବିଧକରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୬୯୫ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ସେ କହିଛନ୍ତି, ମେଗା ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ୨ ଲକ୍ଷ ହେକ୍ଟର ଆୟକଟ୍ ଅଞ୍ଚଳରେ ବିବିଧ ଅଣଧାନ ଫସଲ ପାଇଁ ଯୋଜନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ମଡେଲ ଏଗ୍ରିକଲ୍‌ଚର ପ୍ରଡକ୍ସନ କ୍ଲଷ୍ଟର (ଏପିସି) ପ୍ରତିଷ୍ଠା କରି କ୍ଷୁଦ୍ର ଓ ନାମମାତ୍ର ମହିଳା ଚାଷୀଙ୍କ ଆୟ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖିଛନ୍ତି।

ସେହିପରି ରାଜ୍ୟରେ ଆଳୁ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ରବି ଆଳୁ ଚାଷକୁ ସମର୍ଥନ ଦେବେ। ଚଳିତବର୍ଷ ସରକାର ଏହି ଅଭିଯାନରେ ୧.୮୦ ଲକ୍ଷ କୃଷକଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ କୃଷି ବିଭାଗ ରବି ଋତୁରେ ୧.୬୦ ଲକ୍ଷ କୁଇଣ୍ଟାଲ ପ୍ରମାଣୀକୃତ ଆଳୁ ବୀଜ ଯୋଗାଇ ଦେଇଥିବା ସେ ସୂଚନା ଦେଇଛନ୍ତି।


ମୁଖ୍ୟମନ୍ତ୍ରୀ ଓଡ଼ିଶାର ଫ୍ଲାଗ୍‌ସିପ୍ ଯୋଜନା 'ଶ୍ରୀ ଅନ୍ନ ଅଭିଯାନ' ପାଇଁ ୬୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ପୋଷଣଜନିତ ଅସୁବିଧାର ସମାଧାନ ଓ କୃଷିଖାଦ୍ୟ ବ୍ୟବସ୍ଥାରେ ନିରନ୍ତରତା ବଜାୟ ରଖିବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ମାଝୀ ଆହୁରି କହିଛନ୍ତି, ଏହି ଯୋଜନାରେ ୩୦ ଜିଲାର ୧୭୭ ବ୍ଲକ୍‌କୁ ସାମିଲ କରାଯିବ।

ମାଣ୍ଡିଆ କୁଇଣ୍ଟାଲ ପ୍ରତି ୪,୫୦୦ ଟଙ୍କାରେ କିଣିବା ପାଇଁ ଯୋଜନା ରହିଛି। ବର୍ତ୍ତମାନ ଏହାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୪,୨୯୦ ଟଙ୍କା ଥିବାବେଳେ ରାଜ୍ୟ ସରକାର ଅତିରିକ୍ତ ୨୧୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକବର୍ଷ ମଧ୍ୟରେ ଶୀତଳଭଣ୍ଡାରଗୁଡ଼ିକୁ ୨୫୨ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଗୃହରେ ଏନେଇ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର କୋଲ୍ଡ ଷ୍ଟୋରେଜ୍ ପଲିସି ଶୀତଳଭଣ୍ଡାରଗୁଡ଼ିକର ଆର୍ଥିକ ସ୍ଥିତିକୁ ମଜଭୁତ କରିଛି। ଏହା ଘରୋଇ ଉଦ୍ୟୋକ୍ତାମାନଙ୍କୁ ପ୍ରୋତ୍ସାହିତ କରିବ। ଏଥିସହ ରାଜ୍ୟର ସମସ୍ତ ୫୮ ସବ୍‌ଡିଭିଜନ୍‌ରେ ନୂଆ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ। କେବଳ ଏତିକି ନୁହେଁ, ଯେଉଁ ଶୀତଳଭଣ୍ଡାରଗୁଡ଼ିକ ଅଚଳ ହୋଇ ପଡ଼ିରହିଛି, ସେଗୁଡ଼ିକୁ ମଧ୍ୟ କାର୍ଯ୍ୟକ୍ଷମ କରାଯିବ। ଏହି ଯୋଜନା ଅଧୀନରେ ଅଚଳ କୋଲ୍ଡ ଷ୍ଟୋରେଜ୍‌ଗୁଡ଼ିକର ପୁନରୁଦ୍ଧାର ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ।

'ଫାର୍ମ ମେକାନାଇଜେଶନ୍ ଆଣ୍ଡ୍ ଏଗ୍ରିକଲ୍‌ଚର ଏଣ୍ଟରପ୍ରିନ୍ୟୁରଶିପ୍' ଯୋଜନା ଅଧୀନରେ ୪୨୫ କୋଟି ଟଙ୍କା ଆବଣ୍ଟନର ସେ ପ୍ରସ୍ତାବ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ) ଅଧୀନରେ କୃଷି-ଉଦ୍ୟୋଗଗୁଡ଼ିକୁ ଇଜ୍ ଅଫ୍ ଡୁଇଂ ଏଗ୍ରି-ବିଜ୍‌ନେସ୍ ଜରିଆରେ ପ୍ରୋତ୍ସାହନ ଦିଆଯାଉଛି। ଏହି ଯୋଜନା ପାଇଁ ୨୬୪ କୋଟି ଟଙ୍କାର ଆବଣ୍ଟନ କରାଯାଇଛି।

ଶିକ୍ଷା, ଗବେଷଣା ଓ କୃଷିର ପ୍ରସାରକୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ୍ ଟେକ୍ନୋଲୋଜିକୁ ୫୧୧ କୋଟି ଟଙ୍କା ଆବଣ୍ଟିତ ହୋଇଛି। ଏହାବାଦ୍ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ୍ (ଏଫ୍‌ପିଓ)ଗୁଡ଼ିକ ପାଇଁ ୭୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଓଡ଼ିଶାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟ ବୃଦ୍ଧି ସହ ଜୀବିକାକୁ ଉନ୍ନତ କରିବା ସକାଶେ ଏଥିରେ ଋଣ ଉପଲବ୍ଧତା, ଆର୍ଥିକ, ବୈଷୟିକ ଓ ଭିତ୍ତିଭୂମି ସହାୟତା ଏବଂ ବଜାର ସଂଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିବା ମୁଖ୍ୟମନ୍ତ୍ରୀ ବଜେଟ ଉପସ୍ଥାପନ ବେଳେ ସୂଚନା ଦେଇଛନ୍ତି।




## ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା': ୫୦୦ ବିଲିୟନ୍ ଡଲାର ଅର୍ଥନୀତି ଲକ୍ଷ୍ୟ



'ସମୃଦ୍ଧ ଓଡ଼ିଶା' ଏବଂ 'ବିକଶିତ ଓଡ଼ିଶା' ଗଠନ ପାଇଁ ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟର ସମୟସୀମା ଧାର୍ଯ୍ୟ କରିଛନ୍ତି। ରାଜ୍ୟର ଅର୍ଥନୀତି ନିରନ୍ତର ୭% ହାରରେ ଅଭିବୃଦ୍ଧି ଘଟାଇ ଏବଂ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଲକ୍ଷ୍ୟ ହାସଲ କରିବାକୁ ମୋହନ ସରକାର ରୂପରେଖ ପ୍ରସ୍ତୁତ କରିଛନ୍ତି। ଏହାସହିତ ୨୦୪୭ ମସିହା ସୁଦ୍ଧା 'ବିକଶିତ ଓଡ଼ିଶା' ଲକ୍ଷ୍ୟ ହାସଲ କରିବେ ବୋଲି ବଜେଟ ପୁସ୍ତିକାରେ ଦାବି କରିଛନ୍ତି। ଓଡ଼ିଶା ୨୦୩୬ରେ ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ବୋଲି ଆଶା ବାନ୍ଧିଛନ୍ତି। ସରକାର ୨୦୩୬ ମସିହା ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଠନ କରିବେ, ଯେଉଁଥିରେ ସୁସ୍ଥ, ସମାନତା, ସମୃଦ୍ଧି, ଆଞ୍ଚଳିକ ବୈଷମ୍ୟ ଦୂରର ପ୍ରମାଣ ମିଳିବ। ଜଳବାୟୁ ଅନୁକୂଳ ଓ ଅନ୍ନଦାତା, ଓଡ଼ିଶା ଅସ୍ମିତା ଏବଂ ଲୋକଙ୍କ ସରକାରକୁ ଗୁରୁତ୍ୱ ଦେଇ ଏହି ଲକ୍ଷ୍ୟ ହାସଲ ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଥିବା ବିଷୟ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ ପୂର୍ବରୁ ରାଜଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ଭେଟି ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ କପି ପ୍ରଦାନ କରୁଛନ୍ତି।

# ଆର୍ଥିକ ସ୍ଥିତି, ଋଣବୋଝ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୨୦୨୫-୨୬ ଆର୍ଥିକବର୍ଷ ପାଇଁ ୨.୯୦ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି, ଯାହାକି ୨୦୨୪-୨୫ ଆର୍ଥିକବର୍ଷର ବଜେଟ ପରିମାଣ ୨.୬୫ ଲକ୍ଷ କୋଟି ଟଙ୍କା ତୁଳନାରେ ୯% ଅଧିକ। ୨୦୨୩-୨୪ରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୯.୬% ରହିଥିବାବେଳେ ୨୦୨୪-୨୫ରେ ଏହା ୭.୨%କୁ ହ୍ରାସ ପାଇଛି। ବଜେଟରେ ବିତ୍ତୀୟ ନିଅଣ୍ଟ ପରିମାଣରେ ୦.୧% ବୃଦ୍ଧି ପାଇଛି। ୨୦୨୪-୨୫ରେ ବିତ୍ତୀୟ ନିଅଣ୍ଟ ରାଜ୍ୟ ଜିଡିପିର ୩.୧% ଥିବାବେଳେ ସଦ୍ୟ ବଜେଟରେ ଏହା ୩.୨%କୁ ବଢ଼ିବ। ୨୦୨୩-୨୪ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ପରିମାଣ ରାଜ୍ୟ ଜିଡିପିର ୧.୮%(ସଂଶୋଧିତ ବଜେଟରେ) ରହିଥିଲା। ଏଫ୍‌ଆରବିଏମ୍ ଆକ୍ଟ ଅନୁସାରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ପରିମାଣ ସର୍ବାଧିକ ରାଜ୍ୟ ଜିଡିପିର ୩.୫% ପର୍ଯ୍ୟନ୍ତ ହୋଇପାରିବ। ସେହିପରି ରାଜ୍ୟର ଋଣବୋଝ ମଧ୍ୟ ୧% ବୃଦ୍ଧି ପାଇ ଜିଡିପିର ୧୨.୭%କୁ ଛୁଇଁବ ବୋଲି ଆକଳନ ହୋଇଛି।

୨୦୨୪-୨୫ ଆର୍ଥିକବର୍ଷର ସଂଶୋଧିତ ବଜେଟରେ ରାଜ୍ୟର ଋଣବୋଝ ପରିମାଣ ୧ଲକ୍ଷ ୧୦ହଜାର ୭୧୪କୋଟି ଟଙ୍କା ଥିବାବେଳେ ୨୦୨୫-୨୬ରେ ଏହା ବୃଦ୍ଧି ପାଇ ୧ଲକ୍ଷ ୩୪ହଜାର ୯୧୪କୋଟି ଟଙ୍କା (ରାଜ୍ୟ ଜିଡିପିର ୧୨.୭%)ଛୁଇଁବ। ରାଜ୍ୟରେ ମୁଣ୍ଡପିଛା ଋଣବୋଝ ୨୮୭୦୫ଟଙ୍କା ହେବ। ତେବେ ୨୦୨୯-୩୦ ଆର୍ଥିକବର୍ଷ ବେଳକୁ ସରକାର ରାଜ୍ୟ ଜିଡିପିର ୧୫.୭% ପ୍ରତିଶତ ଋଣ ଆହରଣ କରିଥିବେ ବୋଲି ଆକଳନ କରିଛନ୍ତି। ଏଫ୍‌ଆରବିଏମ୍ ଆକ୍ଟ ଆଧାରରେ ଋଣ ପରିମାଣ ରାଜ୍ୟ ଜିଡିପିର ୨୫% ମଧ୍ୟରେ ରହିବା ଜରୁରୀ ଥିବାବେଳେ ଓଡ଼ିଶା ଏଦିଗରେ ଭଲ ସ୍ଥିତିରେ ଅଛି ବୋଲି ବଜେଟରେ ସରକାର ଦାବି କରିଛନ୍ତି। ରାଜ୍ୟର ଜିଡିପି ପରିମାଣ ୨୦୨୪-୨୫ରେ ୯.୨୬ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୫-୨୬ରେ ଏହା ୮% ହାରରେ ବାସ୍ତବ ଅଭିବୃଦ୍ଧି କରି ୧୦.୬୭ଲକ୍ଷ କୋଟି ଟଙ୍କା ଛୁଇଁବା ନେଇ ଆକଳନ କରାଯାଇଛି। ତେବେ ୨୦୨୪-୨୫ର ସଂଶୋଧିତ ଆକଳନ ଅନୁସାରେ ରାଜ୍ୟର ଜିଡିପି ପରିମାଣର ୯.୪୯ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଅଗ୍ରିମ ଆକଳନରୁ ଜଣାପଡ଼ିଛି।




| ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଆବଣ୍ଟନ (କୋଟି ଟଙ୍କା) | |
|---|---|
| କ୍ଷେତ୍ର | ମୋଟ ବଜେଟର ଅଂଶ |
| ସ୍ୱାସ୍ଥ୍ୟସେବା - ୨୩,୬୩୫ | ୮.୨% |
| ଶିକ୍ଷା - ୪୧,୨୭୩ | ୧୪.୨% |
| ସାମାଜିକ ସୁରକ୍ଷା - ୨୪,୨୫୦ | ୮.୪% |
| ମହିଳା - ୧୭,୯୯୮ | ୬.୨% |
| କୃଷି ଓ ଆନୁଷଙ୍ଗିକ - ୩୭,୮୩୮ | ୧୧.୬% |
| ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ - ୧୬,୨୭୩ | ୧୫.୩% |
| ଗ୍ରାମୀଣ ବିକାଶ - ୩୯,୨୨୧ | ୧୩.୫% |
| ନଗର ଉନ୍ନୟନ - ୯,୯୮୫ | ୩.୪% |

ପ୍ରଥମ ପୃଷ୍ଠାରୁ...

## କିଟ୍‌ରେ ନେପାଳୀ ଛାତ୍ରୀ...


ରବିବାର ରାତିରେ କିଟ୍ କ୍ୟାମ୍ପସ୍ ଭିତରେ ଆନ୍ଦୋଳନ।

■ କ୍ୟାମ୍ପସରେ ବିକ୍ଷୋଭ, ହସ୍ତକ୍ଷେପ କଲେ ନେପାଳ ପ୍ରଧାନମନ୍ତ୍ରୀ

■ ନେପାଳ ଦୂତାବାସ ଚିନ୍ତାପ୍ରକଟ କରି ନିରପେକ୍ଷ ତଦନ୍ତ ଦାବି କଲା

ହୋଇଥିବା ଅଭିଯୋଗ ହୋଇଛି। ପୁରୁଷବନ୍ଧୁଙ୍କ ବ୍ଲାକମେଲ୍‌ରୁ ପ୍ରକ୍ରିତି ଏଭଳି କରିବାକୁ ବାଧ୍ୟ ହୋଇଥିଲେ ବୋଲି ସହପାଠୀମାନେ ଦାବି କରିବା ସହ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଶତାଧିକ ନେପାଳୀ ଛାତ୍ରୀଛାତ୍ର ରବିବାର ରାତିରୁ ଆନ୍ଦୋଳନ କରିବା ସହ ସୋମବାର ସକାଳୁ ମଧ୍ୟ ବିଶ୍ୱବିଦ୍ୟାଳୟ ସାମ୍ନା ରାସ୍ତାକୁ ଅବରୋଧ କରି ବିକ୍ଷୋଭ କରିଥିଲେ। ସେପଟେ ଏହି ଘଟଣାରେ ପୁରୁଷବନ୍ଧୁ ବିଟେକ୍ ତୃତୀୟ ବର୍ଷ (ମେକାନିକାଲ)ର ଛାତ୍ର ଆଦଭିକ୍ ଶ୍ରୀବାସ୍ତବଙ୍କ ବ୍ଲାକମେଲ୍ ସହି ନ ପାରି ପ୍ରକ୍ରିତି ଏଭଳି ଚରମ ନିଷ୍ପତ୍ତି ନେଇଥିବା ତାଙ୍କ ସମ୍ପର୍କୀୟ ଭାଇ ସିଦ୍ଧାନ୍ତ ସିଗ୍‌ଦେଲ୍ କହିଛନ୍ତି। ସିଗ୍‌ଦେଲଙ୍କ ଏତଲା ଆଧାରରେ ଇନ୍‌ଫୋସିଟି ଥାନା ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଦଫା ୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା (ନଂ.୫୪/୨୦୨୫) ରୁଜୁ କରିଛି। ଅଭିଯୁକ୍ତ ଆଦଭିକ୍ ରାଜ୍ୟ ବାହାରକୁ ଖସି ପଳାଉଥିବା ବେଳେ ପୋଲିସ ଟିମ୍ ତାଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଗିରଫ କରିଛି। ଆଦଭିକ୍‌ଙ୍କୁ କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ତାଙ୍କ ଘର ଲକ୍ଷ୍ନୌରେ ହୋଇଥିବାବେଳେ ସେ ନନ୍ଦନକାନନ ଥାନା ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ରହୁଥିଲେ। ତାଙ୍କ ପାଖରୁ ମୋବାଇଲ ଓ ଲାପଟପ୍ ଜବତ ହୋଇଛି।

ତେବେ ଏହି ଘଟଣାକୁ ନେଇ ନେପାଳୀ ଛାତ୍ରୀଛାତ୍ର ଓ କିଟ୍ କର୍ତ୍ତୃପକ୍ଷ ମୁହାଁମୁହିଁ


ମୃତା ଛାତ୍ରୀ ପ୍ରକ୍ରିତି ଲାମ୍‌ସଲ୍


ଅଭିଯୁକ୍ତ ଆଦଭିକ୍ ଶ୍ରୀବାସ୍ତବ

ପରିସ୍ଥିତିର କେତେକ ଭିଡିଓ ଭାଇରାଲ ମଧ୍ୟ ହୋଇଛି। ଛାତ୍ରୀଙ୍କୁ ଧମକ ସହ ହଷ୍ଟେଲରୁ ବଳପୂର୍ବକ ତଡୁଥିବା ଦେଖିବାକୁ ମିଳିଛି। ଏଥିସହ ଛାତ୍ରଙ୍କୁ ସୁରକ୍ଷାକର୍ମୀ ମାଡ଼ ମାରୁଥିବା ମଧ୍ୟ ଭିଡିଓରୁ ଦେଖିବାକୁ ମିଳିଛି। ସେପଟେ କ୍ୟାମ୍ପସରେ ଅଧିକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଏଡାଇବା ପାଇଁ ସବୁ ବର୍ଷର ନେପାଳୀ ଛାତ୍ରୀଛାତ୍ରଙ୍କ କ୍ଲାସ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜ କର୍ତ୍ତୃପକ୍ଷ ବନ୍ଦ କରି 'ସାଇନ୍ ଏ ଡାଏ' ଘୋଷଣା କରିଥିଲେ। ସେମାନଙ୍କୁ ନିଜ ଘରକୁ ଫେରିଯିବାକୁ କୁହାଯିବା ସହ ତୁରନ୍ତ ହଷ୍ଟେଲ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ପ୍ରାୟ ଶତାଧିକ ନେପାଳୀ ଛାତ୍ରୀଛାତ୍ରଙ୍କୁ ବସ୍ ଯୋଗେ ବଳପୂର୍ବକ କଟକ ରେଳ ଷ୍ଟେଶନରେ ଛାଡ଼ି ଦିଆଯାଇଥିଲା। ଏହାକୁ ନେଇ ନେପାଳୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଘରକୁ ଯିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଯାଇ ତୁରନ୍ତ ଚାଲିଯିବାକୁ କୁହାଯିବାରୁ ଛାତ୍ରୀଛାତ୍ରମାନେ ଅକଳରେ ପଡ଼ିଥିଲେ। ପୋଲିସ ସୂଚନା ଅନୁଯାୟୀ, ଦୁଇବର୍ଷ ତଳେ ପ୍ରକ୍ରିତି ଓ ଆଦଭିକ୍‌ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହାରି ଭିତରେ ପ୍ରକ୍ରିତିଙ୍କ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଏବଂ ଭିଡିଓ ଉତ୍ତୋଳନ କରି ଆଦଭିକ୍ ମୋବାଇଲରେ ରଖିଥିଲେ। ଫଟୋ ଓ ଭିଡିଓ ଜରିଆରେ ସେ ପ୍ରକ୍ରିତିଙ୍କୁ ବ୍ଲାକମେଲ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହି କାରଣରୁ ଉଭୟ କିଟ୍ ଇଣ୍ଟରନ୍ୟାଶନାଲ ରିଲେଶନ୍ ଅଫିସ (ଆଇଆର୍‌ଓ)ରେ ସାହାଯ୍ୟ ନେଇଥିବାବେଳେ ଦୁଇଥର ଏହି ସମସ୍ୟାର ଆପୋସ ସମାଧାନ ହୋଇଥିଲା। ହେଲେ କିଛିଦିନ ଯିବା ପରେ ଆଦଭିକ୍ ପୂର୍ବଭଳି ସମ୍ପର୍କ ରଖିବା ପାଇଁ ପୀଡିତାଙ୍କ ଉପରେ ଚାପ ପକାଇଥିଲେ। କିନ୍ତୁ ପ୍ରକ୍ରିତି ରାଜି ନ ହେବାରୁ ଆଦଭିକ୍ ତାଙ୍କୁ ପୁଣି ମାନସିକ ନିର୍ଯାତନା ଦେଇଥିଲେ। ରବିବାର ସକାଳେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପ୍ରକ୍ରିତି ଆତ୍ମହତ୍ୟା କରିଥିବା ନେଇ ସହପାଠୀମାନେ ଦେଖିବାକୁ ପାଇଥିଲେ। ତୁରନ୍ତ ସେମାନେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି କିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଘଟଣାକୁ ନେଇ ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଉଦ୍‌ବେଗ ପ୍ରକାଶ କରିବା ସହ ନେପାଳ ଦୂତାବାସ ଘଟଣାକୁ ନେଇ ଚିନ୍ତାପ୍ରକଟ କରିବା ସହ ଛାତ୍ରୀ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି। ତେବେ ଏହାପରେ ସନ୍ଧ୍ୟାରେ କିଟ୍ ପକ୍ଷରୁ ନୋଟିସ୍ ଜାରି କରି ଛାତ୍ରୀଛାତ୍ରମାନଙ୍କୁ ଫେରିଆସିବାକୁ ଅପିଲ୍ କରାଯାଇଛି। ଯେଉଁମାନେ ଯାଇଛନ୍ତି କିମ୍ବା ଯିବାକୁ ବସିଛନ୍ତି, ସେମାନେ ଫେରିବାକୁ କୁହାଯାଇଛି। ତେବେ କ୍ୟାମ୍ପସରେ ସ୍ଥିତି ସ୍ୱାଭାବିକ ରହିବ ବୋଲି ନୋଟିସ୍‌ରେ ଦର୍ଶାଯାଇଛି।

## ଝିଅ ପରେ ଚାଲିଗଲା ମା'ଙ୍କ ଜୀବନ

### ତମାଣ୍ଡୋ ଅଞ୍ଚଳରେ ମୋ ବସ୍ ଦୁର୍ଘଟଣା ମାମଲା

ଭୁବନେଶ୍ୱର,୧୭।୨
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡ଼ା ଡିଏନ୍ ରେଗାଲିଆ ନିକଟରେ ଶୁକ୍ରବାର ରାତିର ଘଟିଥିବା ମୋ ବସ୍ ଦୁର୍ଘଟଣାରେ ଆହତ ଆଉ ଜଣଙ୍କ ସୋମବାର ମୃତ୍ୟୁ ଘଟିଛି। ଘଟଣା ଦିନ ଝିଅ ନନ୍ଦିନୀଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ତାଙ୍କ ମା'ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତା ହେଲେ କଳିଙ୍ଗନଗରର ରାଜକୁମାରୀ ପ୍ରଧାନ(୭୬)।

ସୂଚନା ଅନୁଯାୟୀ, ନନ୍ଦିନୀ, ମା' ରାଜକୁମାରୀ ଓ ଭାଇ ବିଦ୍ୟାସାଗର ପ୍ରଧାନ ଦୁଇଟି ସ୍କୁଟି ଯୋଗେ ଡିଏନ୍ ରେଗାଲିଆ ନିକଟ ବସ୍ ରହଣିସ୍ଥଳ ପାଖରେ ବସ୍‌କୁ ଅପେକ୍ଷା କରିଥିଲେ। ସେଠାରେ ମଧ୍ୟ ଅନ୍ୟଜଣେ ମହିଳା ଆଞ୍ଜେଲିନା ନାୟକ, ସ୍ୱାମୀ ସତ୍ୟବାନ ନାୟକ ଏବଂ ତାଙ୍କ ଜ୍ୱାଇଁ ସିକେନ୍ଦ୍ର ପରିଚ୍ଛା ଛିଡ଼ା ହୋଇଥିଲେ। ଏହି ସମୟରେ ରୁଟ୍ ନଂ.୩୩(ଭୁବନେଶ୍ୱର ରେଳ ଷ୍ଟେଶନରୁ ପିପିଲି) ମଧ୍ୟରେ ଚଳାଚଳ କରୁଥିବା ଓଡି୦୨-ଜେ-୯୪୧୦ ନମ୍ବର ବିଶିଷ୍ଟ ମୋ ବସ୍‌ଟି ପାତ୍ରପଡ଼ା ଡିପୋକୁ ଦ୍ରୁତ ଗତିରେ ଫେରୁଥିବାବେଳେ ସେମାନଙ୍କ ଉପରକୁ ମାଡ଼ି ଯାଇଥିଲା। କେତେଜଣଙ୍କୁ ଧକ୍କା ଦେବା ସହ ଆଉ କେତେଜଣଙ୍କ ଉପରେ ଚଢ଼ିଯାଇଥିଲା। ନନ୍ଦିନୀ ଓ ତାଙ୍କ ଭାଇ ବିଦ୍ୟାସାଗରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟମାନଙ୍କୁ ଏମ୍ସକୁ ନିଆଯାଇଥିଲା। ହେଲେ ନନ୍ଦିନୀଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ରାସ୍ତାରେ ନନ୍ଦିନୀଙ୍କ ଆଙ୍ଗୁଠି ମଧ୍ୟ ଛିଡିକି ପଡ଼ିଥିବା ଦେଖିବାକୁ ମିଳିଥିଲା। ଦୁର୍ଘଟଣା ଘଟାଇବା ପରେ ଅଭିଯୁକ୍ତ ଚାଳକ ପ୍ରଶାନ୍ତ ମୋ ବସ୍ ନେଇ ଖୋର୍ଦ୍ଧା ଅଭିମୁଖେ ଖସି ପଳାଉଥିବା ସମୟରେ ରାସ୍ତାରେ ଏକାଧିକ ଗାଡ଼ିକୁ ଧକ୍କା ଦେଇଥିଲେ। କେତେଜଣ ଲୋକ ପିଛା କରି ବସ୍‌କୁ ଅଟକାଇବା ସହ ଡ୍ରାଇଭର ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଘଟଣାରେ ପୋଲିସ ଚାଳକ ପ୍ରଶାନ୍ତଙ୍କୁ ପରବର୍ତ୍ତୀ ସମୟରେ ଗିରଫ କରିଥିଲା।

## ସକାଳୁଆ ପାଠପଢ଼ା, ପରୀକ୍ଷା ନିର୍ଦ୍ଦେଶ

### ଏସ୍‌ଓପି ଜାରି କଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୧୭।୨(ସୁଚିସ୍ମିତା ସାହୁ)

ରାଜ୍ୟରେ ତାପମାତ୍ରା ବଢ଼ିବାରେ ଲାଗିଛି। ଖରା ତାତି ଅସହ୍ୟ ହେଉଥିବାରୁ ଏହା ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ପ୍ରଭାବିତ କରୁଛି। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ସକାଳୁଆ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନେଇଛି। ଏନେଇ ବିଭାଗ ପକ୍ଷରୁ ସୋମବାର ଏକ ଏସ୍‌ଓପି ଜାରି କରାଯାଇଛି। ଏଥିସହ ବିଶ୍ୱବିଦ୍ୟାଳୟର କୁଳସଚିବ ଓ କଲେଜ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ଚିଠି ଲେଖି ଆବଶ୍ୟକ ପଦକ୍ଷପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ପାଇଁ ସକାଳୁଆ ପାଠପଢ଼ା ସହ ପରୀକ୍ଷା କରିବାକୁ ସେଥିରେ ଉଲ୍ଲେଖ କରାଯାଇଛି। ସେହିଭଳି ଉଚ୍ଚଶିକ୍ଷାନୁଷ୍ଠାନଗୁଡିକରେ ପ୍ରଚୁର ପରିମାଣର ପାନୀୟ ଜଳ ଓ ଓଆର୍‌ଏସ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାମ୍ପସରେ ଥିବା ସମସ୍ତ ନଳକୂପ ଓ ପାଣି ପାଇପ୍‌ଗୁଡିକୁ ସଜାଡିବାକୁ ପରାମର୍ଶ ଦିଆଯାଇଛି। କଲେଜ ଏବଂ ପରୀକ୍ଷା କେନ୍ଦ୍ରଗୁଡିକରେ ପ୍ରାଥମିକ ଚିକିତ୍ସା ସାମଗ୍ରୀ ରଖିବା ପାଇଁ କୁହାଯାଇଛି। ଏପରିକି ଗ୍ରୀଷ୍ମ ପ୍ରବାହଜନିତ ସ୍ଥିତିର ମୁକାବିଲା ସହ ଏସ୍‌ଓପି ପାଳନର ତଦାରଖ ପାଇଁ ସ୍କ୍ୱାଡ୍ ଗଠନ କରାଯିବ ବୋଲି ସୂଚନା ଦିଆଯାଇଛି।

### ଏଏସ୍‌ଓଙ୍କୁ ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା

## ଲିଖିତ ଅଭିଯୋଗ ହୋଇନାହିଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୨
(ଅନୁରାଧା ମହାରଣା)

ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ ମୋହନ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସୋମବାର ବିଧାନସଭା ଗୃହରେ ଲିଖିତ ଉତ୍ତର ରଖିଛନ୍ତି। ଏହି ଘଟଣାରେ ଏଯାଏ କୌଣସି ଲିଖିତ ଅଭିଯୋଗ ହୋଇନାହିଁ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଏସ୍‌ଓଙ୍କୁ ମାଡ଼ ଓ ନିର୍ଯାତନା ନେଇ ପୁରୀ ସାମୁଦ୍ରିକ ଥାନାରେ କିଛି ଅଭିଯୋଗ ହୋଇନାହିଁ। ଗୋଟିଏ ଅନ୍‌ଲାଇନ୍ ଅଭିଯୋଗ ସିପିଟିଏନ୍‌ସି ପୋର୍ଟାଲ ମାଧ୍ୟମରେ ହିଁ ହୋଇଛି। ଏଏସ୍‌ଓ ବୈକୁଣ୍ଠ ପ୍ରଧାନ ପୋର୍ଟାଲରେ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ତଦନ୍ତ ଚାଲିଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବୈକୁଣ୍ଠଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ ଜୁଲାଇ ୭ ଓ ୮ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରହଣି ବ୍ୟବସ୍ଥା ତଦାରଖ ପାଇଁ ତାଙ୍କୁ ରାଜଭବନରେ ନିୟୋଜିତ କରାଯାଇଥିଲା। ରାତି ପ୍ରାୟ ୧୧ଟା ୪୫ରେ ସେ ରାଜଭବନସ୍ଥିତ ଅଫିସ ରୁମ୍‌ରେ ବସିଥିବାବେଳେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ରୋଷେୟା ଆକାଶ ସିଂ ତାଙ୍କ ପାଖକୁ ଆସି ଲଳିତ କୁମାର ଡାକୁଥିବା କହିଥିଲେ। ଲଳିତଙ୍କୁ ଭେଟିବାକୁ ସେ ଯାଇଥିଲେ ଓ ତାଙ୍କୁ ଦେଖୁଦେଖୁ ଲଳିତ ଉତ୍‌କ୍ଷିପ୍ତ ହୋଇ ଅତ୍ୟନ୍ତ ଅଶାଳୀନ ଭାଷାରେ ବଡ଼ ପାଟିରେ ଗାଳିଗୁଲଜ କରିଥିଲେ। ତାଙ୍କର ଏଭଳି ଆଚରଣକୁ ପ୍ରତିବାଦ କରିବାରୁ ଲଳିତ ତାଙ୍କୁ ଚାପୁଡ଼ା ମାରିବା ଆରମ୍ଭ କରିଥିଲେ। ରୁମ୍‌ରୁ ଦୌଡ଼ି ପଳାଇ ଆସି ଆନେକ୍ସ ବିଲ୍ଡିଂରେ ଲୁଚି ରହିବାକୁ ଚେଷ୍ଟା କରିଥିଲେ। ମାତ୍ର ଲଳିତଙ୍କର ଦୁଇଜଣ ପିଏସ୍‌ଓ ତାଙ୍କୁ ଖୋଜି ପୁଣିଥରେ ଲଳିତଙ୍କ ପାଖକୁ ଟେକି ନେଇଯାଇଥିଲେ। ଲଳିତ ସେଠାରେ ତାଙ୍କ ମୁହଁକୁ ଚାପୁଡ଼ା ସହ ଶରୀରର ବିଭିନ୍ନ ଭାଗକୁ ଗୋଇଠା ମାରିଥିଲେ। ଏପରିକି ସେ ତାଙ୍କୁ ହତ୍ୟା ପାଇଁ ଧମକ ଦେଇଥିବା ଏଏସ୍‌ଓ ବୈକୁଣ୍ଠନାଥ ଅଭିଯୋଗ କରିଥିଲେ।

## ରାଜପଥରେ ଟ୍ରକ୍ ଚାଳକଙ୍କୁ ଲୁଟ

**ପରଜଙ୍ଗ, ୧୭।୨ (ନିଗମାନନ୍ଦ ଦଳବେହେରା):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ପରଜଙ୍ଗ ଶାଖା କେନାଲ ନିକଟରେ ସୋମବାର ଅପରାହ୍ଣରେ ଏକ ଟ୍ରେଲର (ନଂ. ଆର୍‌ଜେ୩୯ଜିବି- ୧୭୦୫)ର ଚାଳକ ନାନରାମ ଜାଠଙ୍କୁ ମାଡ଼ ମାରି ୧୦ ହଜାର ଟଙ୍କା ଲୁଟ୍ କରାଯାଇଛି। ୨ଟି ମୋଟର ସାଇକେଲରେ ଆସିଥିବା ୪ଜଣ ଦୁର୍ବୃତ୍ତ ଏହି ଲୁଟ୍ କରି ଫେରାର ହୋଇଯାଇଛନ୍ତି।

## ଛାତ୍ରୀଙ୍କୁ ଶିକ୍ଷକଙ୍କ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ

ନିରାକାରପୁର,୧୭।୨
(ମାନାସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅଧୀନ ଡିଆ ପଞ୍ଚାୟତର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ବରିଷ୍ଠ ଶିକ୍ଷକ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ନେଇ ବ୍ଲକ୍ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ସମ୍ପୃକ୍ତ ଶିକ୍ଷକ ଜଣଙ୍କ ଛାତ୍ରୀମାନଙ୍କୁ ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ କରିଆସୁଥିଲେ। ଏନେଇ ଛାତ୍ରୀମାନେ ଘରେ ଜଣାଇବା ପରେ ଅଭିଭାବକମାନେ ଘଟଣା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ଅବଗତ କରାଇଥିଲେ। ଗତ ୧୪ ତାରିଖରେ ଏନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବ୍ଲକ୍ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୋମାବାର ରାମେଶ୍ୱର କ୍ଲଷ୍ଟର ସାଧନାକେନ୍ଦ୍ରର ସଂଯୋଜକ ସୁଶାନ୍ତ ମଲ୍ଲିକ ଏବଂ ଅତିରିକ୍ତ ଶିକ୍ଷାଧିକାରୀ ସୁଧା ମଂଜରୀ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଅଭିଯୋଗ ଆସିଥିବା ସମ୍ପୃକ୍ତ ଶିକ୍ଷକଙ୍କ ମୋବାଇଲ ନମ୍ବରକୁ କଲ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ତେବେ ଘଟଣା ସମ୍ପର୍କରେ ନୂତନ ଶିକ୍ଷାଧିକାରୀଙ୍କୁ ଅବଗତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଶିକ୍ଷାଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ଆସିଥିବା ସମ୍ପୃକ୍ତ ଶିକ୍ଷକ କୁହନ୍ତି, ଦୁଇ ମାସ ହେବ ଛୁଟିରେ ଅଛି। ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯାଗ ଭିତ୍ତିହୀନ।

## ମହୁ ଖାଇବାକୁ ଆସି ଭାଲୁର ପ୍ରାଣ ଗଲା

ନୀଳଗିରି, ୧୭।୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ମିତ୍ରପୁର ଅଯୋଧ୍ୟା ରାସ୍ତା ସିନ୍ଦୁରଗଡରା ପାଖରେ ମହୁ ଖାଇବା ଆଶାରେ ରବିବାର ରାତିରେ ଭାଲୁଟି ଗଛରେ ଚଢିଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛି। ସୋମବାର ସକାଳେ ଅଞ୍ଚଳବାସୀ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ତଦନ୍ତ କରିବା ସହ ଭାଲୁର ମୃତଦେହକୁ ତଳକୁ ଆଣି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସ୍ୱର୍ଣ୍ଣଚୂଡ ସଂରକ୍ଷିତ ଜଙ୍ଗଲରୁ ଏକ ମା' ଭାଲୁ ଛୁଆଙ୍କୁ ଧରି ଖାଦ୍ୟ ଅନ୍ୱେଷଣରେ ମିତ୍ରପୁର ଅଞ୍ଚଳକୁ ଆସିଥିଲା। ମିତ୍ରପୁର ସିନ୍ଦୁରଗଡରା ଅଯୋଧ୍ୟା ରାସ୍ତା କଡ଼ରେ ଥିବା ଏକ ବର ଗଛରେ କିଛି ବାଘୁଆ ମହୁଥିବା ବେଳେ ଏହାକୁ ଖାଇବା ପାଇଁ ଭାଲୁଟି ଚଢ଼ି ମହୁ ମଧ୍ୟ ଖାଇଥିଲା। ମହୁ ଖାଇ ବରଗଛରୁ ପାଖରେ ଥିବା ଟ୍ରାନ୍ସଫର୍ମର ଖୁଣ୍ଟ ଧରି ତଳକୁ ଓହ୍ଲାଉଥିବା ବେଳେ ବିଦ୍ୟୁତ ଟ୍ରାନ୍ସଫର୍ମର ତାର ସଂସ୍ପର୍ଶରେ ଆସି ଭାଲୁର ମୃତ୍ୟୁ ହୋଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ମୋକ୍ଷ ପକ୍ଷରୁ ୧୫ତମ ଯୁଗଳବନ୍ଦୀ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ(ଏମ୍) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିପିଆଇ(ଏମ୍) ରାଜ୍ୟ ଅଫିସ, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍ତର ପୁରୁଷ ନାଟକ ଉତ୍ସବ ଅବସରରେ ନାଟକ 'ପଞ୍ଚାନନ ଉପାଖ୍ୟାନ' ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୦।

## ଖୋର୍ଦ୍ଧା
- ଜଟଣୀ ପୌର ପରିଷଦ ପକ୍ଷରୁ ନକ୍ସା ପାଇଲଟ କାର୍ଯ୍ୟକ୍ରମର ଆଭାସୀ ମାଧ୍ୟମରେ ସିଧାପ୍ରସାରଣ, ସ୍ଥାନ: ଟାଉନ ହଲ(ସ୍ରଷ୍ଟା), ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶୁପଲ୍ଲୀ ଖେଳପଡ଼ିଆ, ବେଗୁନିଆ,ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଏଫ୍‌ଏମ୍‌ୟୁରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୭୮ତମ ସାର୍ବଜନୀନ ବାଣୀଶ୍ରୀ ମେଳାର ସପ୍ତମ ସନ୍ଧ୍ୟା, ସ୍ଥାନ: ବଗଦା, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ, ସ୍ଥାନ: ଚନ୍ଦ୍ରଭାନୁପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ଅଷ୍ଟମ ପ୍ରହର ଦିବା ରାତ୍ର ନାମ ସଂକୀର୍ତ୍ତନ, ସ୍ଥାନ: ଛେନାପଦୀ, ହାଟଡିହୀ, ସମୟ : ସକାଳ ୫ ଟା
- ବରିଷ୍ଠ ନାଗରିକ ଏବଂ ସାଧାରଣ ଲୋକଙ୍କୁ ନେଇ ନନ୍ଦିପଦା ପୋଲିସର ସଚେତନତା ସଭା, ସ୍ଥାନ: ହାଟଡିହୀ ହାଇସ୍କୁଲ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।

- ଶିଶୁ ବାଟିକାରେ ବେଦ ଏବଂ ଆଧ୍ୟାତ୍ମିକ ଶିକ୍ଷା କାର୍ଯ୍ୟକ୍ରମ, ସ୍ଥାନ:ହାବଲେଶ୍ୱର, ହାଟଡିହୀ, ସମୟ : ଅପରାହ୍ନ ୪ ଟା।

## ମୟୂରଭଞ୍ଜ
- ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରର ଯଜ୍ଞାନୁଷ୍ଠାନର ଦେବପୂଜା, ସ୍ଥାନ: ମୁର୍ମୁ ଛକ କୁଚେଇବୁଢୀ, ରାଇରଙ୍ଗପୁର, ସମୟ: ସକାଳ ୮ଟା।
- କ୍ରିକେଟ ମ୍ୟାଚ୍, ସ୍ଥାନ: ବାରିପଦା ଷ୍ଟାଡିୟମ୍ ପଡ଼ିଆ, ସମୟ: ସକାଳ ୯ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବୁଗୁଡ଼ା ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ହନୁମାନଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ଲାଗି ନାମଯଜ୍ଞ ଆରମ୍ଭ, ସ୍ଥାନ: ବାଲିଗୁଡ଼ା ପାଟଖଣ୍ଡା ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଶିକ୍ଷା ନିକେତନର ୨୧ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବାଲିଗୁଡା, ସମୟ : ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୩୯ ତମ ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଅଖିଳ ଚକ୍ର ପକ୍ଷରୁ ସାରସ୍ୱତ ତୀର୍ଥ ପରିକ୍ରମା,ସ୍ଥାନ : କାନ୍ତକବିଙ୍କ ଜନ୍ମପୀଠ(ତିହିଡି),ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ସକାଳ ୭ଟା।
- ବାଳିକା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲା ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ନୟାଗଡ଼ ଏନ୍‌ଏସି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କମ୍ୟୁନିଟି ହଲ୍, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ ଟା।
- ୫ ଜିଲାର ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଆରମ୍ଭ, ସ୍ଥାନ: ରାୟଗଡା ରେଳ ଷ୍ଟେଶନ,ସମୟ: ପୂର୍ବାହ୍ନ ୧୧ଟା ୪୫ ।

## କୋରାପୁଟ
- ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଆମ ମେଡିକାଲ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ମାଲକାନଗିରି
- ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋରୁକୋଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବଡସିଂହାରୀ, ସମୟ: ସକାଳ ୭ଟା।
- ଏବିଭିପି ପକ୍ଷରୁ ଯୁକ୍ତ ୨ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।
- ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ନୂଆପଡା ଏବଂ ବଲାଙ୍ଗୀର ମଧ୍ୟରେ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ଅଲ୍ ଇଣ୍ଡିଆ ଗାର୍ଡ କାଉନସିଲ୍‌ର ସୁରକ୍ଷା ସମାବେଶ, ସ୍ଥାନ: ରାଉରକେଲା ରେଳବାଇ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ଭେଙ୍କଟେଶ୍ୱରାୟ ସ୍ୱାମୀ ମନ୍ଦିର ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ପ୍ରଧାନପାଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ର ସମ୍ମିଳନୀ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ୟାମ ଖାଟୁ ମହାରାଜ ମାସିକ କୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଶ୍ରୀ ମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବର କଳସଯାତ୍ରା,ସ୍ଥାନ: ଗଙ୍ଗାଧର ନଗର, ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀ ଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଘେଁସ୍, ସୋହେଲା,ସମୟ: ସକାଳ ୮ଟା।
- ସମାଜ ସଂସ୍କାରକ ସ୍ୱର୍ଗତ ଭଗବାନ ମିଶ୍ରଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୫ଟା ୩୦।

## କଳାହାଣ୍ଡି
- ଆନ୍ତଃ ଜିଲା ଯୁବ ବିନିମୟ କାର୍ଯ୍ୟକ୍ରମ, ସ୍ଥାନ: ନେହେରୁ ଯୁବକେନ୍ଦ୍ର ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଜୁନାଗଡ଼ ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସର ବିଶ୍ୱନାଥପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।୦

## ଦେବଗଡ଼
- ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭା: ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଯୁବ ରେଡକ୍ରସ୍ ସଂସ୍ଥା ତରଫରୁ ରକ୍ତଦାନ ଶିବିର, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ,ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଭାଲଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଏନ୍‌ସିସି କ୍ରିକେଟ ଚାମ୍ପିୟନ ଟ୍ରଫି କ୍ରିକେଟର ଚତୁର୍ଥ ଦିବସ, ସ୍ଥାନ: କାନପୁର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ଼ ଆଞ୍ଚଳିକ ଯାଦବ ସମାଜ ଭବନ ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀମଦ୍ ଭଗବତ କଥା ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭଇସାତାଲ ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ଉପଲକ୍ଷେ ଭଣ୍ଡରା କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ ଭଇସାତାଳ ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଝାରସୁଗୁଡ଼ା
- ଦୁର୍ଗାଙ୍କ ସହସ୍ର ନାମ ପଠନ, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡା ହନୁମାନ ମନ୍ଦିର, ସମୟ: ସକାଳ ୮ ଟା।
- ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପୂଝାରୀପାଲି ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ ଟା।
- ମାସିକ ବାଲ୍ମୀକି ରାମାୟଣ ପଠନ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନହେବା ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଆନୁଷ୍ଠିକ କାମ ପାଇଁ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁଖଦ ରହିବ। ଅଟକିରହିଯାଇଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। କଳା, ସାହିତ୍ୟ, ସାମ୍ବାଦିକତା, ସଭାସମିତି, ମନୋରଞ୍ଜନ କାମରେ ବ୍ୟସ୍ତ ରହିପାରନ୍ତି।

**ବୃଷ** ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନକରିବା ସକାଶେ ବ୍ୟସ୍ତତା ବୃଦ୍ଧିପାଇବ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ସବୁଥିରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**ମିଥୁନ** ଆଜି ଯେତିକି ଅର୍ଥ ପାଇବେ ତା'ଠାରୁ ଅଧିକ କିଛି ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟମାନଙ୍କ ଫୁସୁଲାଫୁସୁଲି କଥାରେ କାମକଲେ ସେଥିପାଇଁ ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପାରିବାରିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ।

**କର୍କଟ** ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲକାମ କଲେ ମଧ୍ୟ ପ୍ରଶଂସାସୂଚକ ପଦୁଟିଏ ଶୁଣିବାକୁ ମିଳିବ ନାହିଁ। ମତପାର୍ଥକ୍ୟ ଯୋଗୁ ସ୍ତ୍ରୀ/ସ୍ୱାମୀଙ୍କ ସହ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ସାହଚର୍ଯ୍ୟରୁ ସାମାଜିକ ସ୍ତରରେ ସମ୍ମାନ ଲଭିବେ।

**ସିଂହ** ଆଜି ବନ୍ଧୁଙ୍କ ଅନୁରୋଧରେ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟହେବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ। ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା ଅଭାବରୁ କାମଗୁଡ଼ିକ ସମ୍ପନ୍ନହେବା କଷ୍ଟକର ହୋଇପଡ଼ିବ। କୌଣସି ଲୋକର ପ୍ରଭାବରୁ ଧୀରେ ସୁସ୍ଥେ କାମ କରିବାକୁ ବାଧ୍ୟହେବେ।

**କନ୍ୟା** ପରିବାର ଭିତରେ କୌଣସି ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ। ସାହାଯ୍ୟ ବ୍ୟତିରେକ ଅନ୍ୟମାନଙ୍କଠାରୁ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ସଚେତନତା ଅଭାବରୁ ରୋଗଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଅନ୍ୟମନସ୍କତା କାରଣରୁ ବ୍ୟବସାୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି।

**ତୁଳା** ପରିବାରରେ ମନ ଭିତରର ଅଶାନ୍ତି ବିରକ୍ତିକର କଥାବାର୍ତ୍ତାର ରୂପ ନେଇପାରେ। ଏହିଭଳି ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ। ଯାହା ଆଶା କରୁଥିଲେ କିଛି ପରିମାଣରେ ଅବଶ୍ୟ ପାଇବାର ସୂଚନା ରହିଛି।

**ବିଛା** ବନ୍ଧୁଙ୍କ ସହ ସାମାନ୍ୟ କଥାରେ ଅତିଶୟ ରାଗି ପରିସ୍ଥିତିକୁ ସରଗରମ କରିପାରନ୍ତି। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ନିର୍ମାଣ, ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ଜୟଯୁକ୍ତ ହେବେ। କିଛି କାମ ହାସଲ କରିବା ସକାଶେ ଅଯଥା ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ** ଆଜି ଶନିଙ୍କ ସ୍ଥିତି କାରଣରୁ ଅତୀତ କଥା ଚିନ୍ତାକରି ମନଟା ଭଲ ଲାଗି ନ ପାରେ। ଭାଙ୍ଗିପଡ଼ିଥିବା ସମ୍ପର୍କକୁ ଯୋଡ଼ିବା ଲାଗି ଚେଷ୍ଟାକରି ସଫଳ ହେବେ। ଦୀର୍ଘ ଦିନରୁ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଅସାବଧାନତା ଯୋଗୁ ଅନ୍ୟମନସ୍କ ଭାବରେ ଗାଡ଼ି ଚଳାଇବା ସମସ୍ୟାର କାରଣ ହୋଇପାରେ।

**ମକର** ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ଭାବାବେଗକୁ ରୋକିପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ, ମାତ୍ର ବହୁତ ତକଲିଫ ସହିବାକୁ ପଡ଼ିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ଆଦୃତ ହେବେ।


**କୁମ୍ଭ** କୌଣସି ସମସ୍ୟାବହୁଳ ପରିସ୍ଥିତିରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। କୌଣସି ଘଟଣାକୁ ନେଇ ମନଟା ଭାରାକ୍ରାନ୍ତ ରହିବ। ଶାରୀରିକ ଅସୁସ୍ଥତାଜନିତ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ବନ୍ଧୁଙ୍କ ପରାମର୍ଶରେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ** ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ବହୁଦୂରରେ ଥିବା ଅନୁଭବ କରିବେ। ଯୋଜନା ଓ ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲହୋଇ ଖୁସି ହେବେ।

ଆଜି ଫେବୃଆରୀ ୧୮ ତାରିଖ, ଫାଲ୍‌ଗୁନ କୃଷ୍ଣଷଷ୍ଠୀ ମଙ୍ଗଳବାର, ରାମକୃଷ୍ଣ ପରମହଂସଙ୍କ ଜନ୍ମ ଦିବସ। ରାଶିନକ୍ଷତ୍ର- ସ୍ୱାତୀ/ତୁଳା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ.୦୯।୦୯ ଗତେ, ଘ. ୧୦।୫୨ ମଧ୍ୟେ, ଘ.୦୧।୦୯ ଗତେ, ଘ. ୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୨ ଗତେ, ଘ, ୦୪।୧୮ ମଧ୍ୟେ ରାହୁକାଳ।

# ବଜେଟ ରାଶି ଖର୍ଚ୍ଚ ହେବା ଦରକାର

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୨୦୨୫-୨୬ ବର୍ଷ ପାଇଁ ଉପସ୍ଥାପନ କରିଥିବା ବଜେଟରୁ ଜଣାପଡ଼ୁଛି ଡବଲ ଇଞ୍ଜିନ ସରକାର ବିପରୀତ ଦିଗରେ ଗତି କରୁଛି। ରାଜ୍ୟର ଭାଜପା ସରକାର ଗତ ବଜେଟରେ ଆସିଥିବା ଅନୁଦାନରୁ ଅଧିକାଂଶ ଏଯାଏ ଖର୍ଚ୍ଚ ହୋଇନି। ଶିଳ୍ପ ବିକାଶ ସହ ଅର୍ଥନୀତି ଖସୁଛି। ରାଜ୍ୟ ସରକାର ଏବେ ବିକାଶର ବିପରୀତ ଦିଗରେ ଗତି କରୁଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ସମସ୍ତଙ୍କୁ ପ୍ରଭାବିତ କରୁଛି। ଚାଷୀ ହଇରାଣ ହେଉଥିବାବେଳେ ମିଶନ ଶକ୍ତିରେ



ମହିଳା କାମ ପାଉ ନାହାନ୍ତି। ରାଜ୍ୟ ସରକାର ବଜେଟରେ ଏତେ ଟଙ୍କା ଘୋଷଣା କରିବା ବଡ଼ କଥା ନୁହେଁ। ଏହା କାର୍ଯ୍ୟକାରୀ କରିବା ଦରକାର, ଯାହା ରାଜ୍ୟର ବିକାଶ କରିବ। ଏହି ବଜେଟ ଖର୍ଚ୍ଚ ହେବା ଦରକାର। ଆମେ ଏହା ଉପରେ ନଜର ରଖିବୁ।

**-ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଡାଳ, ପତର, ମୂଳ ଖାଇ;**
**ଏବେ ବୁଲୁଅଛି ଅଚିନ୍ତା ହୋଇ।**

ପୈତୃକ ସମ୍ପତ୍ତିକୁ ବ୍ୟର୍ଥରେ ଉଡ଼େଇ ଦେବା ପରେ ମଧ୍ୟ କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କି ଅଚିନ୍ତା ହୋଇ ବୁଲୁଥିବାର ଦେଖିବାକୁ ମିଳିଥାଏ। ଅକର୍ମା ତଥା କୁଳାଙ୍ଗାର ବ୍ୟକ୍ତିଙ୍କ ପ୍ରତି ଏଭଳି କଟୁକ୍ତି ଭାବ ପ୍ରକାଶ କରାଯାଇଛି।

**ଡେବିରି ହାତ ପାପ**
**ଡାହାଣ ହାତକୁ ନ ଥାଏ।**

କୁହାଯାଏ ଏ ହାତର ପାପ ସେ ହାତକୁ ଯାଏ ନାହିଁ। ଅର୍ଥାତ ଯେ ପାପ କରେ ସେ ତା'ର ଫଳ ଅବଶ୍ୟ ଭୋଗ କରେ। ଦେବତା ହୁଅନ୍ତୁ କି ମାନବ ପାପର ଫଳ ଭୋଗିବାକୁ ସମସ୍ତେ ବାଧ୍ୟ ବୋଲି ଏଠାରେ ସୂଚିତ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବିକଶିତ ରାଜ୍ୟ ...

ପ୍ରାୟ ୮%। ସେଥିମଧ୍ୟରେ ଗୋପବନ୍ଧୁ ଜନ ଆରୋଗ୍ୟ ପାଇଁ ୬,୨୪୯କୋଟି ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ପାଇଁ ୩,୮୮୧ କୋଟି ଟଙ୍କା ବ୍ୟୟ କରାଯିବା ଉଲ୍ଲେଖନୀୟ। ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପାଇଁ ୨୦୯୧କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ-ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ମିଶନ୍ (ପିଏମ୍-ଭିମ୍) ଯୋଜନା ପାଇଁ ୨୯୫କୋଟି ଟଙ୍କା ଅଟକଳ କରାଯାଇଛି। ଅନୁରୂପ ଭାବେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ୭୧୧କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ଶିକ୍ଷା କ୍ଷେତ୍ରକୁ ମଧ୍ୟ ପ୍ରାଧାନ୍ୟ ଦେଇ ସରକାର ୪୧,୨୭୩କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। କ୍ରୀଡ଼ା କ୍ଷେତ୍ର ସକାଶେ ୧,୩୨୦କୋଟି ଟଙ୍କା ଅଟକଳ କରାଯାଇଛି। ମହିଳା ଓ ଶିଶୁ ବିକାଶ କେନ୍ଦ୍ରିତ ନୀତି ଓ କଲ୍ୟାଣମୂଳକ ପଦକ୍ଷେପ ପାଇଁ ମୋଟ ୧୭,୯୯୮କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମହିଳା ସଶକ୍ତୀକରଣ, ଆର୍ଥିକ ସ୍ୱାଧୀନତା ଏବଂ ଉଦ୍ୟୋଗ ବିକାଶ ପାଇଁ ସୁଭଦ୍ରା ଯୋଜନା ଅଧୀନରେ ୧୦,୧୫୪ କୋଟି ଟଙ୍କା ରଖାଯାଇଛି। ଅନୁରୂପ ଭାବେ ସାମାଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ୨୪୨୫୦କୋଟି ଟଙ୍କା, ଓଡ଼ିଶାର ସହରାଞ୍ଚଳ ରୂପାନ୍ତରିକରଣ ପାଇଁ ୯୯୮୫କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ (ପିଏମ୍‌ଏୱାଇ-ଜି) ଅଧୀନରେ ୪,୫୦୦କୋଟି ଟଙ୍କା, ପାଇପ୍ ଯୋଗେ ପାନୀୟ ଜଳ ପାଇଁ ୮,୬୦୦କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ କରାଯାଇଛି। ସେହିପରି ୨୦୨୫-୨୬ ପାଇଁ କାର୍ଯ୍ୟକ୍ରମ ବଜେଟ୍‌ରେ ୩୯,୬୩୮କୋଟି ଟଙ୍କାର ସିଏସ୍‌ପି ଅଂଶ ଏବଂ ୨୯,୨୪୩କୋଟି ଟଙ୍କାର ଏସ୍‌ସିଏସ୍‌ପି ଅଂଶକୁ ମିଶାଇ ମୋଟ ୬୮,୮୮୧କୋଟି ଟଙ୍କା ଅନ୍ତର୍ଭୁକ୍ତ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ମ୍ୟାଟେରିଆଲ୍ କମ୍ପୋନେଣ୍ଟ ପାଇଁ ୨୫୦୦କୋଟି ଟଙ୍କା, ବିପର୍ଯ୍ୟୟ ଜନିତ ପ୍ରବାସକୁ ରୋକିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ରାଜ୍ୟ ସହାୟତା ବାବଦରେ ୭୦୦କୋଟି ଟଙ୍କା ଦିଆଯାଇଛି। ବଜେଟରେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯାଇଛି। ଏହା ଅଧୀନରେ ବକୁଳ ବନ ଉନ୍ନୟନ ପାଇଁ ୫୦କୋଟି, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ୧୯୪କୋଟି, ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ୩୦କୋଟି ଓ ସାଂସ୍କୃତିକ ଅନୁଷ୍ଠାନକୁ ଅନୁଦାନ ୭୭କୋଟି ପ୍ରଦାନ କରାଯାଇଛି। କ୍ରୀଡ଼ା ଓ ଯୁବସେବା ଅଧୀନରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ୯୪୩କୋଟି, ଯୁବଶକ୍ତି ପାଇଁ ୩୨କୋଟି, କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ୮୦କୋଟି ବ୍ୟୟବରାଦ ହୋଇଛି। ସେହିପରି ଶିଳ୍ପ ଏବଂ ଅଣୁକ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ପାଇଁ ୧,୫୬୭କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପରିବେଶକୁ ଗୁରୁତ୍ୱ ଦିଆଯାଇ ବନୀକରଣ ଓ ବନ୍ୟଜନ୍ତୁ କାର୍ଯ୍ୟକଳାପ ପାଇଁ କାମ୍ପା ଅଧୀନରେ ୧୦୨୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଯୋଜନା ଓ ସଂଯୋଜନ ବିଭାଗ ପାଇଁ ୨,୮୦୮କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ବିପର୍ଯ୍ୟୟ ପରିଚାଳନା ସକାଶେ ୪ହଜାର କୋଟି ଟଙ୍କା ଅଟକଳ କରାଯାଇଛି। ମୁଖ୍ୟମନ୍ତ୍ରୀ ବଜେଟରେ ଆଭ୍ୟନ୍ତରୀଣ ନିରାପତ୍ତା ଓ ନ୍ୟାୟିକ ପ୍ରଶାସନକୁ ବଜାୟ ରଖିବା ଲାଗି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୦୭୬୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ୪୮୨କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

### ବଜେଟ୍‌ରେ ୧୬ ନୂଆ ଯୋଜନା

ଏଥର ବଜେଟ୍‌ରେ ୧୬ଟି ନୂଆ ଯୋଜନା ଏବଂ ସେଥିଲାଗି ବଜେଟ୍ ଘୋଷଣା କରାଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ୨ହଜାର ୬୦୩କୋଟି କୋଟି ଟଙ୍କା ଘୋଷଣା ହୋଇଥିବାବେଳେ, ସୁଭଦ୍ରା ସୁରକ୍ଷା ପାଇଁ ୧୫୩କୋଟି, ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ପାଇଁ ୩୦କୋଟି, ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି ଟଙ୍କା, ଓଡ଼ିଶା ପୁଷ୍ଟି ମିଶନ ପାଇଁ ୧୦୦ କୋଟି ଟଙ୍କା, ବକୁଳବନ ଉନ୍ନୟନ ପାଇଁ ୫୦ କୋଟି ଟଙ୍କା, ଆମ ଶିମିଳିପାଳ ଯୋଜନା ପାଇଁ ୫୦କୋଟି, ମଡେଲ ମଣ୍ଡି ପାଇଁ ୫୦କୋଟି, ଶହୀଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦ କୋଟି, ଓଡ଼ିଆ ପ୍ରବାସୀ: ଓ ସମ୍ପର୍କ ପାଇଁ ୧୦ କୋଟି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ୧୨କୋଟି, ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି, ସ୍ୱଚ୍ଛ ଓଡ଼ିଶା ପାଇଁ ୨୬୧କୋଟି, ଆମେ ପଢିବା ଆମ ଭାଷାରେ ପାଇଁ ୨୫କୋଟି, ଅଟଳ ବସ୍ ଷ୍ଟାଣ୍ଡ ପାଇଁ ୧୨୬୬କୋଟି ଏବଂ ସମୃଦ୍ଧ ସହର ପାଇଁ ୪୦୮ କୋଟି ଟଙ୍କା ଘୋଷଣା କରାଯାଇଛି।

## ଆଜିଠାରୁ ଯୁକ୍ତ...

ଏବଂ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲାଯିବ। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱରେ ସିଲ୍ ପ୍ରଶ୍ନପତ୍ରଗୁଡ଼ିକ ପରୀକ୍ଷା ରୁମ୍‌ରେ ପହଞ୍ଚାଯିବ। ଛାତ୍ରୀଛାତ୍ର ସକାଳ ୯ଟା ୩୦ରେ ପରୀକ୍ଷା କକ୍ଷକୁ ପ୍ରବେଶ କରିବେ ଓ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ୧ ପର୍ଯ୍ୟନ୍ତ ଚାଲିବ। ତେବେ ପରୀକ୍ଷାକୁ ସ୍ୱଚ୍ଛ, ସୃଙ୍ଖଳିତ ତଥା ସୁରକ୍ଷିତ କରିବାକୁ ପରିଷଦ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ପରିଷଦ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ପୂରା ପ୍ରକ୍ରିୟା ଉପରେ ନଜର ରଖାଯାଇଛି। କଲେଜସ୍ତରରେ ପରୀକ୍ଷା ପରିଚାଳନା ପାଇଁ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଥିବାବେଳେ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିବା ସୂଚନା ଦିଆଯାଇଛି।

ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଯୁକ୍ତ୨ ପରୀକ୍ଷା ପାଇଁ ଚଳିତ ବର୍ଷ ୧୨୭୬ଟି କେନ୍ଦ୍ର କରାଯାଇଛି। ରେଗୁଲାର ଓ ଏକ୍ସ ରେଗୁଲାର ପିଲାଙ୍କୁ ମିଶାଇ ମୋଟ ୩ଲକ୍ଷ ୯୩ ହଜାର ୬୧୮ଜଣ ପିଲା ଫର୍ମ ପୂରଣ କରିଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ଜଣ, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୯୮୦ଜଣ, ବାଣିଜ୍ୟରେ ୨୫ ହଜାର ୫୨୬ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୨୧ଜଣ ପିଲା ରହିଛନ୍ତି। ପରୀକ୍ଷା ସୁପରିଚାଳନା ପାଇଁ ପ୍ରଶ୍ନପତ୍ରକୁ ସୁରକ୍ଷିତ ଭାବେ ପହଞ୍ଚାଇବାକୁ ପରିଷଦ ପ୍ରାଥମିକତା ଦେଇଛି। ଏଥିପାଇଁ ୨୦୫ଟି ପରୀକ୍ଷା ପରିଚାଳନା ହବ୍ କରାଯାଇଛି। ପରୀକ୍ଷା ସରିବା ମାତ୍ରେ ଖାତାଦେଖା ଆରମ୍ଭ ହେବ। ଅନ୍‌ଲାଇନ ମୂଲ୍ୟାୟନକୁ ଗୁରୁତ୍ୱ ଦିଆଯାଉଛି। ବିଶେଷକରି କଳା ବିଭାଗର ଓଡ଼ିଆ ଓ ଇଂଲିଶ ବିଷୟର ଖାତାଦେଖା ବହୁ ବିଳମ୍ବ ହୋଇଥାଏ। ତେଣୁ ପ୍ରଥମଥର ପାଇଁ ଅନ୍‌ଲାଇନ ମୂଲ୍ୟାୟନ କରାଯିବ। ପୂର୍ବରୁ ୨୭ଟି ଅନ୍‌ଲାଇନ ମୂଲ୍ୟାଙ୍କନ କେନ୍ଦ୍ରରେ ଖାତାଦେଖା ହେଉଥିବା ବେଳେ ଏହାକୁ ୬୩କୁ ବଢ଼ାଯାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ଏକାବେଳେ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି।

# ସଶକ୍ତ ମହିଳାଙ୍କଠାରୁ ଆତ୍ମନିର୍ଭରଶୀଳ ଓଡିଶାର ଆରମ୍ଭ

ସଶକ୍ତ ମହିଳାଙ୍କଠାରୁ ଏକ ଆତ୍ମନିର୍ଭରଶୀଳ ଓଡିଶା ଆରମ୍ଭ ହୁଏ। ତେଣୁ ଓଡିଶା ବଜେଟ-୨୦୨୫ ସୁଭଦ୍ରା ଯୋଜନା ସହିତ ମହିଳା ସଶକ୍ତୀକରଣକୁ ସୁଦୃଢ଼ କରିବ। ଏହା ଆର୍ଥିକ ଅନ୍ତର୍ଭୁକ୍ତିକରଣ, ସୁରକ୍ଷା ଏବଂ ଆତ୍ମନିର୍ଭରଶୀଳତାକୁ ସୁନିଶ୍ଚିତ କରୁଥିବାବେଳେ ଏଥିପାଇଁ ବଜେଟରେ ୪,୯୦୦ କୋଟି ଟଙ୍କା ରଖାଯାଇଛି। ସେହିପରି ସୁଭଦ୍ରା ପ୍ଲସ୍ ପାଇଁ ୧୦,୧୪୫ କୋଟି ଏବଂ ସୁଭଦ୍ରା ସୁରକ୍ଷା ପାଇଁ ୧୫୩ କୋଟି ସହିତ ଓଡିଶା ମହିଳାଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତର



ବାଟ ଫିଟିଛି। କିଶୋରୀ ସୁଭଦ୍ରା, ସୁଭଦ୍ରା ସଞ୍ଚୟ, ସୁଭଦ୍ରା ସଖୀ ଭଳି ନୂତନ ପଦକ୍ଷେପ ସମଗ୍ର ରାଜ୍ୟରେ ମହିଳାମାନଙ୍କୁ ଆଗକୁ ବଢ଼ାଇବ ଏବଂ ସଶକ୍ତ କରିବ।

**- କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ**

# ଐତିହାସିକ, ଦୂରଦୃଷ୍ଟି ସମ୍ପନ୍ନ ବଜେଟ

ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଥିବା ବଜେଟ ଐତିହାସିକ ଏବଂ ଦୂରଦୃଷ୍ଟି ସମ୍ପନ୍ନ। ଏହା ଲୋକଙ୍କ ସରକାରର ଦିତୀୟ ବଜେଟ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏହି ବଜେଟ ବିଶେଷ ସହାୟକ ହେବ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି, ନଗର ଉନ୍ନୟନ, କୃଷି ଓ ଜଳସେଚନ, ପୁଞ୍ଜି ନିବେଶ, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପାୟନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ଓ ଶିଶୁ ବିକାଶ ଭଳି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ ଏହି ବଜେଟ ପ୍ରସ୍ତୁତ କରାଯାଇଛି।



ସର୍ବୋପରି ଓଡ଼ିଶାବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ସର୍ବୋପରି ଓଡ଼ିଶା ଏବଂ ଓଡ଼ିଆଙ୍କ ବିକାଶ ପାଇଁ ଚଳିତବର୍ଷ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଥିବାରୁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି ।

**- ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ**

# ନାରୀ ସଶକ୍ତୀକରଣ: ଫୋକସ୍‌ରେ 'ସୁଭଦ୍ରା'


## ୯୮ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ୪,୯୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମିଳିଛି

ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରଠୁ ଓଡ଼ିଶାର ମହିଳାମାନଙ୍କର ଉନ୍ନତୀକରଣ ଓ ସଶକ୍ତୀକରଣ ଦିଗରେ ଗୁରୁତ୍ୱାରୋପ କରି ଆସୁଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ମହିଳାମାନଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନର ପ୍ରତିଶ୍ରୁତିକୁ ପାଳନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନାରେ ୯୮ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ୪,୯୦୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଛି। ସୋମବାର ବିଧାନସଭାରେ ବଜେଟ୍ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ମହିଳା ସଶକ୍ତୀକରଣ ପାଇଁ ଐତିହାସିକ ଏବଂ ପଥ ପ୍ରଦର୍ଶକ ସୁଭଦ୍ରା ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ଓଡ଼ିଶା ଇତିହାସରେ ସୁଭଦ୍ରା ହେଉଛି ସର୍ବବୃହତ୍ ଯୋଜନା, ଯାହା ମାଧ୍ୟମରେ ରାଜ୍ୟ ବିକାଶର କାହାଣୀକୁ ପୁନଃଲିଖିତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଥମ ଥର ପାଇଁ ୧ କୋଟି ୭ ଲକ୍ଷରୁ ଅଧିକ ମହିଳା ଏହି ଯୋଜନାରେ ଆବେଦନ ପାଇଁ ଘରୁ ବାହାରିଛନ୍ତି ଏବଂ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପହଞ୍ଚିଛି। ମହିଳାଙ୍କ ନେତୃତ୍ୱାଧୀନ ସଶକ୍ତୀକରଣ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'କିଶୋରୀ ସୁଭଦ୍ରା', 'ସୁଭଦ୍ରା ସଞ୍ଚୟ', 'ସୁଭଦ୍ରା ସଖୀ', ସୁଭଦ୍ରା ସଂଘ', 'କୁହ ସୁଭଦ୍ରା', 'ସୁଭଦ୍ରା ସହଯୋଗୀ', 'ସୁଭଦ୍ରା ପଣ୍ଡିତ' ଏବଂ 'ସୁଯୋଗ୍ୟ ସୁଭଦ୍ରା' ଭଳି ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ସୁଭଦ୍ରା ଯୋଜନାରେ ୧୦ ହଜାର ୧୪୫ କୋଟି ଟଙ୍କା ଏବଂ ସୁଭଦ୍ରା ସୁରକ୍ଷା ଅଧୀନରେ ୧୫୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।



## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

କନ୍ୟା ସନ୍ତାନ ଏକ ଆଶୀର୍ବାଦ, ବୋଝ ନୁହେଁ। ଆମେ ସେମାନଙ୍କ ସ୍ୱପ୍ନ ପୂରଣ ପାଇଁ ସମ୍ମାନ ଓ ସଶକ୍ତ କରିବା ଉଚିତ। ଓଡ଼ିଆ ପରମ୍ପରା ଓ ରୀତିନୀତି ଅନୁସରଣ କରି ବିବାହ ଆୟୋଜନ କରିବା ଆଜିର ସମୟରେ ମହଙ୍ଗା ହୋଇଥିବାରୁ ଗରିବ ପରିବାର ଝିଅମାନଙ୍କୁ ବିବାହ କରାଇବାରେ ଅସହାୟ ହୋଇପଡୁଛନ୍ତି। ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ପ୍ରଣୟନ କରିଛନ୍ତି। ଏହି ଯୋଜନା ଅଧୀନରେ ସାମୁହିକ ବିବାହ ଆୟୋଜନ କରାଯିବ, ଯାହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏଥିପାଇଁ ୧୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।




## ୫ମ ବର୍ଷରେ ୪ ଲକ୍ଷ କୋଟିର ବଜେଟ

ରାଜ୍ୟ ସରକାରଙ୍କ ୫ମ ବର୍ଷ ବଜେଟର ଆକାର ପ୍ରାୟ ୪ଲକ୍ଷ କୋଟି ଟଙ୍କା ଛୁଇଁବ। ଭାଜପା କ୍ଷମତାସୀନ ହେବା ପରେ ମୋହନ ମାଝୀ ସରକାରଙ୍କ ପ୍ରଥମ ବଜେଟ (୨୦୨୪-୨୫) ଆକାର ୨.୬୫ଲକ୍ଷ କୋଟି ଟଙ୍କା ଥିଲା, ଯାହାକି ୨୦୨୩-୨୪ ତୁଳନାରେ ୧୫% ଅଧିକ। ୨୦୨୫-୨୬ରେ ଏହି ବଜେଟ ଆକାର ୯% ବୃଦ୍ଧିପାଇ ୨.୯୦ଲକ୍ଷ କୋଟି ଟଙ୍କା ହୋଇଛି। ୨୦୨୬-୨୭ରେ ବଜେଟ ପରିମାଣ ୩.୨୦ଲକ୍ଷ କୋଟି, ୨୦୨୭-୨୮ରେ ୩.୫୫ଲକ୍ଷ କୋଟି ଓ ୨୦୨୮-୨୯ରେ ୩.୯୫ଲକ୍ଷ କୋଟି ଏବଂ ୨୦୨୯-୨୦ ଆର୍ଥିକବର୍ଷରେ ବଜେଟ ଆକାର ୪.୪୦ଲକ୍ଷ କୋଟି ଟଙ୍କାର ହେବ ବୋଲି ଆକଳନ କରାଯାଇଛି। ରାଜ୍ୟରେ ବିଶେଷକରି ବାଣିଜ୍ୟକର, ଖଣିଭିତ୍ତିକ ରାଜସ୍ୱ ଓ କେନ୍ଦ୍ରୀୟ ଟିକସ ହାର ବୃଦ୍ଧି ଯୋଗୁ ରାଜ୍ୟ ରାଜସ୍ୱ ସଂଗ୍ରହରେ ସୁଧାର ଆସିଛି। ୨୦୨୩-୨୪ରେ ରାଜ୍ୟ ବଜେଟରେ ରାଜସ୍ୱ ସଂଗ୍ରହ ମାତ୍ର ୧ଲକ୍ଷ ୭୯ହଜାର ୫୯୩ଟଙ୍କା(ମୋଟ ବଜେଟର ୭୮%) ଥିବାବେଳେ ୨୦୨୪-୨୫ ସଂଶୋଧିତ ବଜେଟରେ ଏହି ପରିମାଣ ୨.୧୧ଲକ୍ଷ କୋଟି ଟଙ୍କା(୧୭% ଅଧିକ) ଓ ୨୦୨୫-୨୬ରେ ୨.୩୨ଲକ୍ଷ କୋଟି ଟଙ୍କା ହେବା ନେଇ ଆକଳନ କରାଯାଇଛି। ସେହିପରି ଅଷ୍ଟମ ବେତନ କମିଶନରେ ରାଜ୍ୟ କର୍ମଚାରୀଙ୍କ ଦରମାରେ ୨୦% ବୃଦ୍ଧି ହେବ ବୋଲି ଆକଳନ କରି ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକବର୍ଷରେ ପ୍ରଶାସନିକ ଖର୍ଚ୍ଚରେ ୨୦୨୪-୨୫ ତୁଳନାରେ ୧୧% ବୃଦ୍ଧି କରିଛନ୍ତି ।

### ଓଡ଼ିଶା ବଜେଟ ୨୦୨୫-୨୬ର ଫୋକସ୍

- ସମୃଦ୍ଧି
- ସମାନତା
- ଲୋକଙ୍କ ଉପରେ ନିବେଶ
- ସୁସ୍ଥ ଓଡ଼ିଶା
- ଆଞ୍ଚଳିକ ସମାନତା
- ଓଡ଼ିଆ ଅସ୍ମିତା
- ଲୋକଙ୍କ ସରକାର
- ଅନ୍ନଦାତା
- ଜଳବାୟୁ ଉତ୍ତରଦାୟୀ ଶାସନ

## ଭୁବନେଶ୍ୱରରେ ଯାନବାହାନ ଭିଡ଼ ରୋକିବାକୁ ୧୩ ହଜାର କୋଟିର ଆବଣ୍ଟନ

ଭୁବନେଶ୍ୱରରେ କ୍ରମବର୍ଦ୍ଧିଷ୍ଣୁ ଯାନବାହନର ଭିଡ଼କୁ ଦୃଷ୍ଟିରେ ରଖି ଗାଡ଼ି ଚଳାଚଳର ପ୍ରବାହକୁ ସହଜ ଏବଂ ସୁଗମ କରିବା ପାଇଁ ରାଜ୍ୟ ସରକାର ଏକ 'ବିସ୍ତୃତ ସିଟି ରୋଡ୍ ଡିକଞ୍ଜେସନ୍ ଯୋଜନା'ର ପରିକଳ୍ପନା କରିଛନ୍ତି। ଏହି ପ୍ରକଳ୍ପ ପାଇଁ ୧୩ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରେ ଭୁବନେଶ୍ୱରର ଆଉଟର ରିଙ୍ଗ୍‌ରୋଡ୍ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାତକୁ ନିଆଯିବ। ଏହାବାଦ୍ ସାରା ରାଜ୍ୟରେ ଯୋଗାଯୋଗର ସୁଦୃଢ଼ୀକରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ 'ରାଜ୍ୟବ୍ୟାପୀ ସଡ଼କ ଉନ୍ନତି ଯୋଜନା' ପ୍ରସ୍ତୁତ କରାଯାଇଛି।

### ରାଜ୍ୟ ରାଜପଥ ହେବ ୪ ଲେନ୍

ସେହିପରି ସଡ଼କ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ଉନ୍ନତ ସଡ଼କ ସଂଯୋଗୀକରଣ ପାଇଁ ରାଜ୍ୟ ରାଜପଥଗୁଡ଼ିକୁ ୪ ଲେନ୍ ବିଶିଷ୍ଟ କରାଯିବ। ଏଥିସହ ପ୍ରମୁଖ ଜିଲା ସଡ଼କ ଓ ଅନ୍ୟାନ୍ୟ ଜିଲା ସଡ଼କଗୁଡ଼ିକୁ ଦୁଇ ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଏହି ଯୋଜନାରେ ପ୍ରାୟ ୩ ହଜାର କି.ମି. ଦୀର୍ଘ ସଡ଼କ ନିର୍ମାଣ କରାଯିବ। ଏଥିରେ ବ୍ରହ୍ମପୁର-ଜୟପୁର ୬ ଲେନ୍ ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ଏକ୍ସପ୍ରେସ୍ ୱେକୁ ସାମିଲ କରାଯିବ। ଏହାବ୍ୟତୀତ ପ୍ରମୁଖ ପର୍ଯ୍ୟଟନସ୍ଥଳୀ, ବନ୍ଦର, ରେଳଷ୍ଟେଶନ ଓ ବିମାନବନ୍ଦରକୁ ୪ ଲେନ୍ ବିଶିଷ୍ଟ ସଡ଼କ ଏବଂ ଶିଳ୍ପପୁଞ୍ଜି ଓ ଖଣି ଅଞ୍ଚଳକୁ ୬ ଲେନ୍ ବିଶିଷ୍ଟ ସଡ଼କ ଦ୍ୱାରା ସଂଯୋଗ କରାଯିବ। ଏଥିନିମନ୍ତେ ସଡ଼କ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ୬ ହଜାର ୫୦୨ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

## ବିଭିନ୍ନ କାର୍ଯ୍ୟକ୍ରମର ମୁଖ୍ୟାଂଶ

### କୃଷି ଓ କୃଷକ ସଶକ୍ତୀକରଣ ବିଭାଗ
ସମୃଦ୍ଧ କୃଷକ ଯୋଜନା: ୬,୦୦୦ କୋଟି ଟଙ୍କା
ସି.ଏମ୍. କିଷାନ: ୨,୦୨୦ କୋଟି ଟଙ୍କା
ଶ୍ରୀଅନ୍ନ ଯୋଜନା: ୬୦୦ କୋଟି ଟଙ୍କା
ଶସ୍ୟ ବିବିଧତା କାର୍ଯ୍ୟକ୍ରମ: ୬୯୫ କୋଟି ଟଙ୍କା

### ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ
ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମ୍‌ଏମ୍‌ଏସ୍‌ୱାଇ): ୨୪୫ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (ଏମ୍‌ଏମ୍‌କେୱାଇ): ୨୩୫ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (ଏମ୍‌କେୱାଇ) ୧୪୬ କୋଟି ଟଙ୍କା
ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା: ୧୭୧ କୋଟି ଟଙ୍କା

### ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ
ଜଳକ୍ଷେତ୍ର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏସ୍‌ଆଇଡିପି): ୧,୩୧୫ କୋଟି ଟଙ୍କା
ତ୍ୱରିତ ଜଳସେଚନ ଲାଭ କାର୍ଯ୍ୟକ୍ରମ (ଏଆଇବିପି) ୧,୭୮୬ କୋଟି
ପାର୍ବତୀ ଗିରି ମେଗା ଲିଫ୍ଟ ପ୍ରୋଜେକ୍ଟ ୧,୩୧୮ କୋଟି
ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଗଠନ: ୮୮୦ କୋଟି
ସ୍ୱାସ୍ଥ୍ୟ (ସମସ୍ତ ପାଇଁ ଯତ୍ନ)
ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା: ୬,୨୪୯ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ: ୩,୮୮୧ କୋଟି
ଜାତୀୟ ସ୍ୱାସ୍ଥ୍ୟ ମିଶନ: ୨,୦୯୧ କୋଟି
ନିର୍ମଳ: ୯୧୭ କୋଟି

### ଶିକ୍ଷା: ସମୃଦ୍ଧ ଜୀବନ
ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ: ୨,୯୬୦ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ (ଏମ୍‌ଏମ୍-ପୋଷଣ): ୬୪୬ କୋଟି
ଐତିହ୍ୟ ବିଦ୍ୟାଳୟ: ୬୦ କୋଟି
ପି.ଏମ୍. ପୋଷଣ: ୮୮୫ କୋଟି
ସମଗ୍ର ଶିକ୍ଷା: ୪,୬୮୧ କୋଟି

### ଏସ୍‌ସି, ଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ
ମାଧୋ ସିଂ ହାତ ଖର୍ଚ୍ଚ: ୧୫୪ କୋଟି ଟଙ୍କା
ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ୍: ୪୫୦ କୋଟି
ଧରିତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ: ୩୫୦ କୋଟି
ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ: ୨୧୦ କୋଟି
ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ରୂପାନ୍ତରୀକରଣ: ୧୦୦ କୋଟି

### ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି
ସୁଭଦ୍ରା ଯୋଜନା: ୧୦,୧୪୫ କୋଟି ଟଙ୍କା
ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା: ୪୯୨ କୋଟି
ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା: ୫୨୬ କୋଟି
ଆଇସିଡିଏସ୍‌କୁ ରାଜ୍ୟ ସହାୟତା: ୧,୧୩୨ କୋଟି
ଓଡ଼ିଶା ପୁଷ୍ଟି ମିଶନ: ୧୦୦ କୋଟି

### ସାମାଜିକ ସୁରକ୍ଷା
ମଧୁବାବୁ ପେନ୍‌ସନ ଯୋଜନା: ୫,୩୭୦ କୋଟି ଟଙ୍କା
ନିଃସହାୟଙ୍କ ପାଇଁ ଜାତୀୟ ବାର୍ଦ୍ଧକ୍ୟ ପେନ୍‌ସନ: ୨,୧୮୧ କୋଟି
ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ: ୧,୦୧୬ କୋଟି
ବୃଦ୍ଧ ଲୋକଙ୍କ ପାଇଁ ଘର: ୫୧ କୋଟି
ନିଶା-ନିଶା ମୁକ୍ତି ପାଇଁ ବ୍ଲକ୍‌ଗୁଡ଼ିକୁ ପୁରସ୍କାର: ୧୪ କୋଟି

### ନଗର ଉନ୍ନୟନ
ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା: ୧,୧୦୦ କୋଟି ଟଙ୍କା
ସୁଜଳା: ୭୩୨ କୋଟି
ସ୍ୱଚ୍ଛ ଓଡ଼ିଶା: ୨୬୧ କୋଟି
ନୂତନ ସହର ଉନ୍ନତୀକରଣ: ୨୦୦ କୋଟି
ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ): ୬୦୦ କୋଟି

### ଗ୍ରାମ୍ୟ ଉନ୍ନୟନ
ଅନ୍ତ୍ୟୋଦୟ ଗୃହ ଯୋଜନା: ୨,୬୦୩ କୋଟି ଟଙ୍କା
ବିକଶିତ ଗ୍ରାମ ବିକଶିତ ଓଡ଼ିଶା: ୨,୦୦୦ କୋଟି
ଜଳଜୀବନ ମିଶନ: ୭,୦୦୦ କୋଟି
ପ୍ରଧାନମନ୍ତ୍ରୀ ଜନମନ: ୨୦୦ କୋଟି
ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମ୍ୟ) ୪,୫୦୦ କୋଟି

### ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ
ଜମି ବ୍ୟାଙ୍କ ଯୋଜନା: ୧୦୬ କୋଟି ଟଙ୍କା
ମଧ୍ୟମ ଏବଂ ବଡ଼ ଶିଳ୍ପ ପାଇଁ ସବ୍‌ସିଡି: ୧୯୪ କୋଟି
ସିଏମ୍-ଏସ୍‌ଆର୍‌ଆଇଏମ୍: ୩୦ କୋଟି
ଏମ୍‌ଏସ୍‌ଏମ୍‌ଇ ପାଇଁ ସହାୟତା ୨୮୪ କୋଟି

### ଶକ୍ତି
ମୁଖ୍ୟମନ୍ତ୍ରୀ ଶକ୍ତିବିକାଶ ଯୋଜନା: ୧,୦୩୩ କୋଟି ଟଙ୍କା
ଓଡ଼ିଶା ଅକ୍ଷୟଶକ୍ତି ବିକାଶ ଯୋଜନା: ୧,୦୯୩ କୋଟି
ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ ଅଭିଯାନ: ୧୨୭ କୋଟି
ଓପିଜିସିରେ ଅଂଶଧନ ପୁଞ୍ଜିନିବେଶ: ୪୨୯ କୋଟି

### ପରିବହନ
ରେଳ ପ୍ରକଳ୍ପ ଉନ୍ନତୀକରଣ: ୩୦୦ କୋଟି ଟଙ୍କା
ବେସାମରିକ ବିମାନ ଚଳାଚଳ: ୩୮୨ କୋଟି
ମୁଖ୍ୟମନ୍ତ୍ରୀ ବସ୍ ସେବା: ୧,୦୮୫ କୋଟି
ସବୁଜ ଓଡ଼ିଶା- ବିଦ୍ୟୁତ୍ ଯାନ ନୀତି ଅନୁଯାୟୀ ସବସିଡି: ୧୬୦ କୋଟି
ଅଟଳ ବସ୍‌ଷ୍ଟାଣ୍ଡ: ୧,୨୬୬ କୋଟି

### ସଡ଼କ ଓ ସେତୁ
ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ୧,୭୦୦ କୋଟି ଟଙ୍କା
ସଡ଼କ ଉନ୍ନତୀକରଣ ପ୍ରକଳ୍ପ: ୬,୫୦୨ କୋଟି
ସେତୁ ବନ୍ଧନ ଯୋଜନା: ୨,୦୦୦ କୋଟି
ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ): ୩,୪୦୦ କୋଟି
ନିର୍ବାଚନମଣ୍ଡଳୀ ଅନୁଯାୟୀ ଆବଣ୍ଟନ: ୧୪୨ କୋଟି

### ପର୍ଯ୍ୟଟନ
ପର୍ଯ୍ୟଟନ ନିମନ୍ତେ ଆବଣ୍ଟନ: ୮୨୦ କୋଟି ଟଙ୍କା
ପର୍ଯ୍ୟଟକଙ୍କ ବାସସ୍ଥାନ ନିର୍ମାଣ: ୩୫୯ କୋଟି
ପର୍ଯ୍ୟଟନ ସମ୍ବନ୍ଧୀୟ ସୂଚନା ଓ ପ୍ରସାର: ୩୩୨ କୋଟି
ଘଟଗାଁରେ ମା' ତାରଣୀ ମନ୍ଦିର କ୍ଷେତ୍ରର ବିକାଶ: ୫୦ କୋଟି

### ଓଡ଼ିଆ ଅସ୍ମିତା
ବକୁଳ ବନ ଉନ୍ନୟନ: ୫୦ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା: ୧୯୪ କୋଟି
ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା: ୩୦ କୋଟି
ସାଂସ୍କୃତିକ ଅନୁଷ୍ଠାନକୁ ଅନୁଦାନ: ୭୭ କୋଟି

### କ୍ରୀଡ଼ା ଓ ଯୁବସେବା
କ୍ରୀଡ଼ା ଭିତ୍ତିଭୂମିର ବିକାଶ: ୯୪୩ କୋଟି ଟଙ୍କା
ଯୁବଶକ୍ତି: ୩୨ କୋଟି
ଉତ୍କୃଷ୍ଟ କ୍ରୀଡ଼ାବିତ୍‌ମାନଙ୍କୁ ସହାୟତା: ୧୦ କୋଟି
କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ: ୮୦ କୋଟି

### ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ
କାମ୍ପା: ୧,୦୨୧ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନା: ୧୨୦ କୋଟି
ରାଜ୍ୟରେ ସବୁଜ ଆଚ୍ଛାଦନ ବୃଦ୍ଧି: ୭୫ କୋଟି
ପରିବେଶ-ପର୍ଯ୍ୟଟନର ବିକାଶ: ୨୧ କୋଟି

## ବିଭାଗୱାରୀ ବଜେଟ୍ ଆବଣ୍ଟନ

| ବିଭାଗ | ବ୍ୟୟବରାଦ(କୋଟି ଟଙ୍କା) |
|---|---|
| ୧. ଗୃହ | ୧୦,୭୫୯.୯୦ |
| ୨. ସାଧାରଣ ପ୍ରଶାସନ | ୭୪୦.୭୮ |
| ୩. ରାଜସ୍ୱ | ୧,୯୧୩.୨୮ |
| ୪. ଆଇନ | ୧,୦୫୯.୪୪ |
| ୫. ଅର୍ଥ | ୬୩,୫୧୧.୯୧ |
| ୬. ବାଣିଜ୍ୟ | ୩୦୮.୮୧ |
| ୭. ନିର୍ମାଣ | ୧୨,୦୦୦.୦୦ |
| ୮. ଓଡ଼ିଶା ବିଧାନସଭା | ୧୪୪.୬୨ |
| ୯. ଖାଉଟି ଯୋଗାଣ ଓ ଖାଉଟି କଲ୍ୟାଣ | ୧,୫୩୭.୭୭ |
| ୧୦. ସ୍କୁଲ ଓ ଗଣଶିକ୍ଷା | ୩୧,୧୮୫.୪୭ |
| ୧୧. ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | ୬,୪୩୬.୧୦ |
| ୧୨. ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୨୨,୭୪୧.୨୧ |
| ୧୩. ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୯,୯୭୩.୫୭ |
| ୧୪. ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୩୭୩.୨୨ |
| ୧୫. କ୍ରୀଡ଼ା ଓ ଯୁବସେବା ବିଭାଗ | ୧,୩୧୯.୭୯ |
| ୧୬. ଯୋଜନା ଓ ସଂଯୋଜନା | ୨,୮୦୮.୨୨ |
| ୧୭. ପଞ୍ଚାୟତିରାଜ ଓ ପାନୀୟ ଜଳ | ୨୮,୪୫୧.୩୧ |
| ୧୮. ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | ୨.୯୬ |
| ୧୯. ଶିଳ୍ପ | ୮୦୮.୧୫ |
| ୨୦. ଜଳ ସମ୍ପଦ | ୧୪,୮୯୪.୨୧ |
| ୨୧. ପରିବହନ | ୩,୭୯୪.୮୮ |
| ୨୨. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ | ୧,୪୯୧.୪୯ |
| ୨୩. କୃଷି ଓ କୃଷକ ସଶକ୍ତୀକରଣ | ୧୪,୭୦୦.୭୧ |
| ୨୪. ଇସ୍ପାତ ଓ ଖଣି | ୪୦୪.୩୯ |
| ୨୫. ସୂଚନା ଓ ଲୋକ ସମ୍ପର୍କ | ୧୬୦.୭୦ |
| ୨୬. ଅବକାରୀ | ୨୪୪.୯୯ |
| ୨୭. ବିଜ୍ଞାନ ଓ ବୈଷୟିକ | ୩୫୩.୨୨ |
| ୨୮. ଗ୍ରାମ୍ୟ ଉନ୍ନୟନ | ୧୦,୦୨୦.୧୨ |
| ୨୯. ସଂସଦୀୟ ବ୍ୟାପାର | ୭୪.୭୧ |
| ୩୦. ଶକ୍ତି | ୩,୯୬୨.୩୩ |
| ୩୧. ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ୨୬୬.୫୮ |
| ୩୨. ପର୍ଯ୍ୟଟନ | ୮୨୦.୦୮ |
| ୩୩. ମତ୍ସ୍ୟ ଓ ପ୍ରାଣୀ ସମ୍ପଦ | ୧,୯୦୯.୧୨ |
| ୩୪. ସମବାୟ | ୨,୨୭୬.୯୬ |
| ୩୫. ସରକାରୀ ଉଦ୍ୟୋଗ | ୧୧.୦୪ |
| ୩୬. ମହିଳା ଓ ଶିଶୁ ବିକାଶ | ୧୫,୨୨୨.୮୫ |
| ୩୭. ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି | ୬୮୮.୮୩ |
| ୩୮. ଉଚ୍ଚ ଶିକ୍ଷା | ୩,୬୫୫.୮୩ |
| ୩୯. ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | ୧,୭୮୪.୫୪ |
| ୪୦. ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୭୫୮.୮୬ |
| ୪୧. ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୯,୧୨୦.୬୬ |
| ୪୨. ବିପର୍ଯ୍ୟୟ ପରିଚାଳନା | ୪,୦୪୯.୮୫ |
| ୪୩. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୪୮୧.୮୩ |
| ୪୪. ମିଶନ ଶକ୍ତି | ୨,୭୭୪.୭୩ |
| ମୋଟ | ୨,୯୦,୦୦୦.୦୦ |

वस्त्र मंत्रालय MINISTRY OF TEXTILES
सत्यमेव जयते
राष्ट्रीय परीक्षा एजेंसी National Testing Agency Excellence in Assessment
राष्ट्रीय फैशन प्रौद्योगिकी संस्थान
निफ्ट अधिनियम 2006 द्वारा शासित एक सांविधिक संस्थान
NATIONAL INSTITUTE OF FASHION TECHNOLOGY
A Statutory Institute Governed by the NIFT Act 2006
ଏନ୍‌ଆଇଏଫ୍‌ଟି ନାମଲେଖା ୨୦୨୫
ଡକ୍ଟୋରାଲ ପ୍ରୋଗ୍ରାମ୍ସ
ଅଣ୍ଡରଗ୍ରାଜୁଏଟ୍ ପ୍ରୋଗ୍ରାମ୍
ବି.ଡିଇଏସ୍. ଆର୍ଟିସାନ ବର୍ଗ ଅଧୀନରେ
ପଞ୍ଜୀକରଣର ଶେଷ ତାରିଖ
୨୮ ଫେବୃଆରୀ, ୨୦୨୫
ଅନ୍‌ଲାଇନ୍ ଆବେଦନ କରନ୍ତୁ
https://nift.ac.in
https://exams.nta.ac.in/NIFT/
ADMISSIONS 2025
CBC 21354/12/0006/2425

ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ



# ମୁଚେରଲାର ଅଙ୍ଗଦାନ

ଅଙ୍ଗଦାନର ଗୁରୁତ୍ୱ ଉପଲବ୍ଧି କରିଛନ୍ତି ତେଲଙ୍ଗାନାର ମୁଚେରଲା ଗ୍ରାମବାସୀ। ହନୁମାକୋଣ୍ଡା ଜିଲାର ଏହି ଗାଁର ୫୦୦ ଅଧିବାସୀ ସେମାନଙ୍କ ମୃତ୍ୟୁପରେ ଚକ୍ଷୁଦାନ କରିବା ପାଇଁ ସଙ୍କଳ୍ପ ନେଇଛନ୍ତି। ଗାଁର ବାସିନ୍ଦା ମଣ୍ଡଲା ରବିନ୍ଦରଙ୍କ ପ୍ରେରଣା ଓ ସଚେତନତା ଯୋଗୁ ଏହା ସମ୍ଭବ ହୋଇଛି। ଏଭଳି ପ୍ରଶଂସନୀୟ ପଦକ୍ଷେପ ଅନ୍ୟତ୍ର ଗ୍ରହଣ କରାଯାଇପାରିଲେ ଭାରତରେ ଚକ୍ଷୁଦାନ ହାର ଯଥେଷ୍ଟ ବୃଦ୍ଧି ପାଇପାରନ୍ତା। ଉଲ୍ଲେଖନୀୟ ଯେ, ଭାରତରେ କର୍ନିଆ ବା ସ୍ୱଚ୍ଛପଟଳ କ୍ଷତି ଯୋଗୁ ଦୃଷ୍ଟିଶକ୍ତି ହ୍ରାସ ପାଇଥିବା ପାଖାପାଖି ୧୨ ଲକ୍ଷ ଲୋକ ଅଛନ୍ତି ଓ ପ୍ରତବର୍ଷ ଏଥିରେ ପ୍ରାୟ ୫୦ ହଜାର ଲୋକ ଯୋଡ଼ି ହେଉଛନ୍ତି। ଅପରପଟେ ଭାରତରେ ଅନେକ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଥିବାବେଳେ ସେମାନଙ୍କ ମଧ୍ୟରୁ ୩୦,୦୦୦ରୁ ୩୫,୦୦୦ ଲୋକ ଚକ୍ଷୁଦାନ କରୁଛନ୍ତି। ଏଣୁ ସମସ୍ୟା ଦୂର କରିବା ଲାଗି ପ୍ରତିବର୍ଷ ୧ ଲକ୍ଷ ଲୋକଙ୍କର ଚକ୍ଷୁ ପ୍ରତିରୋପଣର ଆବଶ୍ୟକତା ଥିବାବେଳେ ଏହାର ଅଧାରୁ କମ୍ ସଂଗ୍ରହ ହେବା ଚିନ୍ତାଜନକ ବୋଲି ଆଇ ବ୍ୟାଙ୍କ ଆସୋସିଏଶନ ଅଫ୍ ଇଣ୍ଡିଆ (ଇବିଏଆଇ) ତଥ୍ୟରୁ ଜଣାପଡ଼ିଛି। ଏହି ଅନୁଯାୟୀ ଆବଶ୍ୟକତା ପୂରଣ ପାଇଁ ପ୍ରତିବର୍ଷ ପାଖାପାଖି ୨ ଲକ୍ଷ କର୍ନିଆ ଦରକାର । ଅଙ୍ଗଦାନକୁ ମହତ କାର୍ଯ୍ୟ କହୁଥିବାବେଳେ, ସଚେତନ ହେବାକୁ ହେବ ଯେ ମୃତ ବ୍ୟକ୍ତିର ଚକ୍ଷୁ ଅତିଶୀଘ୍ର ନଷ୍ଟ ହୋଇଯାଇଥାଏ। ମୃତ୍ୟୁ ତତ୍କ୍ଷଣାତ୍ ପରେ ଅର୍ଥାତ୍ ୬ ଘଣ୍ଟା ମଧ୍ୟରେ ଯଦି ଆଖିକୁ ବଞ୍ଚଇରହିବାର ସୁବିଧା ମିଳିପାରେ ତେବେ ତାହା ଅନ୍ୟଜଣେ ବ୍ୟବହାର କରିପାରିବ। ନଚେତ କର୍ନିଆର ଅଧୋଗତି ଘଟିବା ଆରମ୍ଭ ହୋଇଯାଏ। ଆଖିକୁ ଯେଭଳି ୬ ଘଣ୍ଟା ମଧ୍ୟରେ ବ୍ୟବହାର କରିବାର ନିୟମ ରହିଛି ସେହିଭଳି ହୃତ୍ପିଣ୍ଡ (ହାର୍ଟ)କୁ ୪ ଘଣ୍ଟା ଏବଂ କିଡ୍ନୀ ଭଳି ଅଙ୍ଗକୁ ୬ରୁ ୨୪ ଘଣ୍ଟା ମଧ୍ୟରେ ବଞ୍ଚେଇ ରଖିବାର ବ୍ୟବସ୍ଥା କରିବାକୁ ହେବ। ଏ ସମ୍ପର୍କରେ ଭାରତ ସରକାରଙ୍କ ଦ୍ୱାରା ସ୍ପଷ୍ଟ ଭାବେ ଆଇନ ପ୍ରସ୍ତୁତ କରାଯାଇଛି। ଯାହାର ନାମ ହେଉଛି ଟ୍ରାନ୍ସପ୍ଲାଣ୍ଟେଶନ ଅଫ୍ ହ୍ୟୁମାନ ଅର୍ଗାନ୍ସ ଆକ୍ଟ, ୧୯୯୪। ଏହି ଆଇନନ ସଂଶୋଧନ ୨୦୧୧ମସିହାରେ କରାଯାଇଥିଲା ବେଳେ ତାହା ୨୦୧୪ରେ କାର୍ଯ୍ୟକାରୀ ହୋଇଥିଲା। ଅଙ୍ଗକୁ ସୁରକ୍ଷିତ ଭାବେ ବଞ୍ଚେଇ ରଖିବା ପାଇଁ କେବଳ ତାହାର ଚରିତ୍ରକୁ ଡାକ୍ତରମାନେ ବୁଝିଥାଆନ୍ତି। ଯେଉଁସବୁ ଅଙ୍ଗକୁ ରକ୍ତପ୍ରବାହିତ ହୋଇଥାଏ ତାହାକୁ ଭାସ୍କୁଲାର ଅର୍ଗାନ କୁହାଯାଏ। କର୍ନିଆକୁ ଭାସ୍କୁଲାର ବୋଲି କୁହାଯାଇପାରିବ ନାହିଁ, ତାହାର ସୁରକ୍ଷା ଭିନ୍ନ ପ୍ରକାରରେ କରାଯାଏ। ସାଧାରଣତଃ, ପରିବାରବର୍ଗ ଦାନ କରୁଥିବା ଅଙ୍ଗକୁ ରୋଗୀକୁ ଦେବାରେ ସମସ୍ୟା ହୁଏ ନାହିଁ। କିନ୍ତୁ ଯେଉଁ ପ୍ରକାର ଅଙ୍ଗଦାନ ତେଲଙ୍ଗାନା ରାଜ୍ୟର ମୁଚେରଲା ଗ୍ରାମର ବାସିନ୍ଦାମାନେ କରିଛନ୍ତି, ତାହାକୁ ଆଲଟ୍ରୁଇଷ୍ଟିକ ଡୋନେଶନର ଆଖ୍ୟା ଦିଆଯାଇଥାଏ। ଏହାର ଅର୍ଥ ହେଲେ ଅଙ୍ଗ ପ୍ରଦାନକାରୀ ଜାଣନ୍ତି ନାହିଁ କେଉଁ ବ୍ୟକ୍ତିଙ୍କୁ ସେହି ଅଙ୍ଗ ଦିଆଗଲା। ଏହି କ୍ଷେତ୍ରରେ ବ୍ୟବସାୟିକ ହସ୍ତକ୍ଷେପ ପ୍ରବେଶ କରୁଥିବାରୁ ଟ୍ରାନ୍ସପ୍ଲାଣ୍ଟେଶନ ଅଫ୍ ହ୍ୟୁମାନ ଅର୍ଗାନ ଆକ୍ଟର ଭୂମିକା ଜଣାପଡ଼େ। ଏଥିସହିତ ଅନେକ ଘଟଣାରେ ଅଙ୍ଗଦାନ ପାଇଁ ଲିଖିତ ଆବେଦନ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁପରେ ତାଙ୍କର ନିକଟତମ ପରିବାରବର୍ଗଙ୍କର ସ୍ୱୀକୃତି ଅତ୍ୟନ୍ତ ଆବଶ୍ୟକ ହୋଇଥାଏ। ଯଦି ପରିବାରବର୍ଗ ମନା କରିବେ ତେବେ ପୂର୍ବରୁ କୁହାଯାଉଥିବା ଅଙ୍ଗଦାନ ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଇପାରିବ ନାହିଁ।

ଭାରତ କେବଳ ଏକ ଜନବହୁଳ ଦେଶ ନୁହେଁ, ଦାରିଦ୍ର୍ୟ ଯୋଗୁ ରକ୍ତଦାନଠାରୁ ଅଙ୍ଗଦାନ ପାଇଁ ଅର୍ଥ ଲୋଡ଼ା ଯିବା ଖବର ଅନେକ ସମୟରେ ଶୁଣିବାକୁ ମିଳେ। ଏଥିସହିତ କୋଲକାତାର ଆର୍ ଜି କର ହସ୍ପିଟାଲ ଭଳି ଭାରତର ଅନେକ ଘରୋଇ ଏବଂ ସରକାରୀ ଚିକିତ୍ସାଳୟରେ ଅଙ୍ଗ ଚୋରି ହେବା ଘଟଣା ପଦାକୁ ଆସୁଛି। ସେହିସବୁ ଅଙ୍ଗର ମୂଲ୍ୟ ଯେତେ ଅଧିକ ହେବା ସତ୍ତ୍ୱେ ତାହାକୁ କିଣିବା ପାଇଁ ଲୋକଙ୍କର ଧାଡ଼ି ଲାଗୁଛି। ସେହିଭଳି ରକ୍ତଦାନ ପାଇଁ ଅନେକ ଲୋକ ବିଭିନ୍ନ ବ୍ଲଡ୍ କ୍ୟାମ୍ପ ବା ରକ୍ତଦାନ ଶିବିରକୁ ଦେଶପ୍ରେମରେ ମୋହିତ ହୋଇ ଆଗେଇ ଆସନ୍ତି। ସାଧାରଣରେ ଏହିସବୁ ବିଷୟରେ ଆମ୍ଭେମାନେ ଅଶିକ୍ଷିତ ହୋଇଥିବାରୁ କେହି ଜଣେ ପଚାରନ୍ତି ନାହିଁ ସଂଗୃହୀତ ରକ୍ତକୁ କେଉଁ ସ୍ଥାନରେ ଏବଂ କିପରି ଆକାରରେ ସଂରକ୍ଷିତ ରଖାଯିବ। ଅନେକ ଘରୋଇ ସଂସ୍ଥା ରକ୍ତଦାନ ଶିବିରର ଆୟୋଜନ କରି ବିଭିନ୍ନ ବ୍ଲଡ୍ ଗ୍ରୁପ୍‌ର ରକ୍ତ ଏକାଠି କରନ୍ତି। ପରବର୍ତ୍ତୀ ସମୟରେ ସେହି ରକ୍ତ କିଏ ନେଲା ତାହାର ଖୋଜଖବର କରିବା ପାଇଁ ସମ୍ପୃକ୍ତ ଦାନ କରିଥିବା ବ୍ୟକ୍ତିମାନେ ଚେଷ୍ଟା କରନ୍ତି ନାହିଁ। ତଥାପି ପ୍ରାୟ ଅଧିକାଂଶ ବ୍ଲଡ୍‌ବ୍ୟାଙ୍କରେ ଖୋଜିଲା ବେଳକୁ ଉପଯୁକ୍ତ ଗ୍ରୁପ୍‌ର ରକ୍ତ ମିଳେନାହିଁ। ରକ୍ତର ଅଭାବ ଆମ ଦେଶରେ ସବୁଆଡ଼େ ଏବଂ ସବୁବେଳେ ପଡ଼ିଥାଏ। ତାହାର ଏକମାତ୍ର କାରଣ ହେଉଛି ରକ୍ତଦାନ ଶିବିର କରାଉଥିବା ସଂସ୍ଥାଗୁଡ଼ିକ ସେହିସବୁ ସଂଗୃହୀତ ରକ୍ତକୁ ଦଲାଲମାନଙ୍କୁ ବହୁ ଲାଭରେ ବିକିଦିଅନ୍ତି। ଭାରତରେ ପରିସ୍ଥିତି ଏପରି ହୋଇଛି ଯେ ଦେଶର ଆଭ୍ୟନ୍ତରୀଣ ରକ୍ତ ଚାହିଦା ମେଣ୍ଟିପାରୁ ନ ଥିବା ବେଳେ ଭାରତ ଏବେ ପୃଥିବୀର ଅନ୍ୟତମ ବୃହତ୍ ରକ୍ତ ରପ୍ତାନିକାରୀ ଦେଶ ଭାବେ ପରିଚିତ ହେଲାଣି। ଏହାସବୁ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଲାଭ ଦେଉଥିବା ବେଳେ ଜନସାଧାରଣଙ୍କ କ୍ଷତି ଘଟୁଛି।

ଭାରତରେ ଅଙ୍ଗଦାନ ଓ ପ୍ରତିରୋପଣ କ୍ଷେତ୍ରରେ ଶିଥିଳତା ଏବଂ ଅସମାନତା ଦେଖାଯାଇଛି। ଏକ ପରିସଂଖ୍ୟାନରୁ ଜଣାପଡ଼େ ଯେ, ୫ ଜଣ ଅଙ୍ଗଦାତାଙ୍କ ମଧ୍ୟରେ ୪ ଜଣ ମହିଳା ଥିବାବେଳେ ଅଙ୍ଗ ପ୍ରତିରୋପଣ କରାଯାଉଥିବା ୫ ଜଣଙ୍କ ଭିତରେ ୪ ଜଣ ପୁରୁଷ ଅଛନ୍ତି। ଉଲ୍ଲେଖନୀୟ ଯେ, ୨୦୨୪ ଫେବୃଆରୀ ପ୍ରଥମ ସପ୍ତାହରେ ଲୋକ ସଭାରେ ତତ୍କାଳୀନ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂ ବଘେଲଙ୍କ ପ୍ରଦତ୍ତ ତଥ୍ୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ପ୍ରତିରୋପଣ ଅସମାନତାକୁ ସ୍ପଷ୍ଟ କରିଥିଲା। ଗତ ଏକ ଦଶନ୍ଧି ହେଲା ଭାରତରେ ପ୍ରତି ୧୦ ଲକ୍ଷରେ ସଦ୍ୟମୃତ ବ୍ୟକ୍ତିଙ୍କ ଅଙ୍ଗଦାନ ପ୍ରତିଶତ ୧ରୁ କମ୍ ରହିଆସିଛି। ଜଣେ ମୃତକଙ୍କ ଅଙ୍ଗଦାନ ୮ଜଣଙ୍କ ଜୀବନ ବଞ୍ଚାଇପାରିବ। ହେଲେ ଭାରତରେ ଅଙ୍ଗଦାନ ସ୍ଥିତି ବିଶ୍ୱରେ ଦୁର୍ବଳ ଅଛି। ଭାରତୀୟ ଅଙ୍ଗଦାନ ସମ୍ପର୍କିତ ନୀତିନିୟମ ଜଟିଳ ବୋଲି ଲୋକଙ୍କ ଧାରଣା ରହିଛି। ଏହା ସହ ଅଙ୍ଗଦାନରେ ବାଧକ ସାଜୁଛି ରୂଢ଼ିବାଦୀ ଧର୍ମୀୟ ଭାବନା ଓ ଅନ୍ଧବିଶ୍ୱାସ । ଏସବୁ ଦୃଷ୍ଟିରୁ ସଚେତନତା କେବଳ ବଡ଼ ଅସ୍ତ୍ର ହୋଇପାରିବ ଯାହା ଦେଖାଯାଇଛି ମୁଚେରଲା ଗାଁରେ।

# ସ୍ୱାସ୍ଥ୍ୟସେବାରେ ଦନ୍ତ ଚିକିତ୍ସକ ନିଯୁକ୍ତି



ପ୍ରତାପ ଚନ୍ଦ୍ର ସାମଲ

ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାଳମାଳ ଯୋଜନା କରୁଛନ୍ତି। ମାତ୍ର ଡାକ୍ତରମାନଙ୍କ ନିଯୁକ୍ତିରେ ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରରେ ରହି ଅନ୍ତରାୟ ସୃଷ୍ଟି କରୁଛି। ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସରକାର ପରେ ସରକାର ବଦଳୁଛନ୍ତି। ନୂଆ ସରକାର ଦାୟିତ୍ୱ ନିର୍ବାହ କଲାପରେ ସରଳ ଉପାୟରେ ଶାସନ ଚଳାଇବା ପାଇଁ ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ଲୋଡ଼ନ୍ତି। ମାତ୍ର ସରକାର ବଦଳିଲେ ମଧ୍ୟ ପୂର୍ବ ସରକାରରେ ଥିବା ପ୍ରଶାସନିକ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କ ହଠାତ୍ ମାନସିକତାରେ ପରିବର୍ତ୍ତନ ହୁଏ ନାହିଁ । ଚିକିତ୍ସା ବିଜ୍ଞାନରେ ଡାକ୍ତରୀ ଶିକ୍ଷା ଦେବାପାଇଁ ଯେଉଁ ପ୍ରକ୍ରିୟା ପ୍ରଣୟନ କରାଯାଇଛି ତାହା ହେଉଛି ଶ୍ରେଷ୍ଠ ପଦ୍ଧତ। ମାତ୍ର ଡାକ୍ତରୀ ଶିକ୍ଷା ସମାପ୍ତ ପରେ ଶୀର୍ଷ ସ୍ଥାନରେ ଥିବା ବିଭାଗୀୟ ଅଧିକାରୀମାନଙ୍କ ଚକ୍ରାନ୍ତ ଦ୍ୱାରା ନିଯୁକ୍ତିରେ ପାତରଅନ୍ତର କରାଯାଉଛି। ଡାକ୍ତରୀ ଶିକ୍ଷାରେ ଶିକ୍ଷାଦାନ ପାଇଁ ଗୋଟିଏ ପ୍ରକାର ସର୍ବଭାରତୀୟ ପରୀକ୍ଷା କରାଯାଇ ୨ ପ୍ରକାର ଶିକ୍ଷାଦାନ ପାଇଁ ଯୋଗ୍ୟତା ହାସଲ କରିଥିବା ଶିକ୍ଷାର୍ଥୀମାନଙ୍କୁ ନାମଲେଖା ପାଇଁ ମନୋନୀତ କରାଯାଏ। ଗୋଟିଏ ଏମ୍‌ବିବିଏସ୍ ଏବଂ ଅନ୍ୟଟି ବିଡିଏସ୍। ଉଭୟ ଶିକ୍ଷାର ଅବଧି ୫ ବର୍ଷ ଓ ହାଉସ୍ ସର୍ଜନ ୬ ମାସ। ଗୋଟିଏ ସାଧାରଣ ଡାକ୍ତରୀ ଚିକିତ୍ସା ଓ ଅନ୍ୟଟି ଦନ୍ତ ଚିକିତ୍ସା। ବିଡିଏସ୍ ଶିକ୍ଷା ଅବଧି ସମୟରେ ନିମ୍ନ ବିଷୟଗୁଡ଼ିକ ଶିକ୍ଷାର୍ଥୀ ଶିକ୍ଷାଲାଭ କରନ୍ତି। ଯଥା - (୧) ଆନାଟୋମି, (୨) ଫିଜିଓଲୋଜି ଓ ବାୟୋକେମେଷ୍ଟ୍ରି, (୩) ଡେଣ୍ଟାଲ୍ ଆନାଟୋମି, (୪) ଜେନେରାଲ ପାଥୋଲୋଜି ଓ ମାଇକ୍ରୋ ବାୟୋଲୋଜି, (୫)ଜେନେରାଲ ଓ ଡେଣ୍ଟାଲ ଫାର୍ମାକୋଲୋଜି ଏବଂ ଥେରାପିୟୁଟିକ୍ସ, (୬) ଡେଣ୍ଟାଲ ମ୍ୟାଟେରିଆଲ୍, (୭) ପ୍ରି-କ୍ଲିନିକାଲ୍ କଞ୍ଜରଭେଟିଭ୍, (୮) ଜେନେରାଲ ମେଡିସିନ, (୯) ଜେନେରାଲ ସର୍ଜରି, (୧୦) ଓରାଲ୍ ପାଥୋଲୋଜି ଓ ଓରାଲ୍ ମାଇକ୍ରୋବାୟୋଲୋଜି, (୧୧) ଓରାଲ ମେଡିସିନ ଏବଂ ରେଡିଓଲୋଜି, (୧୨) ପେଡିଆଟ୍ରିକ୍ ଓ ପ୍ରିଭେଣ୍ଟିଭ୍ ଡେଣ୍ଟିଷ୍ଟ୍ରି, (୧୩) ଅର୍ଥୋଡେଣ୍ଟିକ୍ସ ଓ ଡେଣ୍ଟୋଫେସିଆଲ୍ ଅର୍ଥୋପେଡିକ୍ସ, (୧୪) ପେରିଓଡଣ୍ଟୋଲୋଜି, (୧୫) ପ୍ରୋଥୋଡଣ୍ଟିକ୍ସ ଓ କ୍ରାଉନ୍ ଏବଂ ବ୍ରିଜ୍, (୧୬) କଞ୍ଜରଭେଟିଭ୍ ଡେଣ୍ଟିଷ୍ଟ୍ରି ଓ ଏଣ୍ଡୋଡଣ୍ଟିକ୍ସ, (୧୭) ଓରାଲ୍ ଓ ମାକ୍ସୋଫେସିଆଲ୍ ସର୍ଜରି, (୧୮) କମ୍ୟୁନିଟି ଡେଣ୍ଟିଷ୍ଟ୍ରି। ଏହି ୧୮ଟି ଯାକ ବିଷୟରେ ପ୍ରତିଟିରେ ୨୦୦ ନମ୍ବର ଲେଖା ମୋଟ୍ ୩୬୦୦ ନମ୍ବର ପ୍ରଶ୍ନର ଉତ୍ତର ପରୀକ୍ଷାର୍ଥୀମାନେ ଦିଅନ୍ତି। ଶିକ୍ଷାଲାଭକରି ପରୀକ୍ଷାରେ କୃତକାର୍ଯ୍ୟ ହେଲାପରେ ୬ମାସ ହାଉସ୍ ସର୍ଜନଭାବେ କାର୍ଯ୍ୟକରନ୍ତି। ଏ ସମସ୍ତ ସରିଲା ପରେ ପରୀକ୍ଷାର୍ଥୀ ବିଶ୍ୱବିଦ୍ୟାଳୟରୁ କୃତକାର୍ଯ୍ୟର ପ୍ରମାଣପତ୍ର ହାସଲ କରନ୍ତି। ଏମ୍‌ବିବିଏସ୍ ପାଠ



ପଢ଼ିବା ପାଇଁ ଶିକ୍ଷାର୍ଥୀମାନେ ନିମ୍ନଲିଖିତ ବିଷୟମାନ ୫ ବର୍ଷରେ ପଢ଼ନ୍ତି। ଯଥା- (୧) ଆନାଇସ୍ଥେଓଲୋଜି, (୨) ଡର୍ମାଟୋଲୋଜି, (୩) ଅପ୍‌ଥାମୋଲୋଜି, (୪) ଫର୍ମାକୋଲୋଜି, (୫) ଫିଜିଓଲୋଜି, (୬) ଆନାଟୋମି, (୭) ବାୟୋକେମିଷ୍ଟ୍ରି (୮)ଇଏନ୍‌ଟି, (୯) ଫରେନ୍ସିକ୍ ମେଡିସିନ୍, (୧୦) ମାଇକ୍ରୋ ବାୟୋଲୋଜି, (୧୧) ଅବ୍‌ଷ୍ଟେଟ୍ରିକ୍ସ ଓ ଗାଇନାକୋଲୋଜି, (୧୨) ଅର୍ଥପେଡିକ୍ସ, (୧୩) ପାଥୋଲୋଜି, (୧୪) ପେଡିଆଟ୍ରିକ୍ସ, (୧୫) ସାଇକ୍ରିଆଟି, (୧୬) ସର୍ଜରି, (୧୭) କମ୍ୟୁନିଟି ହେଲ୍‌ଥ, (୧୮) ଜେନେରାଲ ମେଡିସିନ, (୧୯) ଜେନିଟିକ୍ସ, (୨୦) ମେଡିଏସନ। ଏ ସମସ୍ତ ବିଷୟ ମଧ୍ୟ ୨୦୦ ନମ୍ବର ଲେଖା ମୋଟ ୪୦୦୦ ନମ୍ବରରୁ ଶିକ୍ଷାର୍ଥୀମାନେ ନିର୍ଦ୍ଦିଷ୍ଟ ନମ୍ବର ରଖିଲେ ଉତ୍ତୀର୍ଣ୍ଣ ସହ ୬ ମାସ ହାଉସ୍ ସର୍ଜନ ହିସାବରେ କାର୍ଯ୍ୟ କରିସାରିଲା ପରେ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରନ୍ତି।

ରୋଗୀ ଓ ରୋଗ ପରସ୍ପର ପରିପୂରକ। ସମାଜରେ ପ୍ରତିଦିନ ନୂଆ ନୂଆ ରୋଗରେ ଲୋକମାନେ ଆକ୍ରାନ୍ତ ହେଉଛନ୍ତି। ସ୍ୱାସ୍ଥ୍ୟସେବାକୁ ବିଭିନ୍ନ ସରକାର ଅବହେଳାକରି ଚାଲୁଥିବା ବେଳେ ଗତ ଭାଜପା ସରକାର ସମୟରୁ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା ପ୍ରତି ବଜେଟରେ ଅଧିକ ବ୍ୟୟବରାଦ କରିଛନ୍ତି। ସାଧାରଣ ଲୋକମାନଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ସରକାର ବଦ୍ଧପରିକର। ନୀତି ଆୟୋଗ ମଧ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିର୍ଦ୍ଦେଶାବଳୀକୁ ଗୁରୁତ୍ୱର ସହ ସରକାରୀ କାର୍ଯ୍ୟକ୍ରମରେ ସ୍ଥାନିତକରି ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି।

ନିଶାଦ୍ରବ୍ୟ ସେବନ କରୁଥିବାରୁ ଲୋକମାନେ ମୁଖ ଗହ୍ୱର କ୍ୟାନ୍ସରରେ ଆକ୍ରାନ୍ତ ହେଉଛନ୍ତି। ନିଶାଦ୍ରବ୍ୟ ସେବନରେ ବିହାର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶାର ସ୍ଥାନ ଦ୍ୱିତୀୟ। ମୁଖ ଗହ୍ୱର କ୍ୟାନ୍ସର ଦ୍ୱାରା ଲୋକମାନେ ଠିକ୍ ସ୍ୱାସ୍ଥ୍ୟସେବା ନ ପାଇ ଅଦିନରେ ମୃତ୍ୟୁବରଣ କରୁଛନ୍ତି। ସରକାର ଏ ଦିଗରେ ସଚେତନ ହେବା ଦରକାର। ଉଭୟ ଏମ୍‌ବିବିଏସ୍ ଓ ବିଡିଏସ୍ ପାଠକୁ ବିଚାରକଲେ ଜଣେ ବିଡିଏସ୍ ଡିଗ୍ରୀଧାରୀ ସ୍ପେଶିଆଲିଷ୍ଟ ହିସାବରେ ପରିଗଣିତ । ଗାଁ ଗହଳିର ଲୋକମାନେ ଗୁଟ୍‌କା ସେବନ ଦ୍ୱାରା କ୍ୟାନ୍ସରରେ ଆକ୍ରାନ୍ତହୋଇ ପ୍ରଥମେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଆନ୍ତି। ମାତ୍ର ସେଠାରୁ କୌଣସି ସୁବିଧା ନ ପାଇ ସରକାରୀ କ୍ୟାନ୍ସର ପ୍ରତିଷ୍ଠାନ ସହ କିମ୍ବା କେତେକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଦିନକୁ ଦିନ କ୍ୟାନ୍ସର ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାର ଡାକ୍ତରଖାନାର ପାରିପାର୍ଶ୍ୱିକ ସୁବିଧା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ପ୍ରତି ପ୍ରାଇମେରି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଜଣେ ଦନ୍ତ ସର୍ଜନଙ୍କୁ ନିଯୁକ୍ତି ଦେବା ସହିତ ୧୦ରୁ ୧୫ ଲକ୍ଷ ଟଙ୍କାର ଚିକିତ୍ସା ସରଞ୍ଜାମ ଯୋଗାଇ ଦେଲେ ରୋଗୀମାନେ ସହଜରେ ସେବା ପାଇବା ସହ ମୃତ୍ୟୁ ମୁଖରୁ ବର୍ତ୍ତିଯାଆନ୍ତେ। ଆହୁରି ମଧ୍ୟ ପ୍ରତି ପ୍ରାଇମେରି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଦନ୍ତ ସର୍ଜନ କେତେକ ରୋଗର ପ୍ରାଥମିକ ଚିକିତ୍ସା କରିପାରିବେ। ମାତ୍ର ଏ ବିଷୟ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଡିଏମ୍‌ଇଟି ସରକାରଙ୍କୁ ପ୍ରକୃତ ତଥ୍ୟ ଜଣାଇବା ଆବଶ୍ୟକ। ମାତ୍ର ଏ ସମସ୍ତ ଅଧିକାରୀ ଏମ୍‌ବିବିଏସ୍ ଡିଗ୍ରୀଧାରୀ ହୋଇଥିବାରୁ ବିଡିଏସ୍‌ଡିଗ୍ରୀଧାରୀ ନିଯୁକ୍ତିପାଇଁ ଅନ୍ତରାୟ ସୃଷ୍ଟିକରନ୍ତି।

ପ୍ରତି ପ୍ରାଇମେରି ସ୍ୱାସ୍ଥ୍ୟକେନ୍ଦ୍ରରେ ଯଦି ଜଣେ ଜଣେ ଦନ୍ତ ସର୍ଜନଙ୍କୁ ନିଯୁକ୍ତି ଦିଆଯାଇପାରନ୍ତା ତେବେ ଡାକ୍ତର ଅଭାବ ଦେଖାଯାଆନ୍ତା ନାହିଁ। କାରଣ ଏମ୍‌ବିବିଏସ୍ ଡିଗ୍ରୀଧାରୀମାନେ ପ୍ରତିବର୍ଷ ନିଯୁକ୍ତି ପାଉଥିଲା ବେଳେ ବିଡିଏସ୍ ଡିଗ୍ରୀଧାରୀମାନଙ୍କୁ ସରକାର ପ୍ରତିବର୍ଷ ନିଯୁକ୍ତି ନ ଦେଇ ବେକାର କରି ଘରେ ବସାନ୍ତି। ଏ ସମସ୍ତ ବିଷୟ ସରକାର ବିଚାରକୁ ନେଇ ୨ ପ୍ରକାର ଶିକ୍ଷାର୍ଥୀଙ୍କ ଶିକ୍ଷା ଓ ଅଭିଜ୍ଞତାକୁ ପାଥେୟକରି ସରକାର ନିଯୁକ୍ତି ଦେଲେ ରାଜ୍ୟରେ ଡାକ୍ତର ଅଭାବ ଦୂର ହୋଇପାରିବ ଓ ଗ୍ରାମାଞ୍ଚଳର ରୋଗୀମାନେ ଯଥାଶୀଘ୍ର ସେବା ପାଇପାରିବେ। ଦୀର୍ଘଦିନ ଧରି ୨ ପ୍ରକାର ଶିକ୍ଷାର୍ଥୀଙ୍କ ମଧ୍ୟରେ ଲାଗି ରହିଥିବା ତଫାତ୍‌କୁ ଦୂରକରିବା ପାଇଁ ସରକାର ସମାନୁପାତରେ ସମସ୍ତଙ୍କୁ ନିଯୁକ୍ତି ଦେବା ଆବଶ୍ୟକ । ଏହାବାଦ୍ ମଧ୍ୟ ଗୋଟିଏ ବ୍ରିଜ୍ କୋର୍ସ ଦ୍ୱାରା ଆଉ ୧ ବର୍ଷ ଦନ୍ତ ସର୍ଜନଙ୍କୁ ଶିକ୍ଷା ଦେଲେ ସେମାନେ ଏକସଙ୍ଗେ ଜଣେ ଜଣେ ସ୍ପେଶିଆଲିଷ୍ଟ ହିସାବରେ ଏକା ଦରମାରେ ଡାକ୍ତରଖାନାରେ କାର୍ଯ୍ୟ କରିପାରିବେ। ଏହା ହୋଇପାରିଲେ ଦୀର୍ଘଦିନରୁ ଦନ୍ତ ସର୍ଜନମାନଙ୍କ ନିଯୁକ୍ତି ପାଇଁ ଲାଗି ରହିଥିବା ଅବ୍ୟବସ୍ଥାର ପଥ ପରିଷ୍କାର ହୋଇପାରନ୍ତା।

ରାଜ୍ୟରେ ସ୍ୱାସ୍ଥ୍ୟ ଅନୁଷ୍ଠାନ ଆଇସିଏମ୍‌ଆର୍, ଭୁବନେଶ୍ୱରଠାରେ କାର୍ଯ୍ୟ କରୁଛି। ଉକ୍ତ ଅନୁଷ୍ଠାନରେ ନାମଲେଖା ପାଇଁ ସର୍ବଭାରତୀୟ ସ୍ତରରେ ଏକ ପ୍ରବେଶିକା ପରୀକ୍ଷା କରାଯାଇ ଯୋଗ୍ୟତା ହାସଲ କରିଥିବା ଉଭୟ ବିଡିଏସ୍ ଓ ଏମ୍‌ବିବିଏସ୍ ଡିଗ୍ରୀଧାରୀ ଡାକ୍ତରମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଏମ୍‌ପିଏଚ୍‌ରେ ଶିକ୍ଷାଦାନ କରାଯାଏ । ପ୍ରତିବର୍ଷ ଉକ୍ତ ଅନୁଷ୍ଠାନରୁ ୧୫ ଜଣ ସ୍ନାତକୋତ୍ତର ଡିଗ୍ରୀଧାରୀ ଉତ୍ତୀର୍ଣ୍ଣ ହେଉଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କୁ ନିଯୁକ୍ତି ନ ଦେବାରୁ ବାଧ୍ୟହୋଇ ସେମାନେ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ବୈଜ୍ଞାନିକ ଭାବେ ନିଯୁକ୍ତି ପାଇ ଓଡ଼ିଶା ଛାଡୁଛନ୍ତି। ଏ କ୍ଷେତ୍ରରେ ସରକାର ନଜର ଦେବାର ଆବଶ୍ୟକତା ଦେଖାଦେଇଛି।

ମୋ: ୯୦୯୦୩୨୫୮୦୨

# ସମ୍ପର୍କ ଶିକୁଳି ନ ହେଉ



ବିଚିତ୍ର ବିଶ୍ୱାଳ

ବଞ୍ଚିରହିବାର ଲୋଭ ପରି ଯାହା ମଣିଷକୁ ସେହି ପରିମାଣରେ ଓ ସେହି ତୀବ୍ରତାର ସହ ଆକର୍ଷିତ କରିଛି, ତାହା ହେଉଛି 'ସ୍ୱାଧୀନତା'। ତାହା ବ୍ୟକ୍ତି ସ୍ୱାଧୀନତା ହେଉ କି ନିଜ ଦେଶମାତୃକାର ସ୍ୱାଧୀନତା। କେବଳ ବଞ୍ଚିରହିବା ନୁହେଁ, ସମ୍ମାନର ସହ ଓ ସ୍ୱାଧୀନ ଭାବେ ବଞ୍ଚିରହିବା ମଣିଷର ସବୁଠାରୁ ବଡ଼ ଈପ୍ସିତ କାମନା ହୋଇଆସିଛି ଇତିହାସରୁ ଆଜି ଯାଏ। ସେ ଭଗତ ସିଂହ, ସୁଭାଷ ବୋଷ, ଗାନ୍ଧିଜୀ ହୁଅନ୍ତୁ କି ମାର୍ଟିନ ଲୁଥର ଓ ନେଲସନ ମଣ୍ଡେଲା ହୁଅନ୍ତୁ, ସମସ୍ତେ ସ୍ୱାଧୀନତା ପାଇଁ ନିଜ ବ୍ୟକ୍ତିଗତ ସୁଖ ସମୃଦ୍ଧିକୁ ଜଳାଞ୍ଜଳି ଦେବାର ଅନେକ ନଜିର ଅଛି। ଇତିହାସରୁ ନେଇ ଆଜି ଯାଏ ସ୍ୱାଧୀନତାକୁ ନେଇ ମଣିଷର ଚେତନା ଧୀରେ ଧୀରେ ବିକଶିତ ହେବାରେ ଲାଗିଛି। ସମ୍ପର୍କରେ ସ୍ୱାଧୀନତା ବ୍ୟକ୍ତି ସ୍ୱାଧୀନତାର ଗୋଟେ ଗୁରୁତ୍ୱପୂର୍ଣ୍ଣ ଦିଗ। ଯଦି ଆମେ ବ୍ୟକ୍ତି ସ୍ୱାଧୀନତାର ସପକ୍ଷବାଦୀ ତେବେ ସମ୍ପର୍କରେ ସ୍ୱାଧୀନତାର ଗୁରୁତ୍ୱକୁ ନିଶ୍ଚୟ ଅନୁଭବ କରିପାରିବା। ଯଦି ପ୍ରିୟ ମଣିଷଙ୍କ ପାଖରେ ନିଜକୁ ମୁକ୍ତ ଅନୁଭବ କରାଯାଇପାରୁନାହିଁ, ତେବେ ସେ ସମ୍ପର୍କର ନିରାପଣ ଉପରେ ନିଶ୍ଚୟ ପ୍ରଶ୍ନ ଉଠିବ। ସମ୍ପର୍କ ବା ରିଲେଶନଶିପର ଅର୍ଥ କ'ଣ କେବଳ ଜଣକ ପାଖରେ ବାନ୍ଧି ହୋଇରହିବା! ସେ ରକ୍ତର ସମ୍ପର୍କ ହେଉ କି ଅନ୍ତରର ଆକର୍ଷଣରୁ ତିଆରି ହୋଇଥିବା ସମ୍ପର୍କ ହେଉ ପ୍ରତ୍ୟେକ ସମ୍ପର୍କରେ ଯେହେତୁ ବ୍ୟକ୍ତି ଜଡ଼ିତ, ତେଣୁ ସ୍ୱାଧୀନତାର ଇଚ୍ଛା ରଖିବା ଏକ ସହଜାତ ପ୍ରବୃତ୍ତି। ସମ୍ପର୍କରେ ସ୍ୱାଧୀନତାର ଅର୍ଥ ପରସ୍ପରଙ୍କ ସହ ଭବନାତ୍ମକ ସ୍ତରରେ ସଂଯୁକ୍ତ ରହି ନିଜ ବ୍ୟକ୍ତିସତ୍ତା, ସ୍ୱାୟତ୍ତତା ଓ ପାରସ୍ପରିକ ସମ୍ମାନକୁ ବଜାୟ ରଖିବା। ଅନେକଙ୍କର ଏକ ଭୁଲ୍ ବୁଝାମଣା ଥାଏ ଯେ, ସମ୍ପର୍କରେ ସ୍ୱାଧୀନତା ଅର୍ଥ ପରସ୍ପର ପ୍ରତି ଉଦାସୀନତା ଓ ଦୁର୍ବଳ ସଙ୍କଳ୍ପବଦ୍ଧତାକୁ ପ୍ରକାଶ କରିଥାଏ। କିନ୍ତୁ ବାସ୍ତବରେ ସ୍ୱାଧୀନତା ସମ୍ପର୍କକୁ ଅଧିକ ଦୃଢ଼ କରିଥାଏ। ସ୍ୱାଧୀନତା ଯୋଗୁ ସମ୍ପର୍କର ଉଭୟ ପକ୍ଷରେ ଥିବା ବ୍ୟକ୍ତି ଅଧିକ ସ୍ୱଚ୍ଛନ୍ଦ, ମୁକ୍ତ ଓ ଖୁସି ଅନୁଭବ କରିଥାନ୍ତି, ଯେଉଁଥିପାଇଁ ସେମାନେ ସମ୍ପର୍କରେ ସମ୍ପୂର୍ଣ୍ଣ ହୃଦୟକୁ ଢାଳିଦେବା ପାଇଁ ପ୍ରେରଣା ଅନୁଭବ କରିଥାନ୍ତି।

ସମ୍ପର୍କ ଯେହେତୁ ମୁଖ୍ୟତଃ ଦୁଇଟି ବ୍ୟକ୍ତିଙ୍କ ମଧ୍ୟରେ ଗଢ଼ିଉଠିଥାଏ, ତେଣୁ ସମ୍ପର୍କରେ ବ୍ୟକ୍ତିସତ୍ତାର ସ୍ୱତନ୍ତ୍ରତା ରହିବା ନିହାତି ଆବଶ୍ୟକ। ସମ୍ପର୍କରେ ଯଦି ସ୍ୱାଧୀନତା ତଥା ମୁକ୍ତ ଭାବନା ରହିବ, ତେବେ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ନିଜକୁ ହରେଇ ନ ଦେଇ ନିଜର ସ୍ୱତନ୍ତ୍ରତା ରକ୍ଷାକରି ସମ୍ପର୍କରେ ନିର୍ବିଘ୍ନରେ ଭାଗନେଇପାରିବେ। ଗୋଟେ ସୁସ୍ଥ ସମ୍ପର୍କ ପ୍ରତିଷ୍ଠା ପାଇଁ ବ୍ୟକ୍ତିତ୍ୱର ବିକାଶ ଜରୁରୀ ବା ଗୋଟେ ବାସ୍ତବିକ ସୁସ୍ଥ ସମ୍ପର୍କରେ ଜଡ଼ିତ ଉଭୟ ପକ୍ଷଙ୍କର ବ୍ୟକ୍ତିତ୍ୱର ବିକାଶ ହୋଇଥାଏ। ସ୍ୱାଧୀନତା, ସମ୍ପର୍କର ଉଭୟ ପକ୍ଷରେ ଥିବା ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ବିକାଶକୁ ନିଶ୍ଚିତ କରିଥାଏ। ଉଭୟଙ୍କୁ ଉପଯୁକ୍ତ ସ୍ଥାନ (ସ୍ପେସ୍) ବା ସୁଯୋଗ ପ୍ରାପ୍ତି ହେଲେ ଏହା ସମ୍ପର୍କରେ ଥିବା



ଦୃଢ଼ବିଶ୍ୱାସକୁ ପ୍ରତିଫଳିତ କରିଥାଏ ଓ ପରସ୍ପରଙ୍କ ପ୍ରତି ଥିବା ଭାବାବେଗକୁ ମଜଭୁତ କରିଥାଏ। ସମ୍ପର୍କରେ ସ୍ୱାଧୀନତା ରହିଲେ ଏହା ଭାବନାତ୍ମକ ନିର୍ଭରଶୀଳତାକୁ କମ୍ କରିଥାଏ। ପରସ୍ପର ପ୍ରତି ମାତ୍ରାଧିକ ନିର୍ଭରଶୀଳତା ରହିଲେ ମନରେ ଧୀରେ ଧୀରେ ତିକ୍ତଭାବ ଆସିବା ସହ ଗୋଟେ ସମୟରେ ଶ୍ୱାସରୋଧ ପରି ଅନୁଭବ ହେବା ଆରମ୍ଭ ହୁଏ। ଏହି ପରିସ୍ଥିତିକୁ ଏଡ଼ାଇବା ପାଇଁ ସମ୍ପର୍କରେ ଉଭୟଙ୍କ ପାଇଁ ସ୍ୱାଧୀନତା ରହିବା ଜରୁରୀ। ଏହାଦ୍ୱାରା ଉଭୟଙ୍କ ମଧ୍ୟରେ ଯୋଗାଯୋଗ ମଧ୍ୟ ସୁରୁଖୁରୁରେ ହୋଇଥାଏ। ଉଭୟ ମୁକ୍ତ ଅନୁଭବ କଲେ ହିଁ ମନର ଭାବ ସଙ୍କୋଚତାର ସହିତ ଓ ସହଜରେ ପ୍ରକାଶ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତିର ନିଜ ଜୀବନକୁ ନେଇ କିଛି ଲକ୍ଷ୍ୟ ଥାଏ। ବ୍ୟକ୍ତିସତ୍ତାର ସ୍ୱାଧୀନତା ତଥା ଏକ ବନ୍ଧନମୁକ୍ତ ସମ୍ପର୍କ ଆମକୁ ଆମ ଲକ୍ଷ୍ୟ ଦିଗରେ ନିର୍ବିଘ୍ନରେ ବାଟ କଢ଼େଇ ନେଇଥାଏ। ସମ୍ପର୍କରେ ପରସ୍ପରଙ୍କ ପ୍ରତି ଅଯଥା ବନ୍ଧନ ରହିଲେ, ଧୀରେ ଧୀରେ ସମ୍ପର୍କରେ ବିଷ ଭରିଯାଏ ଓ ଗୋଟିଏ ସମୟ ଆସେ ଯେତେବେଳେ ଉଭୟ ସମ୍ପର୍କରୁ ମୁକ୍ତି ଚାହିଁଥାନ୍ତି। ସମ୍ପର୍କରେ ଉଭୟଙ୍କ ପାଇଁ ସ୍ୱାଧୀନତା ବଜାୟ ରହିଲେ ସାମାଜିକ ଜୀବନ ଅଧିକ ବ୍ୟାପକ ଓ ସୁଖମୟ ହୋଇଥାଏ। ନିର୍ଦ୍ଦିଷ୍ଟ ସମ୍ପର୍କ ବାହାରେ ମଧ୍ୟ ଉଭୟଙ୍କର ସାମାଜିକ ପରିସୀମା ବଢ଼ିଥାଏ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାଧୀନତା ମିଳିଲେ ସେମାନେ ଖୁସି ଅନୁଭବ କରିବା ସହ ମାନସିକ ଭାବେ ଅଧିକ ପୂର୍ଣ୍ଣତା ଅନୁଭବ କରିଥାନ୍ତି। ସମ୍ପର୍କରେ ଅଯଥାରେ ଅଧିକାର ଜାହିର କରିବା ଦ୍ୱାରା ଅପରପକ୍ଷକୁ ଫସି ଯିବା ପରି ମନେହୋଇଥାଏ ଓ ମନରେ ପ୍ରଚୁର ଅସନ୍ତୋଷ ଭାବ ଆସିଥାଏ। ବାସ୍ତବରେ କହିବାକୁ ଗଲେ ସ୍ୱାଧୀନତା ହିଁ ସମ୍ପର୍କକୁ ଜୀବନ୍ତ ରଖିଥାଏ। ଅନେକ କ୍ଷେତ୍ରରେ ଦେଖାଯାଏ, ସମ୍ପର୍କରେ ପରସ୍ପରଙ୍କ ପାଇଁ ସ୍ୱାଧୀନତା ନ ଥିବା ଯୋଗୁ ଉଭୟେ ଖୁବ୍ ଶୀଘ୍ର ସମ୍ପର୍କରୁ ଆଗ୍ରହ ହରାଇବସିଥାନ୍ତି।

କିନ୍ତୁ ଏହି ସ୍ୱାଧୀନତା ଉଚ୍ଛୃଙ୍ଖଳତାରେ ପରିଣତ ହେବା ଉଚିତ ନୁହେଁ। ଏହା ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ଆଣିପାରେ। ପରସ୍ପରଙ୍କ ପାଇଁ ସ୍ୱାଧୀନତା ନାମରେ ପରସ୍ପରକୁ ଅବହେଳା କରାଯିବା ଉଚିତ ନୁହେଁ। ଅବହେଳା ମନରେ ସନ୍ଦେହ ତଥା ଅବିଶ୍ୱାସ ଭରିଦେଇପାରେ। ତେଣୁ ସ୍ୱାଧୀନତା, ସମ୍ପର୍କ ପ୍ରତି ଉଦାସୀନ ଭାବ ଯେପରି ନ ଆଣେ ସେଥିପ୍ରତି ସଚେତନ ରହିବା ଉଚିତ। ସମ୍ପର୍କରେ ସବୁଠୁ ବଡ଼ କଥା ହେଉଛି ପରସ୍ପରଙ୍କ ଭାବନାକୁ ଉଚିତ ସମ୍ମାନଦେବା। ସ୍ୱାଧୀନତା ନାମରେ ଏହା ବ୍ୟାଘାତ ହେବା ଉଚିତ ନୁହେଁ। ସ୍ୱାଧୀନତା ନାମରେ ପରସ୍ପରଙ୍କ ପ୍ରତି ଥିବା ସଙ୍କଳ୍ପବଦ୍ଧତା ଓ ବିଶ୍ୱାସ ଆଦୌ ବି ଦୁର୍ବଳ ହେବା ଉଚିତ ନୁହେଁ। ଏହା ସମ୍ପର୍କର ମୂଳଦୁଆକୁ ଦୁର୍ବଳ କରିଦେଇପାରେ। ଏକ ସୁସ୍ଥ ସମ୍ପର୍କ ସ୍ଥାପନ ପାଇଁ ଧୈର୍ଯ୍ୟ ଓ ବୁଝାମଣା ସବୁବେଳେ ଜରୁରୀ ହୋଇଥାଏ। ପରସ୍ପରଙ୍କ ଦୁର୍ବଳତାକୁ ବୁଝି ସହଜତାର ସହ ଗ୍ରହଣକରି ଭାବନାକୁ ସମ୍ମାନଦେଇ ସଙ୍କୋଚତାର ସହିତ ମତ ପ୍ରକାଶକଲେ ଉଭୟ ଆଗକୁ ବଢ଼ିବା ସହ ସମ୍ପର୍କ ବି ଆଗକୁ ବଢ଼ିଥାଏ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

## ଏଇ ଭାରତରେ

ଗୁରୁଙ୍କ ଗୌରବ କଥା ଆସିଲେ ମନେପଡ଼ନ୍ତି ବିହାରର ରଜନୀକାନ୍ତ(ଆର.କେ.) ଶ୍ରୀବାସ୍ତବ। ୧୮ ବର୍ଷ ହେଲା ସେ ପିଲାମାନଙ୍କୁ ଏକ ଟଙ୍କା ଦକ୍ଷିଣାର ପଢ଼ାଉଛନ୍ତି। ରୋହତାସ ଜିଲା ବିକ୍ରମଗଞ୍ଜରେ ସେ ଏକ ସ୍ୱତନ୍ତ୍ର କ୍ଲାସ କରୁଛନ୍ତି ଓ ତାହାକୁ 'ଏକ ଟଙ୍କା ଦକ୍ଷିଣା କ୍ଲାସ୍' ବୋଲି ସମସ୍ତେ ଜାଣନ୍ତି। ଆର.କେ ସାର୍ ଜଣେ ଗଣିତ ଶିକ୍ଷକ। ସେ ପିଲାମାନଙ୍କୁ ଦେଶର ପ୍ରତିଷ୍ଠିତ ଇଞ୍ଜିନିୟରିଂ ଏବଂ ମେଡିକାଲ କଲେଜରେ ନାମ ଲେଖାଇବାରେ ସାହାଯ୍ୟ କରୁଛନ୍ତି। ତାଙ୍କ ପାଖକୁ ଆସୁଥିବା ପ୍ରତ୍ୟେକ ଛାତ୍ରଙ୍କ ପାଇଁ ଦେୟ ରଖିଛନ୍ତି ମାତ୍ର ୧ଟଙ୍କା । ତାଙ୍କର ଏପରି କାର୍ଯ୍ୟ ପଛରେ ଏକ କାହାଣୀ ରହିଛି। ଆର୍.କେ.ସାର୍‌ଙ୍କ ଆଦ୍ୟଜୀବନ ଅଭାବରେ କଟିଥିଲା। ବହୁକଷ୍ଟରେ ସେ ପାଠପଢ଼ି ଦ୍ୱାଦଶ ପାସ କରିବା ପରେ ଇଞ୍ଜିନିୟର ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଆଇଆଇଟି ପାଇଁ ପ୍ରସ୍ତୁତ ହେବା ସମୟରେ ତାଙ୍କୁ ଟିବି ହୋଇଗଲା ଓ ସେ ସଥିରୁ ବଞ୍ଚିତ ହୋଇଥିଲେ। ପରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ୧ଟଙ୍କା ଦେୟରେ ପଢ଼ାଇବା ସହ ନିଜେ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୨୦୦୮ରେ ସେ କୋଚିଂ କ୍ଲାସ୍ ଖୋଲିଥିଲେ। ଏବେ ସୁଦ୍ଧା ତାଙ୍କ ନିକଟରୁ ୫୪୫ ପିଲା କୋଚିଂ ନେଇ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇ ସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଫେବୃଆରୀ ୧୯୭୬

- ସାମ୍ବାଦିକ ତଥା ଅମୃତ ବଜାର ପତ୍ରିକାର କଟକ ପ୍ରତିନିଧି ରାମହରି ମିଶ୍ର ପୃଥିବୀର ସର୍ବପ୍ରାଚୀନ ସାମ୍ବାଦିକ ସଂସ୍ଥା ଲଣ୍ଡନର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଜର୍ନାଲିଷ୍ଟର ସଭ୍ୟ ମନୋନୀତି।
- କେରଳର କ୍ଷମତାସୀନ ମିଳିତ ସାମୁଖ୍ୟ ପ୍ରାର୍ଥୀ ଟି.ଏସ୍.ଜନ (କେରଳ କଂଗ୍ରେସ) ରାଜ୍ୟ ବିଧାନସଭାର ନୂଆ ବାଚସ୍ପତି ନିର୍ବାଚିତ।

## ଚିରନ୍ତନୀ

ଅନ୍ତରେ ଲହୁ ବାହାରେ ରକ୍ତରାଶି,
ରକତର ଶିଶୁ କାହିଁ ଯିବି ମୁଁ ଗୋ ଭାସି!
କି ବାରତା ଆସେ କାହିଁ ସେ ଉଚ୍ଚରେ,
କ୍ଷୀଣତର ହୋଇ ମରମେ ସଞ୍ଚରେ,
କି ପୁଲକ ବ୍ୟଥା ପରାଣେ ଲାଗେ ପରାସି
ରଙ୍ଗାଏ ମୋର ସଞ୍ଚିତ ବ୍ୟଥାରାଶି।
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 9 | | 6 | |
| | | 8 | 4 | | 3 | | | |
| | | 4 | | | 2 | 5 | | 3 |
| | | 3 | | | | | 8 | 7 |
| | | | | 3 | | 1 | 4 | 2 |
| | | | | 6 | 7 | | | |
| | | | 7 | | | | | |
| 5 | | | | 1 | | | 7 | 9 |
| 3 | 4 | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 4 | 3 | 9 | 6 | 7 | 2 | 1 |
| 2 | 1 | 3 | 8 | 7 | 4 | 9 | 5 | 6 |
| 6 | 7 | 9 | 1 | 2 | 5 | 8 | 4 | 3 |
| 7 | 6 | 5 | 9 | 3 | 1 | 4 | 8 | 2 |
| 1 | 3 | 2 | 4 | 8 | 7 | 6 | 9 | 5 |
| 9 | 4 | 8 | 6 | 5 | 2 | 1 | 3 | 7 |
| 3 | 2 | 6 | 7 | 4 | 8 | 5 | 1 | 9 |
| 4 | 9 | 7 | 5 | 1 | 3 | 2 | 6 | 8 |
| 8 | 5 | 1 | 2 | 6 | 9 | 3 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ବିଭାଗର ଅବହେଳା

ମହାଶୟ,

ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସକୁ ଦକ୍ଷ ଏବଂ ସକ୍ରିୟ କରିବାକୁ ସରକାରଙ୍କ ପଦକ୍ଷେପ ଆଦୌ ସଫଳତା ହାସଲ କରିପାରୁ ନାହିଁ। ସେହିପରି ପଇଁତରା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ତାଗିଦ୍ କରାଯାଉନାହିଁ। ପାଟ୍ରୋଲିଂ ଗାଡ଼ି ଯୋଗାଇ ଦିଆଯାଉଥିଲେ ସୁଦ୍ଧା କୌଣସି ସୁଧାର ଆସି ପାରୁନାହିଁ । କର୍ତ୍ତବ୍ୟବୋଧ ତଥା ପରିଚାଳନା ଠିକ୍ ରୂପେ କରାଯାଉନାହିଁ। ଏପରିକି ମହିଳା ଏବଂ ପୁରୁଷ ପୋଲିସକୁ ଦିଆଯାଇଥିବା ପିସିଆର୍ ଦୁଇଚକିଆ ଗାଡ଼ି ଆଦୌ ବ୍ୟବହାର କରାଯାଉନାହିଁ। ପୋଲିସ ମହାନିର୍ଦ୍ଦେଶକଙ୍କ ଆଦେଶକୁ ପାଳନ କରାଯାଉନାହିଁ। ସିସିଟିଭି ଥିଲେ ମଧ୍ୟ ଥାନାଗୁଡ଼ିକରେ ଲଗାଯାଇନାହିଁ ।

- ରମେଶଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆବାସିକ ବିଦ୍ୟାଳୟରେ ଛାତ୍ରଙ୍କ ମୃତ୍ୟୁ

## କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀକଲେ ପରିବାର

ପାରଳାଖେମୁଣ୍ଡି,୧୭।୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲ୍ଲା ରାୟଗଡ ବ୍ଲକ କେରାଣ୍ଡି ପଞ୍ଚାୟତର ଓୟା ସରକାରୀ ଉଚ୍ଚ ଆବାସିକ ବିଦ୍ୟାଳୟରେ ରହି ପାଠ ପଢ଼ୁଥିବା ଜଣେ ଆଦିବାସୀ ଛାତ୍ରଙ୍କ ଗତ ଶନିବାର ମୃତ୍ୟୁ ହୋଇଛି। ଏଥିପାଇଁ ପରିବାର ଲୋକେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ରାୟଗଡ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତ ଶଗଡିଆ ଗ୍ରାମର ସ୍ୱର୍ଗତ ଗୁରୁଣ୍ଡା ଶବରଙ୍କ ପୁଅ ଗୋବିନ୍ଦ (୮) ଓୟା ସରକାରୀ ଉଚ୍ଚ ଆବାସିକ ବିଦ୍ୟାଳୟରେ ଅନ୍ତେବାସୀ ଭାବେ ରହି ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ। ସେଠାରେ ଗୋବିନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା କିଛିଦିନ ହେବ ଖରାପ ଥିଲା। ତେବେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କର ଚିକିତ୍ସା କରାଇ ନ ଥିଲେ ବୋଲି ତାଙ୍କ ମା' ଗୁରୁବାରୀ ଅଭିଯୋଗ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ପୁଅ ଗୋବିନ୍ଦର ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ତାକୁ ଚିକିତ୍ସା କରିବାକୁ ଡାକ୍ତରଖାନା ନ ନେଇ ରୋଷେୟା ଯାତ୍ରା କାର୍ଜିଙ୍କ ସାଙ୍ଗରେ ଘରକୁ ପଠାଇ ଦେଇଥିଲେ। ଶୁକ୍ରବାର ପୁଅକୁ ଗୁରୁବାରୀ ଆନ୍ଧ୍ରପ୍ରଦେଶର ମଞ୍ଜୁଷା ମେଡିକାଲ ନେଇ ଚିକିତ୍ସା କରାଇ ଘରକୁ ଆଣିଥିଲେ। ତେବେ ପୁଣି ଶନିବାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ସେ ଡାକ୍ତରଖାନା ନେବା ସମୟରେ ରାସ୍ତାରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା। ପୁଅର ସ୍ୱାସ୍ଥ୍ୟ ଖରାପ ହୋଇଥିଲେ ମଧ ବିଦ୍ୟାଳୟ କର୍ତ୍ତୃପକ୍ଷ ଅବହେଳା କରି ତା'ର ଚିକିତ୍ସା ନ କରିବାରୁ ମୋ ପୁଅର ମୃତ୍ୟୁ ହେଲା। ଏଥିପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ ବୋଲି ଗୁରୁବାରୀ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଗୋବିନ୍ଦଙ୍କ ମୃତ୍ୟୁକୁ ୩ଦିନ ବିତି ଯାଇଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ କେହି ତାଙ୍କ ନିକଟରେ ପହଞ୍ଚି ନାହାନ୍ତି। ଫଳରେ ଏନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି. କୃଷ୍ଣ ରାଓଙ୍କୁ ପଚାରିବାରୁ ସେ କହିଲେ, ଗୋବିନ୍ଦ ଭଲ ଥିଲେ। ହଠାତ୍ ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇ ଅବସ୍ଥା ଗୁରୁତର ହୋଇପଡିଥିଲା। ଏଥିପାଇଁ ଗୁରୁବାର ତାଙ୍କୁ ନେଇ ତାଙ୍କ ଘରେ ଛାଡି ଆସିଥିଲୁ ବୋଲି କହିଛନ୍ତି।

ଏହି ଖବର ପାଇ ରାୟଗଡ଼ ବ୍ଲକ ଉପାଧ୍ୟକ୍ଷ କୋଟି ପ୍ରସାଦ ପାଣି, ଗଙ୍ଗାବାଡ଼ ସରପଞ୍ଚ ହରିବନ୍ଧୁ କାର୍ଜି, ସମିତିସଭ୍ୟା ସୁମିତ୍ରା ଶବର ଓ କେରାଣ୍ଡି ସମିତିସଭ୍ୟ ଗୋବର୍ଦ୍ଧନ ଶବର ଗୋବିନ୍ଦଙ୍କ ଘରେ ପହଞ୍ଚି ସରକାରଙ୍କ ସହାୟତା ରାଶି ମିଳିବା ନେଇ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗୋବିନ୍ଦଙ୍କ ଆବଶ୍ୟକ ଚିକିତ୍ସାରେ ଅବହେଳା କରିଥିବା ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ ରାଇକାଙ୍କୁ ପଚାରିବାରୁ ସେ କହିଲେ, ମେଡିକାଲ ଅଫିସର, ଡେପୁଟି କଲେକ୍ଟର, ଡିଡବ୍ଲୁଓ ଏବଂ ଓଏଡବ୍ଲୁଓଙ୍କୁ ନେଇ ଏକ ୪ଜଣିଆ କମିଟି ଗଠନ ହୋଇଛି। କମିଟି ସୋମବାର ଗୋବିନ୍ଦଙ୍କ ଗ୍ରାମକୁ ଅନୁଧ୍ୟାନ ପାଇଁ ଯାଇଛନ୍ତି। ଏଥିରେ ଯିଏ ଅବହେଳା କରିଥିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

# ପରିତ୍ୟକ୍ତ କ୍ରଶର ହତାରୁ ଖଣିଜ ଚୋରି

■ପୋଲିସ, ଖଣି ବିଭାଗର ମିଳିତ ଚଢ଼ାଉ

■ଖଣିଜ ବୋଝେଇ ଟ୍ରେଲର ଜବତ

ଯୋଡ଼ା,୧୭।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଯୋଡ଼ା ସହର ଉପକଣ୍ଠସ୍ଥିତ ବେହେରା ହାଟିଂରେ ଥିବା ଏକ ପୁରୁଣା ପରିତ୍ୟକ୍ତ କ୍ରଶର ହତାରୁ ବିପୁଳ ପରିମାଣର ଖଣିଜ ଚୋରି ଅଭିଯୋଗ ହୋଇଛି। ବହୁ ବର୍ଷ ହେବ କ୍ରଶର ବନ୍ଦ ପଡ଼ିଥିବାରୁ ଚୋରା ଖଣିଜ ବ୍ୟବସାୟୀଙ୍କ ଲୋଲୁପଦୃଷ୍ଟି ଏହା ଉପରେ ପଡ଼ିଛି। ଖଣି ବିଭାଗ ଓ ଯୋଡ଼ା ପୋଲିସ ଚଢ଼ାଉକରି ଚୋରା ଖଣିଜ ବୋଝେଇ ଗାଡ଼ି ଜବତ କରିଛି। ଉଭୟ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ଯାଞ୍ଚ କରାଯାଉଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ୨୦୦୮– ୦୯ରେ କ୍ରଶରଟି ବନ୍ଦ ହୋଇଥିଲା। ପରିତ୍ୟକ୍ତ କ୍ରଶର ହତାରେ ଅନେକ ହଜାର ମେଟ୍ରିକ ଟନ ଉନ୍ନତମାନର ଲୁହାପଥର ଇତସ୍ତତ ଗଦା ହୋଇଛି। କ୍ରଶର ବନ୍ଦ ବେଳେ କ୍ଲୋଜିଂ ବାଲାନ୍ସ ଖଣିଜର ପରିମାଣ ଖଣି ବିଭାଗକୁ ଦିଆଯାଇଥିବା ବୋଲି ଖଣି ଅଧିକାରୀ ଦୀପକ କୁମାର ଧୁରୁଆ କହିଛନ୍ତି। ସୋମବାର ଭୋର ୪ଟା ୩୦ ସମୟରେ ଖଣି ଉପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଖଣି ଓ ପୋଲିସ ମିଳିତ ଚଢ଼ାଉ କରି ଟ୍ରେଲର (ସିଜି ୧୦ ବିୟୁ ୭୭୯୧)ରେ ଚୋରା ଖଣିଜ ବୋଝେଇ ହେଉଥିବା ସମୟରେ ଜବତ କରାଯାଇଥିଲା। ଅନ୍ଧାରର ସୁଯୋଗ ନେଇ ଚୋରା ଖଣିଜ ବ୍ୟବସାୟୀ ଦୌଡ଼ି ପଳାଇଥିଲେ। ଟ୍ରେଲର ମଧ୍ୟରୁ ଏକ ମୋବାଇଲ ମଧ୍ୟ ଜବତ ହୋଇଛି। ଖଣି ବିଭାଗ ଗାଡ଼ିର ସଂଜ୍ଞାନ ନେଇଥିବା ବେଳେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ ମାଇନିଂ ଅଫିସରଙ୍କ ନେତୃତ୍ୱରେ ଏକ ଟିମ୍‌କୁ ଘଟଣାସ୍ଥଳକୁ ପଠାଇଥିଲେ। ଏଥିସହ ବନ ବିଭାଗ ଫରେଷ୍ଟ ଗାର୍ଡ ନିଲମ ମହାନ୍ତ ମଧ୍ୟ ସଦଳବଳେ ଯାଞ୍ଚକରିଥିଲେ। ପ୍ରକାଶଯୋଗ୍ୟ, ଯୋଡ଼ା ଖଣି ମଣ୍ଡଳରେ ଥିବା ଏକାଧିକ ବନ୍ଦ ଓ ପରିତ୍ୟକ୍ତ କ୍ରଶରରେ ପ୍ରାୟ ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଖଣିଜ ରହିଛି। ସେହିପରି ରେଳ ଓ ଖଣି ବିଭାଗ ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ସାଇଡିଂଗୁଡ଼ିକରେ ଖଣି ବିଭାଗ ଦ୍ୱାରା ଜବତ ପ୍ରାୟ ୨୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଲୁହା ପଥର ପଡ଼ିରହିଛି। ରେଲୱେ ଅନୁମତି ଦେଉ ନ ଥିବାରୁ ଏହା ପଡ଼ି ରହିଥିବା ଖଣି ବିଭାଗ କହୁଥିବା ବେଳେ ଏ ନେଇ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଯଦିଓ ଓଡ଼ିଶା ଖଣି ନିଗମ ଦ୍ୱାରା ବିଭାଗ କିଛି ଜବତ ଲୁହାପଥରକୁ ନିଲାମ କରିଛି, ଏହା ଉପରେ ଆନ୍ତଃ ରାଜ୍ୟ ଖଣିଜ ଚୋରା ବ୍ୟବସାୟୀଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ଏଥିରେ କେତେଜଣ ଅସାଧୁ ସରକାରୀ କର୍ମଚାରୀଙ୍କର ସହଯୋଗ ଏବଂ ଅସାମାଜିକ ଯୁବକଙ୍କ ସମ୍ପୃକ୍ତି ରହିଛି। ଖଣି ଉପ ନିର୍ଦ୍ଦେଶକ ଅଗ୍ରୱାଲ କହିଛନ୍ତି, ଏହିପରି ଦାବିଦାର ନ ଥିବା ଖଣିଜ ଏବଂ ପରିତ୍ୟକ୍ତ କ୍ରଶରରେ ଅନେକ ଲକ୍ଷ ଟନ ଖଣିଜ ପଡ଼ିରହିଛି। ଲଜିଷ୍ଟିକ୍ ସପୋର୍ଟ ଅଭାବ ହେତୁ ଖଣିଜକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ପାରୁନାହିଁ। ତଥାପି ଓଡ଼ିଶା ଖଣି ନିଗମ ସହିତ ଯୋଗାଯୋଗ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ। ବେହେରା ହାଟିଂରେ ଥିବା କ୍ରଶର ମାଲିକଙ୍କୁ ଚିଠି କରାଯାଇ ଗଚ୍ଛିତ ଲୁହାପଥରର ପରିମାଣ ସମ୍ପର୍କରେ ଜବାବ ତଲବ କରାଯିବ ବୋଲି ସେ କହିଛନ୍ତି।



କ୍ରଶରରେ ଗଚ୍ଛିତ ଥିବା ଖଣିଜ।

# ହାଇୱା–ଅଟୋ ମୁହାଁମୁହିଁ, ୩ ମୃତ



ଦୁର୍ଘଟଣାଗ୍ରସ୍ତ ଅଟୋ।

ଜୟପୁର,୧୭।୨(ପବନ ପାଣିଗ୍ରାହୀ)

୨୬ ନମ୍ବର ଜାତୀୟ ରାଜପଥର ଡିମଳା ନିକଟରେ ସୋମବାର ହାଇୱା ସହ ଅଟୋ ମୁହାଁମୁହିଁ ହୋଇ ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୭ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକମାନେ ହେଲେ ଲମତାପୁଟ ବ୍ଲକ୍ ଲେଞ୍ଜା ଗ୍ରାମର ଅଭି ପାଙ୍ଗୀ(୨୫), ଗୁରୁ ମାଝୀ(୨୨) ଓ ଲଇଛନ ଗୋଲରୀ(୨୫)। ଶ୍ରମିକମାନେ ଲେଞ୍ଜା ଗ୍ରାମରୁ ଏକ ଅଟୋରେ ଜୟପୁର ଅଭିମୁଖେ ଯାଉଥିଲେ। ବ୍ରାହ୍ମଣୀ ଗାଁ ପରେ ଅପରପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ହାଇୱା ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଥିଲା। ଆହତଙ୍କୁ ପ୍ରଥମେ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। କ୍ଷତିପୂରଣ ଦାବିରେ ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ସଦର ଥାନା ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ହାଇୱା ଧକ୍କାରେ ୨ ମୃତ, ଜଣେ ଗୁରୁତର

ଅନୁଗୋଳ,୧୭।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନ ଥାନା ଅମଲାପଡ଼ା ଗାନ୍ଧୀ ମାର୍ଗ ପଠାଣ ସାଇ ଛକ ନିକଟରେ ସୋମବାର ଅପରାହ୍ନ ୨ଟାରେ ଏକ ହାଇୱା ଧକ୍କାରେ ସ୍କୁଟିରେ ଯାଉଥିବା ୩ ଜଣଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଟେଷ୍ଟୁଲୋଇ ଗାଁର ସର୍ବେଶ୍ୱର ନାଏକ ଓ ଗୋପାଳପ୍ରସାଦ ପାଟନାସାହିର ଦୁଷ୍ମନ୍ତ ନାଏକ। ଗୁରୁତର ଜଣଙ୍କ ବଡ଼ଜୋରଡ଼ା ଗାଁର ସୁଜିତ ନାଏକ। ସୂଚନା ଅନୁସାରେ, ଏକ ସ୍କୁଟି (ନଂ. ଓଡି୧୯ଜି–୧୧୮୧) ଯୋଗେ ୩ ଜଣ ଡିଆଇସି ଛକ ଆଡୁ ଶିମିଳିପଡା ଆଡକୁ ଯାଉଥିବାବେଳେ ପଛରୁ ଆସୁଥିବା ଏକ ହାଇୱା (ନଂ. ଓଡି ୩୫ଜି– ୭୭୨୧) ସେମାନଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଆଉ ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବା ପରେ ଉତ୍ତେଜନା ଥମିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।



ସ୍କୁଟିକୁ ଧକ୍କା ଦେଇଥିବା ହାଇୱା।

# ୩୬.୬ ଡିଗ୍ରୀରେ ପାରଳାଖେମୁଣ୍ଡି

ଭୁବନେଶ୍ୱର, ୧୭।୨(ଅନୁରାଧା ମହାରଣା)

ରାଜ୍ୟରେ ତାପମାତ୍ରା ପୁଣି ବୃଦ୍ଧି ପାଇଛି। ସୋମବାର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୬.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ୧୨.୫ ଡିଗ୍ରୀ ରହିଛି। ଆସନ୍ତା ୪ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ହେଲେ ମଧ ପରବର୍ତ୍ତୀ ସମୟରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ବୁଧବାରଠାରୁ ବିଭିନ୍ନ ଜିଲାରେ ଘଡ଼ଘଡ଼ି, ବିଜୁଳି ସହ ବର୍ଷା ହେବାକୁ ଥିବାରୁ ଏନେଇ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝରଗଡ଼, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଢେଙ୍କାନାଳକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗୁରୁବାର ବର୍ଷାର ବିସ୍ତୃତି ବଢ଼ିପାରେ। ଏହିଦିନ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେଉଁଝରଗଡ଼, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଅନୁଗୋଳକୁ ବିଜୁଳି ଓ ଘଡ଼ଘଡ଼ି ଭୟ ରହିଥିବାରୁ ଏହିସବୁ ଜିଲାକୁ ୟେଲୋ ୱାର୍ନିଂ ଦେଇଛି ପାଣିପାଗ ବିଜ୍ଞାନ କେନ୍ଦ୍ର।

# ୪ ସପ୍ତାହରେ ସମାଧାନ କର: ହାଇକୋର୍ଟ

## ଅବସରର ୧୧ବର୍ଷ ପରେ ବି ମିଳୁନି ପେନ୍‌ସନ୍

କଟକ,୧୭।୨(କାର୍ତ୍ତିକ ସାହୁ)– ସରକାରୀ ଚାକିରିରୁ ଅବସର ଗ୍ରହଣର ୧୧ବର୍ଷ ପରେ ବି ଜଣେ ଦିବ୍ୟାଙ୍ଗ ବୃଦ୍ଧା ନିୟମିତ ପେନ୍‌ସନ୍ ପାଉନାହାନ୍ତି। ରାଜ୍ୟ ସରକାରଙ୍କ ଉପରେ ତାଙ୍କର ବହୁ ଅର୍ଥ ପଡ଼ି ରହିଥିବାବେଳେ ନିଜ ଚିକିତ୍ସା ପାଇଁ ସେ ଅର୍ଥାଭାବର ସମ୍ମୁଖୀନ ହେଉଛନ୍ତି। ଏନେଇ ହାଇକୋର୍ଟ ପ୍ରାୟ ୧୦ମାସ ତଳେ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ ଦେଇଥିବା ନିର୍ଦ୍ଦେଶ ପାଳନ କରାଯାଉ ନ ଥିବାରୁ ଅଦାଲତ କ୍ଷୋଭ ପ୍ରକାଶ କରିଛନ୍ତି। ଏହାର ସମାଧାନ ୪ ସପ୍ତାହ ମଧ୍ୟରେ କରା ନ ଗଲେ ବିଭାଗୀୟ କର୍ତ୍ତୃପକ୍ଷ ଉଦ୍ଦେଶ୍ୟମୂଳକ ଭାବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛନ୍ତି ବୋଲି ଧରି ନିଆଯାଇ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ବୋଲି ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, କଟକ ଜିଲା ସାଲେପୁର ଅଞ୍ଚଳର ଜାନକୀ ଦାସ ନାମ୍ନୀ ଦିବ୍ୟାଙ୍ଗ ମହିଳା ୩୧ ବର୍ଷ ଧରି କଟକ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଅପ୍‌ଥାଲମିକ୍ ଆସିଷ୍ଟାଣ୍ଟ ଭାବେ କାମ କରି ୨୦୧୪ରେ ଅବସର ଗ୍ରହଣ କରିଥିଲେ। ଏହି ମହିଳା ଜଣକ ଅବିବାହିତା। ତାଙ୍କର ବେତନ ନିର୍ଦ୍ଧାରଣ ଠିକ୍ ଭାବେ କରାଯାଇନାହିଁ କିମ୍ବା ଉଦ୍ଦେଶ୍ୟମୂଳକ ବଦଳି ଆଦେଶ ପରିବର୍ତ୍ତନ ହେବା ପରେ ଅନୁପସ୍ଥିତି ସମୟକୁ ନିୟମିତ କରାଯାଇନାହିଁ। ଏଥିଯୋଗୁ ତାଙ୍କୁ ନିୟମିତ ପେନ୍‌ସନ୍ ସମେତ ଆଉ କେତେକ ଅବସରକାଳୀନ ପ୍ରାପ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ଚାକିରି କାଳ ଭିତରେ ଓ ଅବସର ଗ୍ରହଣ ପରେ ଆବେଦନକାରୀ ସମସ୍ୟା ସଂକ୍ରାନ୍ତରେ ତଳୁ ଉପର ପର୍ଯ୍ୟନ୍ତ ବହୁ ଅଧିକାରୀଙ୍କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖଙ୍କ ନିକଟରେ ସେ ଗୁହାରି କରିଆସୁଛନ୍ତି। ସେ ଏକୁଟିଆ ଯିବାଆସିବା କରିବା ସ୍ଥିତିରେ ନ ଥିବାରୁ ସବୁବେଳେ ତାଙ୍କୁ ଅନ୍ୟର ସହାୟତା ନେବାକୁ ପଡୁଛି। ଅଥଚ ତାଙ୍କ ବେତନ ନିର୍ଦ୍ଧାରଣ, ଛୁଟି ମଞ୍ଜୁରୀ ଓ ନିୟମିତ ପେନ୍‌ସନ୍ ପ୍ରଦାନ କରାଯାଇପାରୁ ନାହିଁ। ୨୦୨୩ ଫେବୃଆରୀରେ ବହୁ ନିବେଦନ ପରେ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆବେଦନକାରୀଙ୍କ ପେନ୍‌ସନ୍ ସମ୍ପର୍କିତ କାଗଜପତ୍ର ନିର୍ଦ୍ଦେଶାଳୟକୁ ପଠାଇଥିଲେ। ହେଲେ ଏପର୍ଯ୍ୟନ୍ତ କୌଣସି ସୁଫଳ ନ ମିଳିବାରୁ ସେ ବାଧ ହୋଇ ନ୍ୟାୟ ପାଇଁ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ହାଇକୋର୍ଟ ଗତବର୍ଷ ଏପ୍ରିଲ ୨୨ ତାରିଖରେ ଏହି ମାମଲାର ବିସ୍ତୃତ ଶୁଣାଣି କରି ତାଙ୍କ ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଲାଗି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ବି ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଓ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏ ସଂକ୍ରାନ୍ତରେ ଜଣାଇଥିଲେ। ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ଜାନକୀଙ୍କ ସମସ୍ୟା ସମାଧାନ ନ ହେବାରୁ ସେ ପୁଣିଥରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରହ୍ଲାଦ କୁମାର ସିଂହ ଓ ଅମିୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି।

**Proforma - A**

**Office of the Principal**
**Government Science College, Chatrapur, Ganjam - 761020**

Office Circular No.: 785/GSCC / 2025 Date: 15.02.2025

**QUOTATION CALL NOTICE**

**No.N-178** : Sealed quotations are invited from authorized dealers/suppliers with valid GST, ITCC, PAN clearance for supply of branded laboratory equipment's and for different departments. Detail specifications of the above will be available from college website **gscc.ac.in**. The quotation must reach to the undersigned (Speed post only) by 28th February 2025 and the same will be opened in the chamber of the Principal at 11 A.M. on 1st March 2025. The quotation price must include all taxes with free delivery, installation and demonstration. The authority reserves the right to cancel or reject any or all quotation without assigning any reason thereof.
For details, please refer to the website https://www.gscc.ac.in.

Sd./- Principal,
OIPR-11074/11/0007/2425 Govt. Science College, Chatrapur (Gm.)

ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ, ଯାଜପୁର
**OFFICE OF THE MUNICIPAL COUNCIL, JAJPUR**
ସ୍ଥାନ – ଯାଜପୁର, ୭୫୫୦୦୧
At/PO/Dist - Jajpur (Odisha), PIN - 755001
E-mail : Jajpur.m.1869@gmail.com, Phone No. 06728-222073

**No. 514//JM.** **Dated : 15.02.2025**

**QUOTATION CALL NOTICE**

**No.C-1676** : Quotations in sealed cover are invited from the intending Firms/ Bidders/Suppliers for supply and execution of the following nature of works.
1. Supply of Tricycle with iron body.
2. All types of Sanitary Articles relating to sanitation work.

The Quotation Schedule for Quotation containing general bid information, terms & conditions for the above items of works will be available on payment of cost of Rs. 2000(Rupees Two Thousand) only in shape of D.D to be deposited at Municipal Office towards paper cost from dt. 15.02.2025 to 28.02.2025 up to 1.00 P.M. in the working days and hours respectively.

The bidders are to submit the quotation paper duly filled in on or before dt. 01.03.2025 by 3.00 P.M. which shall be opened on the same day at 4.00 P.M. in the presence of the bidders or their authorized representatives. The date of opening shall not be differed in the absence of either bidder or their authorized representatives.

The authority reserves the right to accept or reject any or all the quotation without assigning any reason thereof.

Sd./- Executive Officer,
OIPR-13171/11/0010/2425 Jajpur Municipality

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଓଭରରନ୍ ଲାଇନ୍-କେକେକ୍ୟୁ, ତାରିଖ: ୧୫।୦୨।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ଡିଏସ୍‌ଟିଇ/ପୂର୍ବ/ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ତାହାକୁ ୧୨.୦୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ପ୍ରାନ୍ତରେ ଗୁଡ଼୍ସ ସାଇଡିଂ ଲାଇନର ସ୍ଲେୱିଙ୍ଗ୍ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟର ଅଂଶ ଏବଂ କଲାଇକୁଣ୍ଡାଠାରେ ଇଞ୍ଜିନ୍ ରିଭର୍ସାଲ୍ ସୁବିଧା ପାଇଁ ଏକ୍ସ–ଓଭର୍ ବ୍ୟବସ୍ଥା ସହିତ ଖଡ଼ଗପୁର ପ୍ରାନ୍ତଠାରେ ସି/ଏଲ୍ ଓଭର୍ ରନ୍ ଲାଇନ୍‌ର ସମ୍ପ୍ରସାରଣ। **ଟେଣ୍ଡର ମୂଲ୍ୟ:** ₹୨,୬୪,୭୯,୧୫୨.୦୫। **ଅମାନତ ଜମା ରାଶି:** ₹୨,୮୨,୪୦୦। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ଖୋଲାଯିବା ତାରିଖ:** ତା୧୨।୦୩।୨୦୨୫ରିଖ। **ସମାପ୍ତି ଅବଧି:** ୧୧ ମାସ। **ଦାଖଲ ତାରିଖ:** ତା୧୨।୦୩।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। (PR-1143)

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/106, ତା.14.02.2025ରିଖ

ଟେଣ୍ଡର ସଂ.eTender-HQKUR-313-2024, ତା.03.02.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 46 ସଂଖ୍ୟକ କର୍ଭ ସ୍ଥାନରେ ଟ୍ରାକ ମାଉଣ୍ଟେଡ୍ ଅଟୋମେଟିକ୍ (ହାଇଡ୍ରୋଲିକ ଟାଇପ - 2 କି.ମି. ଶ୍ରେଣୀ) ଗେଜ ଫେସ ଲୁବ୍ରିକେଟରର ଯୋଗାଣ ଏବଂ ସ୍ଥାପନା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 403.00 ଲକ୍ଷ, **EMD :** ₹ 3,50,500.00, ଶେଷ ହେବା ଅବଧି : 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.02.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/
PR-990/P/24-25 ଖୋର୍ଦ୍ଧା ରୋଡ଼

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com

**E-procurement Tender Call Notice No.18 of 2024-25**
No. 742 (Estg.) Bhubaneswar the 14th February - 2025

**No.B-1014** : The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number of road work and one number Building (composite) to be received in online bidding, double cover system for construction work as detailed in : **https://tendersodisha.gov.in**. The details of bid documents will be available in the above website from **5.00 P.M. of 20.02.2025 to 4.00 P.M of 07.03.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **5.00 P.M. of 07.03.2025** in the Office of the Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal www.tendersodisha.gov.in. Addendum/Corrigendum, if required, will be available only in the Website.

Sd./- Er. M.K. Mahananda
Chief Construction Engineer
OIPR-34156/11/0018/2425 Central (R&B) Circle, Bhubaneswar

GOVERNMENT OF ODISHA No.O-1492
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PATNAGARH**
E-mail : eerw_ptng@yahoo.in, Phone No. : 06658-222121

**e-Procurement Notice**
IFB IDENTIFICATION NO.EEPTNG-Online-13/2024-25

| | | |
|---|---|---|
| 1 | Name of work | Repair of Road, Bridge & Building works |
| 2 | Total No. of work | 10 (Ten) No. works |
| 3 | Time for completion | 01 (One) Calendar month |
| 4 | Approximate Estimated Cost | 2.99 lakh to 48.30 lakh |
| 5 | Mode of Submission of tender | Tender should be submitted online in www.tendersorissa.gov.in |
| 6 | Other details are as follow | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online-13/2024-25 | 18.02.2025 at 11.00 A.M. | 24.02.2025 upto 5.00 P.M. | 21.02.2025 upto 5.00 P.M. | 25.02.2025 at 11.00 A.M. |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Sd./- Executive Engineer
OIPR-25154/11/0019/2425 R.W. Division, Patnagarh

**Sambalpur Municipal Corporation**
**Sambalpur**
Email id: sambalpurm.hud@nic.in

**'e' Procurement NOTICE**
**Bid Reference No: 27/SMC SBP/2024-25**
**Tender ID No : 2025_ORULB_110243**

**No.C-1679** : The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Number of Civil Works : **38 (Thirty Eight) numbers**
2. Estimated Costs : **3.85 lakhs & 42.09 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 12.02.2025 to 05.00 P.M. of 21.02.2025**
5. Last Date/Time for receipt of bids in the portal : 05.00 P.M. of 21.02.2025
6. Bids will be opened on : **11.00 A.M. of Dt. 24.02.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner
OIPR-13122/11/0080/2425 Sambalpur Municipal Corporation

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**



गुमशुदा महिला आरती सिंह
उम्र–करीब 34 वर्ष

सर्व साधारण को सूचित किया जाता है कि आवेदिका राधिका कुमारी के द्वारा अपनी माँ आरती सिंह, उम्र– करीब 34 वर्ष की गुमशुदगी के संबंध में संबंधित थाना मानगो में लिखित आवेदन दिया गया है। जिसमें आवेदिका की माँ आरती सिंह, उम्र– करीब 34 वर्ष, पति–मुकेश सिंह, पता– दाईगुट्टू साव लाईन, थाना–मानगो, जिला– पूर्वी सिंहभूम, जमशेदपुर जो दिनांक– 14.12.2024 को अपने घर से बिना बताये कहीं चली गई है अभी तक घर वापस नहीं लौटी है। आवेदिका एवं इनके परिवार के द्वारा अपने स्तर से काफी खोजबीन किया गया परन्तु कुछ पता नहीं चल सका है। गुमशुदा महिला का हुलिया निम्न प्रकार है :– उम्र– करीब 34 वर्ष, कद–05 फीट, रंग–सांवली, बाल–घुंघराली, ऑख–सामान्य, पहनावा–गुलाबी रंग की साड़ी एवं पैर में चप्पल।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, (मु0–01) | : 9431706481 |
| थाना प्रभारी, मानगो | : 9431706488 |

वरीय पुलिस अधीक्षक
पूर्वी सिंहभूम, जमशेदपुर
PR 346561 Police (24-25)_D

**OFFICE OF THE HEAD MASTER**
**KASTURBA GANDHI BALIKA VIDYALAYA, LANJI, BLOCK- KHARIAR**
**SAMAGRA SHIKSHA, NUAPADA**
No.72 // Date 17.02.2025

**SHORT TENDER CALL NOTICE**

Sealed Tenders are invited from the intending Registered and reputed Firms/ Suppliers having valid GST registration for supply of Grocery items to KGBV Hostel of Lanji of Khariar Block, Nuapada District. The tender notice along with detailed terms and conditions and the list of items/materials to be supplied can be downloaded from the official website of Nuapada district www.nuapada.odisha.gov.in and OSEPA website www.osepa.odisha.gov.in from dt:17.02.2025 to 25.02.2025. The sealed tender papers completed in all respects along with requisite Earnest Money and tender paper cost in shape of Bank Draft/ Bankers Cheque drawn in favour of KASTURBA GANDHI BALIKA VIDYAYALA, LANJI payable at Khariar must be submitted to KGBV, Lanji on or before 25.02.2025 by 5 P.M through Regd./ Speed Post only. The details regarding submission of EMD, tender paper cost and address for submission of tender paper are available in enclosed tender documents. The tender will be opened on Dt 04.03.2025 at 11.00 AM in the Office of the H.M, KGBV, Lanji.

The undersigned reserves the right to reject any tender in whole or in part without assigning any reason thereof. Any dispute in the process be subject to the Court jurisdiction of Nuapada District.

**Sd./-Head Master (I/c), KGBV, Lanji**

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
**JUIDCO Bhawan, Kutchary Road, Ranchi-834001, Jharkhand.**
**Ph No.: +91-651-2225878,**
CIN: U45200JH2013SGC001752, e-mail Id-juidcolimited@gmail.com
NIT No: JUIDCO/PMAY/V-III/Kangoi/Mihijam/649
e-procurement (Tender Notice)

| | | |
|---|---|---|
| 1. | (a) Name of the work | **Construction of 64 Dwelling units in 8 number of G+1 blocks (including structural design) under Pradhan Mantri Awas Yojana (Urban) at Kangoi, Mihijam.** |
| | (b) Scope of Work | Scope of work include Architectural Planning & Design, Engineering Procurement, preparation of detailed structural design & drawing project execution & Construction, after obtaining approval from municipal bodies including water supply and sanitation, sewer network, electrification work, storm water drainage, Rain water harvesting, landscaping, boundary wall , street lighting, construction of internal roads and parking area of Pradhan Mantri Awas Yojana at Kangoi, Mihijam on EPC basis. |
| 2. | Mode of Bid Submission | e-tendering (http://jharkhandtenders.gov.in) |
| 3. | Estimated Cost (Rs.) | Rs 7,56,74,196/- |
| 4. | Tender Fee and Bid Security to be submitted online | Tender document fee: Rs. 25,000/- (Rupees Twenty- Five Thousand) only **Non-Refundable.** Bid Security: Rs. 7,57,000/- (Rupees Seven Lakh Fifty Seven Thousand) only. |
| 5. | Date / Time of Publication of Tender on Website | **18.02.2025 17:00 Hrs** |
| 6. | Last Date / Time of Bid Submission | **04.03.2025 17:00 Hrs** |
| 7. | Date of Bid Opening | **05.03.2025 17:30 Hrs** |
| 8. | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Road Ranchi – 834001 |
| 9. | Helpline No. of e-Procurement Cell | +91 651 2225878 |

Sd/-
PR 346547 Urban Development and Housing (24-25)D
Project Director (Technical)
JUIDCO Limited, Ranchi

## ସଂକ୍ଷେପରେ

### ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

କ.ନୂଆଗାଁ, ୧୭।୨ (କାଳି ପ୍ରସାଦ ତ୍ରିପାଠୀ)

କ.ନୂଆଗାଁ ବ୍ଲକ୍ ନୂତନ ବିଡିଓ ଭାବେ ଶୁଭ୍ରାଞ୍ଜଳି ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୧୮ରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ଉଦୟଗିରିରୁ ତହସିଲଦାର ଭାବେ କାର୍ଯ୍ୟ କରି ସେଠାରୁ ଗୁଣପୁର ବିଡିଓ ଭବରେ ବଦଳି ହୋଇ ପୁଣି ସେ ନୂଆଗାଁ ବିଡିଓ ଭାବରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବ୍ଲକ୍‌ର ସମସ୍ତ କର୍ମଚାରୀ ତାଙ୍କ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

### ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

ଚାନ୍ଦିପୁଟ, ୧୭।୨ (କେ. ପ୍ରମୋଦ କୁମାର ଦୋରା)– ମୋହନା ବ୍ଲକ ଅନ୍ତର୍ଗତ ଚାନ୍ଦିପୁଟଠାରେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ନିମନ୍ତେ ସୋମବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ତପନ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଗ୍ରାମର ଶ୍ରଦ୍ଧାଳଙ୍କ ଉପସ୍ଥିତିରେ ଏହା ସମ୍ପନ୍ନ ହୋଇଛି। ମା' ଦ୍ୱିତୀୟ ଘଟଯାତ୍ରା ମହୋତ୍ସବ ମାର୍ଚ୍ଚ ୧୯ରୁ ୨୫ ପର୍ଯ୍ୟନ୍ତ ଚାଲିବ। ଏଣୁ ଶ୍ରଦ୍ଧାଳୁମାନେ ଏହି ମହୋତ୍ସବରେ ଯୋଗ ଦେଇ ମା' ଙ୍କ କୃପା ଲାଭ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ମନୋଞ୍ଜନ କରିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

### ମୃତକଙ୍କ ପରିବାରକୁ ଭେଟିଲେ ଗରିବର ବନ୍ଧୁ

ପୋଲସରା, ୧୭।୨ (ସୁବ୍ରତ ବେହେରା)

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଚିଦାନନ୍ଦ ନଗରର କ୍ଷୀରୋଦ ଡ଼ାକୁଆଙ୍କ ଅକାଳ ବିୟୋଗ ଘଟିଛି। ଖବର ପାଇ ଗରିବର ବନ୍ଧୁ ଟ୍ରଷ୍ଟର ସଭାପତି ସୁବ୍ରତ ବେହେରା ଓ ସମସ୍ତ ସଦସ୍ୟ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହି ସମୟରେ ସତ୍ୟ ସୂର୍ଯ୍ୟ ନାରାୟଣ ମହାରଣା, ବୁଲୁ ସାହୁ, ପ୍ରଶାନ୍ତ ନାହାକ, ପ୍ରକାଶ ସାହୁ, ଶିଶିର ସାହୁ, ଚିନ୍ମୟ ମହାପାତ୍ର, ଏକଲବ୍ୟ, ନାରାୟଣ ମହାରଣା, କେଦାର ପ୍ରଧାନ, ଜନାର୍ଦ୍ଦନ ରଥ, ଶଙ୍କର ସାହୁ, ପିଣ୍ଟୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଦିଗପହଣ୍ଡି, ୧୭।୨ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ପରିସରରେ ସୋମବାର ଆତ୍ମ ରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ଶିବିର ଉଦଘାଟନ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ଼.ଅସିତ କୁମାର ଷଡଙ୍ଗୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଅଞ୍ଜଳି ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ପ୍ରାକ୍ତନ ସଂଯୋଜିକା ଅଧ୍ୟାପିକା ଡ଼. ଆରତୀ ପାତ୍ର, ଯୁକ୍ତ ୨ ସଂଯୋଜିକା ଅଧ୍ୟାପିକା ଡ. ନିର୍ମଳା ମହାନ୍ତି, ବରିଷ୍ଠ ଅଧ୍ୟାପକ ଡ. ହର୍ଷ ଚନ୍ଦ୍ର ରଥ, ଆତ୍ମସୁରକ୍ଷା ପ୍ରଶିକ୍ଷିକା ସୁଶ୍ରୀ ଉଷାରାଣୀ ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ମାନେ ଆତ୍ମସୁରକ୍ଷା କୌଶଳ ଜାଣିବା ପୂର୍ବରୁ ପ୍ରଥମେ ନିଜ ଭିତରେ ଦୃଢ ଆତ୍ମବିଶ୍ୱାସ ଜାଗ୍ରତ କରିବା ଦରକାର ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ।

# ଜାଡାପାଣି ଗ୍ରାମରେ ପହଞ୍ଚିନି ବିକାଶ

## ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ ଦୁର୍ଦ୍ଦଶାରେ କାଟୁଛନ୍ତି ଦିନ



ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଶିଆଳିଲଟି ପଞ୍ଚାୟତ ଜାଡାପାଣି ଗ୍ରାମରେ ଥିବା କୂଅରୁ ପାଣି ବ୍ୟବହାର କରୁଥିବା ଗ୍ରାମବାସୀ।

ଆର.ଉଦୟଗିରି, ୧୭।୨ (ମନୋଜ କୁମାର ପାଢୀ)

ଗଜପତି ଜିଲା ଆର. ଉଦୟଗିରି ବ୍ଲକର କେତେକ ଗ୍ରାମର ଗ୍ରାମବାସୀ ମୌଳିକ ସୁବିଧା ପାଇବାରେ ଏଯାଏ ବଞ୍ଚିତ ହୋଇ ରହିଛନ୍ତି। ରାସ୍ତା, ଶିକ୍ଷା, ସାସ୍ଥ୍ୟ ସେବା, ଆବାସ ପାନୀୟ ଜଳ ସୁବିଧାରୁ ବଞ୍ଚିତ ହୋଇ ଅଞ୍ଚଳବାସୀ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି। ଦୀର୍ଘ ବର୍ଷ ପରେ ମଧ ନିଜ ଅଞ୍ଚଳର ବିକାଶ ହୋଇପାରିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଦୁର୍ଗମ ଅଞ୍ଚଳ ଶିଆଳିଲଟି ପଞ୍ଚାୟତ ଜାଡା ପାଣି ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଗ୍ରାମଗୁଡିକରେ ଏପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନାର ସୁଫଳ ପହଞ୍ଚିପାରିନି। ଯାତାୟାତ ଲାଗି ରାସ୍ତାଟିଏ ନାହିଁ। ମୁଣ୍ଡ ଗୁଞ୍ଜିବାକୁ ମିଳିନି ଆବାସ ଘରଟିଏ। ପାନୀୟ ଜଳ ସମସ୍ୟା ମଧ ଲାଗି ରହିଛି ଗ୍ରାମରେ। ଶିକ୍ଷାଲାଭ ଲାଗି ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଦୀର୍ଘ ମାସ ହେଲା ବନ୍ଦ ରହିଛି। ଗ୍ରାମକୁ ରାସ୍ତା ନ ଥିବାରୁ ଅଙ୍ଗନବାଡ଼ି କର୍ମୀ ଆସୁନାହାନ୍ତି। ଯେଉଁ ରାସ୍ତା ରହିଛି ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ହାଟ ବଜାର, ପଞ୍ଚାୟତକୁ ଯିବାକୁ ହେଲେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ। ପାନୀୟ ଜଳ ପାଇଁ ରହିଥିବା କୁଅ ଭାଙ୍ଗିରୁଜି ଗଲାଣି। ବିଦ୍ୟୁତ୍ ସେବା ଲାଗି ରହିଥିବା ସୋଲାର ଲାଇଟ ଅଧା ପନ୍ତରିଆ ହୋଇ ପଡିଛି। ସମସ୍ୟା ସମାଧାନ ପାଇଁ ଏଯାଏ ଗ୍ରାମରେ କୌଣସି ସରକାରୀ ଅଧିକାରୀଙ୍କ ପାଦ ପଡିନି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜାଡପାଣି ଗ୍ରାମର ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କନ୍ଧମାଳ ଭାଜପା ସଭାପତିଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ଥିବା ଭାଜପା ସଭାପତି, ଅନ୍ୟ କର୍ମକର୍ତ୍ତାମାନେ।

ରାଇକିଆ/କ.ନୂଆଗାଁ, ୧୭।୨ (ପ୍ରଦୀପ ବେହେରା/ କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ଭାଜପା ସଭାପତି ଭାବରେ ଘୋଷଣା ହେବାପରେ ସୋମବାର ଦିନ ଏକ ଶୋଭାଯାତ୍ରାରେ କୁଦ୍ଦୁତୁଲି ଛକଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ପଣ୍ଡିତ କୁମାର ବିଶି ମାଝୀଙ୍କୁ ନିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦଳ ପକ୍ଷରୁ ତାଙ୍କୁ ଜିଲା ସଭାପତି କରାଯାଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ଅନ୍ୟ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଶୋଭାଯାତ୍ରାରେ ମଣ୍ଡଳ ସଭାପତି ନିଗମାନନ୍ଦ ପୂଜାରୀ, ବରିଷ୍ଠ ନେତା ଗୁରୁ ରାମ ପାତ୍ର, ବିଜୟ ସାହୁ, କାର୍ତ୍ତିକ ପ୍ରଧାନ, କୁଦ୍ଦୁତୁଲି ସରପଞ୍ଚ ଚନ୍ଦ୍ର ପ୍ରଧାନ ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ରାଇକିଆ ଠାରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲା ସଭାପତି ଭାବେ ମନୋନୀତ ହେଲା ପରେ ପ୍ରଥମଥର ପାଇଁ ରାଇକିଆ ଆସିଥିବା ଅବସରରେ ମଣ୍ଡଳ ସଭାପତି ସନ୍ତୋଷ ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା, ପୂର୍ବତନ ସଭାପତି ଜଗନ୍ନାଥ ସାହୁ ଏବଂ ଦଳୀୟ କର୍ମୀ ମାନେ ସମ୍ବର୍ଦ୍ଧନା ଜଣାଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଅଭିମନ୍ୟୁ ପଣ୍ଡା, ତାପସ ଦଳ ବେହେରା, ଝିଲିମା ଦଳ ବେହେରା, ନାରାୟଣ ପାତ୍ର, ପୂର୍ବତନ ବିଧାନ ସଭା ପ୍ରାର୍ଥୀ ମାନ ଗୋବିନ୍ଦ ପ୍ରଧାନ, ସନକ ଦିଗାଲ, ନାରାୟଣ ମହାନ୍ତି , କୈଳାସ ପଣ୍ଡାଙ୍କ ସମେତ ଦଳୀୟ କର୍ମୀ ମାନେ ଉପସ୍ଥିତ ଥିଲେ।

# ଓଡିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଦାବିପତ୍ର

## ବିଧାନସଭା ଘେରାଉ ଚେତାବନୀ

ଛତ୍ରପୁର, ୧୭।୨ (ଦିଲ୍ଲୀପ ସାମଲ):

ଓଡିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲା ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବା ସହ ବିଧାନସଭା ଘେରାଉ କରିବେ ବୋଲି ଚେତବନୀ ଦେଇଛନ୍ତି। ଦାବି ମଧ୍ୟରେ ଅନୁଦାନରୁ ବାଦ ପଡିଥିବା ୧୯୪ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର କର୍ମଚାରୀଙ୍କୁ ଅବସରକାଳୀନ ପେନସନ ପ୍ରଦାନ, ଅବସର ବୟସସୀମା ୬୨ବର୍ଷକୁ ବୃଦ୍ଧି କରିବା, ସମାନ କାମକୁ ସମାନ ଦରମା ପ୍ରଦାନ ଆଦି ରହିଛଇ। ଦାବିପତ୍ର ପ୍ରଦାନ ବେଳେ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲ୍ଲା ସମ୍ପାଦକ ବିଜୟ କୁମାର ବେହେରା, ଓଷ୍ଟା ର ଜିଲ୍ଲା ଆବାହକ ହିମାଂଶୁ କୁମାର ପଟ୍ଟନାୟକ, ନୀଳାମ୍ବର ପଟ୍ଟନାୟକ, କେ. ପୂର୍ଣ୍ଣଚନ୍ଦ୍ର ଦୋରା, କୃଷ୍ଣ ଚନ୍ଦ୍ର ଦାଶ, ଆନନ୍ଦ କୁମାର ପାତ୍ର, ଶ୍ରୀହରି ପଟ୍ଟନାୟକ, ଚର୍ତୁଭୁଜ ଭୂୟାଁ ଓ ଯୁଧିଷ୍ଠିର ପାଢ଼ୀଙ୍କ ସମେତ ସଂଘର ବହୁ ସଦସ୍ୟମାନେ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳଙ୍କୁ କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଭାମଶିଆଳି ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅତିଥି ।

ବୁଗୁଡା, ୧୭।୨ (କାଳିଚରଣ ଦାଶ)– ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଭାମଶିଆଳି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜି.ନାଗେଶ୍ୱର ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ କୁମାର ମହାପାତ୍ର ମୁଖ୍ୟ ଅତିଥି, ଶେରଗଡ ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ମହାନ୍ତି ମୁଖ୍ୟବକ୍ତା, ସରପଞ୍ଚ ସଞ୍ଜୟ ବିଶ୍ୱାଳ, ସମିତି ସଭ୍ୟା ଗାୟତ୍ରୀ ପ୍ରଧାନ, ନାଏବ ସରପଞ୍ଚ ଦିଲ୍ଲୀପ କୁମାର ନାହାକ, ୱାର୍ଡସଭ୍ୟ ଉମାକାନ୍ତ ବଡେଇ, ସିଆରସିସି ସୁନିତା ପାଣିଗ୍ରାହୀ, ଗୀତାଞ୍ଜଳି ପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୃଷ୍ଣଚନ୍ଦ୍ର ପଲାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଭଲ ମଣିଷ ହେବା ପାଇଁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମନମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ




ସାଂସ୍କୃତିକ ମହୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅତିଥି ଓ ଅନ୍ୟମାନେ।

## ରାମଚଣ୍ଡୀ ମହୋତ୍ସବ ଉଦ୍‌ଘାଟିତ

ଛତ୍ରପୁର, ୧୭।୨ (ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ):

ଛତ୍ରପୁର ନିକଟବର୍ତ୍ତୀ ନୀଳାଦ୍ରିପୁର ଗ୍ରାମ ପାହାଡ଼ଉପରେ ବିରାଜିତା ମା' ରାମଚଣ୍ଡୀଙ୍କ ପୀଠରେ ନୂତନ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ଉତ୍ସବ ଅବସରରେ ରବିବାର ସନ୍ଧ୍ୟାରେ ରାମଚଣ୍ଡୀ ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇଥିଲେ । ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସାମାଜିକ ଗଣମାଧମ ସଂଯୋଜିକା ସୁଜାତା ପାଢ଼ୀ, ମନ୍ଦିର କମିଟି ସଭାପତି ତଥା ପୂର୍ବତନ ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ ନାୟକ, କରପଡ଼ା ସରପଞ୍ଚ ଅଜୟ ନାୟକ, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରତ୍ୟେକ ଦିନ ଚଣ୍ଡୀପାଠ, ହବନ ଓ ପୂଜାପାଠ ହେଉଛି। ପ୍ରଥମ ସନ୍ଧ୍ୟା ଓ ସୋମବାର ଦ୍ୱିତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଓ ନୃତ୍ୟ ଶିଳ୍ପୀ ଦର୍ଶକଙ୍କୁ ବିମୋହିତ କରିଛନ୍ତି। ଏଥିସହ ସାଂସ୍କୃତିକ, ଲୋକକଳା, ଲୋକନୃତ୍ୟ ଆଦି ପରିବେଷଣ କରାଯାଉଛି। ସୋମବାରଠାରୁ ମନ୍ଦିର ସମ୍ମୁଖରେ ଅବିଭକ୍ତ ଗଞ୍ଜାମ ଜିଲାସ୍ତରୀୟ ବାଦୀପାଲା ସମ୍ମିଳନୀ ଆରମ୍ଭ ହୋଇଛି। ମଙ୍ଗଳବାର ଶେଷଦିନରେ ବିଶାଳ ସାଧୁ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ମନ୍ଦିର କମିଟି ସଂଯୋଜକ କମଳ ପଣ୍ଡାଙ୍କ ସମେତ ମନ୍ଦିର କମିଟି, ପୂଜା କମିଟି, ଟ୍ରଷ୍ଟ ସଭ୍ୟ ଓ ଶ୍ରଦ୍ଧାଳୁ ଭକ୍ତ ସହଯୋଗ କରିଥିଲେ ।

## ଜଙ୍ଗଲ ଜମି ପଟ୍ଟାରେ ତ୍ରୁଟି ପୁଣି ଥରେ ଆବେଦନ ପାଇଁ ତହସିଲଦାରଙ୍କ ପରାମର୍ଶ

ଧରାକୋଟ, ୧୭।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ସାବା ପଞ୍ଚାୟତର ଅର୍ଜ୍ଜୁନପଲି ଓ ବଳରାମପୁର ପଞ୍ଚାୟତର ପୁରୁଣାଜଳି ଓ ନୂଆଜଳି ଗାଁର ଆଦିବାସୀ ପରିବାରର ପିଲାଙ୍କ ପଠାପଢ଼ା ପ୍ରତି ଜାତିଗତ ପ୍ରମାଣପତ୍ର ପାଇବାରେ ଯେପରି ସମସ୍ୟା ନ ଉପୁଜେ ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଅତିରିକ୍ତ ତହସିଲଦାର ଗଣେଶ ଦଳାଇ। ଅର୍ଜ୍ଜୁନପଲ୍ଲିର ୬୦ ପରିବାର, ପୁରୁଣା ଜଳିର ୪୫ ପରିବାର ଓ ନୂଆଜଳିର ୫୦ ପରିବାର ପାଇଥିବା ଜଙ୍ଗଲ ଜମି ପଟ୍ଟାରେ ତ୍ରୁଟି ରହିଛି। ସେଥିରେ ସେମାନଙ୍କ ଜାତି କିରାତ ଶବର ଓ ଶବର ଉଲ୍ଲେଖ ରହିଛି। ତେବେ ଆଦିବାସୀ ଓ ହରିଜନ କଲ୍ୟାଣ ମାର୍ଗଦର୍ଶିକାରେ କିରାତ ଶବର ଜାତି ଉଲ୍ଲେଖ ନାହିଁ। ଫଳରେ ଜାତିଗତ ପ୍ରମାଣପତ୍ର ପାଇବାରେ ସମ୍ପୃକ୍ତ ଆଦିବାସୀ ପରିବାରର ପିଲାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅଭିଯୋଗ ପାଇବା ପରେ ରାଜସ୍ୱ ବିଭାଗର ଉଭୟ ଅଧିକାରୀ ଗାଁରେ ପହଞ୍ଚି ଲୋକଙ୍କ ମତ ନେଇଥିଲେ। ସଂପୃକ୍ତ ତିନୋଟି ଗାଁର ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ପାଇଁ ପୁଣିଥରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ଆବେଦନ ପରେ ପଟ୍ଟାରେ ଜାତି ସଂଶୋଧନ କରାଯାଇ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରାଯିବ ।

# ନୂଆସାହି କେଜିବିଭି ବିଦ୍ୟାଳୟର ବାର୍ଷିକୋତ୍ସବ

ବାଲିଗୁଡ଼ା, ୧୭।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ନୂଆସାହି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (କେଜିବିଭି)ର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଆୟୋଜନ ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱର ମାଝୀଙ୍କ ସଭାପତିତ୍ୱରେ ଏନ୍‌ଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଚନ୍ଦ୍ର ଖଣ୍ଡଗିରି, ସମ୍ମାନିତ ଅତିଥି ଭାବେ ବଳରାମ ବେହେରା, ମୃତ୍ୟୁଞ୍ଜୟ ପ୍ରଧାନୀ, ଗାୟତ୍ରୀ ପାଳ ପ୍ରମୁଖ ଯୋଗ ଦେଇ ଶିକ୍ଷା–ଶିକ୍ଷକ ଓ ଛାତ୍ରୀଛାତ୍ରର ଗୁରୁତ୍ୱ ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ବତୀ ସାହାଣୀ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହକାରୀ ଶିକ୍ଷକ ଦୟାନିଧି ମହାରଣା ସ୍ୱାଗତ ଭାଷଣ ପୂର୍ବକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ପ୍ରକାଶ ଚନ୍ଦ୍ର ମହାରଣା, ଦୟାନିଧି ମହାରଣାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍: ପୋଲିସ ଇଲେଭେନ ଚାମ୍ପିୟନ

ଗଞ୍ଜାମ, ୧୭।୨ (ବିଦ୍ୟାଧର ସାହୁ)

ଗଞ୍ଜାମ ସମ୍ବାଦିକ ସଂଘ ପକ୍ଷରୁ ପୋଲିସ, ତହସିଲ, ବ୍ଲକ, କଲେଜ ଓ ପ୍ରେସକୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଓ ବିଡ଼ିଓ ଅଚ୍ୟୁତାନନ୍ଦ ଜାନୀ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମେ ତହସିଲ ୱାରିଅର ସହ ପ୍ରେସ ଏକାଦଶ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ତହସିଲ ଟିମ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କଲେଜ ଟିମ ସହ ପୋଲିସ ଇଲେଭେନ ଟିମ ମଧ୍ୟରେ ହୋଇଥିଲା। ପୋଲିସ ଟିମ ବିଜୟୀ ହୋଇ ଫାଇନାଲରେ ତହସିଲ ଟିମକୁ ଭେଟିଥିଲା। ଫାଇନାଲରେ ତହସିଲ ୱାରିୟସକୁ ହରାଇ ପୋଲିସ ଇଲେଭେନ ଟିମ୍ ଚାମ୍ପିୟନ ହୋଇଛି। ଉଦଯାପନୀ ସମାରୋହ ଶବର କୁମାର ତରାଇଙ୍କ ସଭାପତିତ୍ୱରେ ହୋଇଥିଲା। ତହସିଲଦାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାଇଚାରା ସୃଷ୍ଟି ପାଇଁ ଏପରି ଟୁର୍ନାମେଣ୍ଟକୁ ପ୍ରଶଂସା କରିବା ସହ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଥାନାଧିକାରୀ ସୁମିତ୍ରା ପାତ୍ର, ଖବରଦାତା ରବିନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ସନ୍ତୋଷ ସାହାଣି ଓ ଅଖିଳ ତରାଇ ମ୍ୟାଚ ପରିଚାଳନା କରିଥିଲେ। ସାମ୍ବାଦିକ ସଂଘ ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

# ପାଳିରେ ଚାଲିଛି ରୋଗୀସେବା

■କବିସୂର୍ଯ୍ୟନଗର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର

■ଉଦ୍‌ଘାଟନ ପରଠୁ ଆମ୍ବୁଲାନ୍ସ, ଏକ୍ସ-ରେ ମେଶିନ ଅଚଳ

କବିସୂର୍ଯ୍ୟନଗର, ୧୭।୨ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ଏବେ ପାଳିରେ ଚାଲିଛି। ୪୫ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରୁଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରୁ ଠିକ୍‌ରୂପେ ରୋଗୀ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ରୋଗୀ ସେବା ପାଆନ୍ତୁ କି ନ ପାଆନ୍ତୁ ଔଷଧ କିଣିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହାର ଆଖପାଖରେ ବହୁ ମେଡ଼ିସିନ ଷ୍ଟୋର ଖୋଲିଛି। ଏଠାରେ ଥିବା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଔଷଧ ଦୋକାନୀଙ୍କ ଔଷଧ ଉପରେ ଜ୍ଞାନନାହିଁ। ମାତ୍ର ଡାକ୍ତରଙ୍କ ଭଳି ସେମାନେ ରୋଗୀଙ୍କୁ ପରୀକ୍ଷା ନିରୀକ୍ଷା କରିବା ସହ ଔଷଧ, ଇଞ୍ଜେକ୍ସନ ଦେଉଛନ୍ତି। ସାସ୍ଥ୍ୟକେନ୍ଦ୍ର ରୂପାନ୍ତରୀକରଣ ହୋଇ ଏହାର ଭିତ୍ତିଭୂମିରେ କିଛିଟା ବିକାଶ ହୋଇଛି। ମାତ୍ର ସେହି ଅନୁସାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ହୋଇନାହିଁ। ଏଠାରେ ୭ ଜଣ ଡାକ୍ତର ଓ ୨ଜଣ ସ୍ପେଶାଲିଷ୍ଟ ନିଯୁକ୍ତି ପାଇଛନ୍ତି। ସେମାନେ ସକାଳେ ଦୁଇଘଣ୍ଟା ୧୦ରୁ ୧୨ଟା ଓ ଉପରବେଳା ୪ରୁ ୬ଟା ସ୍ୱାସ୍ଥ୍ୟକେନ୍ଦ୍ରକୁ ପାଳିକରି ଆସନ୍ତି। ଦୁଇ ସ୍ପେଶାଲିଷ୍ଟ ଡାକ୍ତର ଏଠାରେ ଜଏନ କରିବା ପରଠାରୁ ଆଉ ଆସୁନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ନାମକୁ ମାତ୍ର ଆଠଗଡ଼, ବୁଡାମ୍ବ, ଏ. ବରିଡା ଓ କବିସୂର୍ଯ୍ୟନଗର ଅର୍ବାନ ପିଏଚସି ରହିଛି। ଗତବର୍ଷ ଆସିକା ବିଧାୟିକା ଏ. ବରିଡା ପିଏଚସି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରଠାରୁ ତାହା ଭଡାଘରେ ଚାଲିଛି। କ୍ୱାର୍ଟର୍ସ ଅଭାବରୁ ଷ୍ଟାଫ କ୍ୱାର୍ଟର୍ସରେ ଡାକ୍ତର ରହୁଛନ୍ତି। ଅବସର ନେଇଥିବା ଫାର୍ମାସିଷ୍ଟ କ୍ୱାର୍ଟର୍ସରେ ରହି ଜରୁରୀକାଳୀନ ସେବା ଯୋଗାଉଛନ୍ତି। ଦୁଇଜଣ ଫାର୍ମାସିଷ୍ଟଙ୍କ ସ୍ଥାନରେ ଅଛନ୍ତି ଜଣେ। ୬ ଜଣ ନର୍ସଙ୍କ ସ୍ଥାନରେ ଅଛନ୍ତି ୩ ଜଣ, ୨ ଜଣ ଡିଡିସି ବଦଳରେ ଅଛନ୍ତି ଜଣେ। ୩ ଜଣ ଆଟେଣ୍ଡାଣ୍ଟଙ୍କ ସ୍ଥାନରେ ୨ଜଣ ଅଛନ୍ତି। ଦୁଇ ବର୍ଷରୁ ଅଧିକ ହେଲାଣି ଏକ୍ସ-ରେ ମେଶିନ ଓ ଆମ୍ବୁଲାନ୍ସ ଉଦ୍‌ଘାଟନ ପରଠାରୁ ଅଚଳ ହୋଇପଡିଛି। ରେଡ଼ିଓଗ୍ରାଫି ନାହିଁ। ଏଥିପାଇଁ ନିଯୁକ୍ତ କର୍ମଚାରୀ ବସି ବସି ଯାଉଛନ୍ତି। ସେହିପରି ଆମ୍ବୁଲାନ୍ସ ପଡିରହି ତା'ଉପରେ ଧୂଳି ଜମିଗଲାଣି, ଅଥଚ ଡ୍ରାଇଭର ୨୫ ବର୍ଷର ପୁରୁଣା ଭଙ୍ଗାରୁଜା ଆମ୍ବୁଲାନ୍ସ ଚଲାଉଛନ୍ତି। ପ୍ରସୂତି ବିଭାଗ ଓଟି କାମ କରୁନି। ଲୋକେ ବାରମ୍ବାର ଅଭିଯୋଗ କରି ମଧ କିଛି ସୁଫଳ ମିଳୁନି। ସରକାର ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଦୂର କରିବାକୁ ସାଧାରଣରେ ଦାବି ହେଉଛି।




ଗୋଷ୍ଠୀ ସ୍ୱସ୍ଥ୍ୟକେନ୍ଦ୍ର ଫାଟକ ସମ୍ମୁଖ।

## ସଂକ୍ଷେପରେ

### ଛତ୍ରପୁର, ଆସିକା ଏସ୍‌ଡିପିଓଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର/ଆସିକା,୧୭।୨(ଦିଲ୍ଲୀପ ସାମଲ/ ସୁରେନ୍ଦ୍ର ନାଥ ସାହୁ) : ଗଞ୍ଜାମ ଜିଲା ଛତ୍ରପୁର ଓ ଆସିକାର ନୂତନ ଏସ୍‌ଡିପିଓ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଛତ୍ରପୁର ଏସ୍‌ଡିପିଓ ଭାବେ ଚନ୍ଦନ ଘଡ଼ାଇ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତାଙ୍କୁ ଛତ୍ରପୁର ଉପଖଣ୍ଡସ୍ତରର ଥାନାର ବହୁ ଅଧିକାରୀ ଓ କର୍ମଚାରୀମାନେ ଫୁଲତୋଡା ଦେଇ ସ୍ୱାଗତ ଜଣାଇଛନ୍ତି। ଉପଖଣ୍ଡ ସ୍ତରରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ବିଶେଷ ଧ୍ୟାନ ଦେବା ସହ ଅପରାଧ ମୁକ୍ତ କରିବାକୁ ଫୋକସ କରିବେ ବୋଲି ଦାୟିତ୍ୱ ଗ୍ରହଣ ପରେ ଘଡ଼ାଇ କହିଥିଲେ । ଗଞ୍ଜାମ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବେ ବୋଲି କହିଛନ୍ତି। ସେହିପରି ଆସିକା ଏସ୍‌ଡିପିଓ ଭାବେ ସନ୍ତୋଷ କୁମାର ଜେନା ଦାୟିତ୍ୱ ଗ୍ରହଣ କରଛନ୍ତି। ପୂର୍ବରୁ ସେ ସୋରଡା ଓ ପରେ ଆସିକା ଥାନାର ଥାନା ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ଏସଡିପିଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତିରେ ଅଧିକ ସୁଧାର ଓ ଅପରାଧୀଙ୍କୁ ସାବାଡ଼ କରିବା ଦିଗରେ କାର୍ଯ୍ୟ ଅଧିକ ଗତିଶୀଳ ହେବା ବୋଲି ଆଶା କରାଯାଇଛି।

### ୧୦୧ ଅଭିଯୋଗ ଶୁଣିଲେ ଏଡିଏମ୍

ଭଞ୍ଜନଗର,୧୭।୨(ବାବୁଲା ପ୍ରଧାନ) ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ ଦେ, ଉପଜିଲାପାଳ ଉମାଶଙ୍କର ବେହେରା ସୋମବାର ଭଞ୍ଜନଗର ଠାରେ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୧୦୧ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ୯୮ଟି ଥିବାବେଳେ, ଗ୍ରାମୀୟ ଅଭିଯୋଗ ୩ଟି ଥିଲା। ଅତିରିକ୍ତ ଜିଲାପାଳ ତ୍ୱରିତ ୮ଟି ଅଭିଯୋଗର ଫଇସଲା କରିଥିଲେ। ଜଣେ ଭିନ୍ନକ୍ଷମଙ୍କୁ ଗୋଟିଏ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି ସମୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୀତାଂଶୁ ଶେଖର ଶତପଥୀ, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ପୂର୍ତ୍ତ ବିଭାଗ ଏସଡିଓ ଭଞ୍ଜନଗର ପ୍ରତାପ ନାୟକ,ଭଞ୍ଜନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଭଞ୍ଜନଗର ସହାୟକ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ

ସୋରଡା,୧୭।୨(ରଜନୀ ମହାପାତ୍ର)– ସୋରଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ସୋମବାର ସୋରଡା ବିଧାୟକ ନୀଳମଣି ବିଷୋୟୀ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ୮୦ ବର୍ଷରୁ ଉର୍ଦ୍ଧ୍ୱ ୧୫ ଜଣ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରିଛନ୍ତି। ୭ ଜଣ ଭିନ୍ନକ୍ଷମଙ୍କୁ ମଧୁବାବୁ ପେନସନ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିସହ ଜାତୀୟ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ୯ ଜଣ ହିତାଧିକାରୀଙ୍କୁ ମଧ ବିଧାୟକ ବିଷୋୟୀ ଭତ୍ତା ପ୍ରଦାନ କରିଥିଲେ। ଏନଏସି ନିର୍ବାହୀ ଅଧିକାରୀ ଉମେଶ ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏନଏସି ଅଧକ୍ଷ ଶିବ ଶଙ୍କର ପଣ୍ଡା, ଉପଧକ୍ଷା ଭାଗ୍ୟଲତା ଡାକୁଆଙ୍କ ସହ କାର୍ଯ୍ୟକ୍ରମରେ କାଉନସିଲରମାନେ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ନୀଳମଣି ପାଢୀ ଓ ଜଗନ୍ନାଥ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବୁଗୁଡ଼ାରେ ପହଞ୍ଚିଲା ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର

ବୁଗୁଡ଼ା,୧୭।୨(କାଳିଚରଣ ଦାଶ) ମାଟ୍ରିକ ପରୀକ୍ଷା ଚଳିତ ବର୍ଷ ଫେବୃୟାରୀ ୨୧ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ହେବ। ଏଥିପାଇଁ ରବିବାର ରାତିରେ ପ୍ରଶ୍ନପତ୍ର ଆସି ବୁଗୁଡାରେ ପହଞ୍ଚିଛି। ଏହାକୁ ତହସିଲଦାର ତାପସ ରାଉତ ଓ ପୋଲିସ ଉପସ୍ଥିତିରେ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ନୋଡାଲ ସେଣ୍ଟର ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ପ୍ରଶ୍ନପତ୍ର ସୁରକ୍ଷା ପାଇଁ ୨୪ ଘଣ୍ଟିଆ ପୋଲିସ ପ୍ରହରା ବ୍ୟବସ୍ଥା କରାଯାଇଛି।

# କୁଶଳୀ ଶ୍ରମିକଙ୍କ ଦାଦନ ଯିବା ରୋକିବାକୁ ଗୁରୁତ୍ୱ



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି

ତୁମୁଡିବନ୍ଧ,୧୭।୨(ଦୀପକ କୁମାର ପରା ସେଠ) କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ସଭା ଗୃହରେ ସୋମବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନର ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ତୁମୁଡିବନ୍ଧ ଏପିଓ ଜ୍ୟୋତି ରଞ୍ଜନ ବେହେରା ଅତିଥି ପରିଚୟ ଦେଇଥିଲେ। ବିଡିଓ ଶୁଭକାନ୍ତ ନାୟକ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିବା ବେଳେ କୁଟିଆ କନ୍ଧ ଉନ୍ନୟନ ବିଭାଗ (କେକେଡିଏ)ର ଅଧିକାରୀ ଅନୁପସ୍ଥିତ ଥିଲେ। ଆମ ଅଞ୍ଚଳର କୌଣସି ଅଣ କୁଶଳୀ ଶ୍ରମିକ ଦାଦନ ଖଟିବାକୁ ଯେପରି ବାହାର ରାଜ୍ୟକୁ ନ ଯିବେ ସେଥିପାଇଁ ଆମେ କାମ ଯୋଗାଇବା ବୋଲି ବିଡିଓ ନାୟକ କହିଥିଲେ। ତୁମୁଡିବନ୍ଧ ବ୍ଲକର ୧୧ଟି ପଞ୍ଚାୟତରେ ୨୦୨୪ ଆର୍ଥିକ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଭିନ୍ନ ବିଭାଗ ଦ୍ୱାରା ଏମ୍‌ଜିଏନଆରଇଜିଏସ୍‌ରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତ ଓ ପଞ୍ଚାୟତସମିତି ଦ୍ୱାରା ୪୨୨୭ ପ୍ରକଳ୍ପ ନିଆଯାଇ ୧୭୮୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ସେଥିରୁ ୧୩୩୬୯ ଜବ୍‌କାର୍ଡ଼ଧାରୀଙ୍କ ମଧ୍ୟରୁ ୧୧ହଜାର ୧୭୪ ଜବକାର୍ଡ଼ଧାରୀ କାମ କରିବାକୁ ଦାବି କରିଥିଲେ। ୧୧ହଜାର ୧୬୬ ଜଣ ଜବ୍‌କାର୍ଡ଼ଧାରୀଙ୍କୁ କାମ ଯୋଗାଇ ୬ଲକ୍ଷ ୯୦ହଜାର ୫୭୬ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବିଡିଓ ସୂଚନା ଦେଇଥିଲେ। ୨୨୬୬ଜଣ ଜବଧାରୀ ୧୦୦ଦିନ ପୂରଣ କରିଛନ୍ତି।

ସେହିପରି ଉଦ୍ୟାନ ବିଭାଗ, ବନ ବିଭାଗ, ବାଲିଗୁଡା ଆଇଟିଡିଏର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଆଲୋଚନା ବେଳେ ବ୍ଲକ ଅଧ୍ୟକ୍ଷା ଏହି ବିସଭାଗର କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ତୁମ ବିଭାଗ ଦ୍ୱାରା କରାଯାଇଥିବା ପୋଖରୀରେ ପାଣି ଅଛି କି ନାହିଁ ବୋଲି ଅଧ୍ୟକ୍ଷା ପଚାରିଥିଲେ। ଅନ୍ୟପକ୍ଷରେ ବେଲଘରସ୍ଥିତ କେକେଡିଏରୁ କୌଣସି ଅଧିକାରୀ ଜନଶୁଣାଣିରେ ଯୋଗ ଦେଇ ନ ଥିଲେ। ଫଳରେ ଏନେଇ ଜନପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଶୁଣାଣିରେ ତୁମୁଡିବନ୍ଧ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଓ, ଗ୍ରାମସାଥୀ ଏବଂ ଜବକାର୍ଡ଼ଧାରୀମାନେ ଉପସ୍ଥିତ ଥିଲେ।

# ଦଶମ, ଦ୍ୱାଦଶ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର।

ରାଇକିଆ,୧୭।୨(ପ୍ରଦୀପ ବେହେରା) ରାଇକିଆ ବ୍ଲକ୍ ବଡ଼ ବରବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଓ ଯୁକ୍ତଦୁଇ ଛାତ୍ରୀଛାତ୍ରୀଙ୍କୁ ସୋମବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଛାତ୍ରୀଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରାଯିବା ସହ ପରୀକ୍ଷା ପାଇଁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଛାତ୍ରୀଛାତ୍ରମାନେ ସେମାନଙ୍କ ଅନୁଭୂତି ପ୍ରକାଶ କରିବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଠପଢ଼ାରେ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରିକା ନାୟକ, ଶିକ୍ଷକ ଚନ୍ଦ୍ର କାନ୍ତ ମହାକୁଡ଼, ବିଚିତ୍ରାନନ୍ଦ ଗୌଡ଼, ଶିକ୍ଷୟିତ୍ରୀ ସୋନାଲି ବିଶ୍ୱାଳ, ପ୍ରିୟଙ୍କା ଜେନାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ରସାୟନ ବିଜ୍ଞାନର ପାଠଚକ୍ର

ଆସିକା ୧୭।୨ (ସୁରେନ୍ଦ୍ର ନାଥ ସାହୁ) ଆସିକା ବ୍ଲକ୍‌ର କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ସୋମବାର ରସାୟନ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଲେକୁଲର୍ ହାଇଡ୍ରୋଜେନ୍–୨ ଏ ରିନ୍ୟୁଆଲ୍ ଏନର୍ଜି ଫର୍ ଫ୍ୟୁଚର୍ ଫୁଏଲ୍ ରିସର୍ସସେସ୍ ବିଷୟ ଉପରେ ସନ୍ଦର୍ଭ ଛାତ୍ର ଦିନବନ୍ଧୁ ସେନାପତି ଓ ଛାତ୍ରୀ ପ୍ରଜ୍ଞାପ୍ରତିଭା ସାହୁ ଉପସ୍ଥାପିତ କରିଥିଲେ। କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧ୍ୟକ୍ଷ ଅଭିଷେକ ବେହେରା ଅଧ୍ୟକ୍ଷତା କରିଥିଲା ବେଳେ କେ.ଏସ୍.ୟୁ.ବି ମହାବିଦ୍ୟାଳୟର ଅଧ୍ୟାପକ ଅମିୟ ରଞ୍ଜନ ପଣ୍ଡା ସାଧନ ବ୍ୟକ୍ତି ଭାବେ ଯୋଗଦେଇ ପାଠଚକ୍ରରେ ଉପସ୍ଥାପିତ ଗବେଷଣାର ଭବିଷ୍ୟତ ପାଇଁ ମହତ୍ୱ ସମ୍ପର୍କରେ ମତ ରଖିଥିଲେ । ବିଭାଗୀୟ ମୁଖ୍ୟ ଡ.ଜୀବନ କୃଷ୍ଣ ଦାଶ ପ୍ରାକ୍ ସୂଚନା ଦେଇଥିଲେ।

# ୨୧୯ ହିତାଧିକାରୀଙ୍କୁ ମିଳିଲା ସହାୟତା ରାଶି




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

## ଜିଲାସ୍ତରୀୟ ଶ୍ରମିକ କଲ୍ୟାଣ ସମାରୋହ

ଫୁଲବାଣୀ, ୧୭।୨(ରାକେଶ କୁମାର ରାଉତ) ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ସୋମବାର ଗାନ୍ଧୀ ସ୍ମୃତି ଭବନଠାରେ ଆୟୋଜିତ ହୋଇଯାଇଛି। ଏଥିରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନେ ଦେଶ ବା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ହେଲେ ଦେଖାଯାଏ ଯେ ସେମାନେ ସମାଜରେ ଅବହେଳିତ ଓ ଦାରିଦ୍ରର ସୀମା ରେଖା ତଳେ ରହିଥାନ୍ତି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ବ୍ୟବସ୍ଥା କରିଛନ୍ତି। ଏସବୁ ବିଷୟରେ ଅବଗତ ହୋଇ ଏହାର ଲାଭ ନେବାକୁ ଅନୁରୋଧ କରିବା ସହିତ ପିଲାମାନଙ୍କୁ କାମରେ ନ ଲଗେଇ ପାଠ ପଢେଇ ଭଲ ମଣିଷ କରିବାକୁ କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ଶ୍ରମିକମାନଙ୍କର କେବଳ ରାଜ୍ୟ ବା ଦେଶରେ ନୁହେଁ, ବିଶ୍ୱରେ ବଡ଼ ଅବଦାନ ରହିଛି। ସରକାର ଶ୍ରମିକଙ୍କ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି ବୋଲି କହିଥିଲେ। ଜିଲା ଶ୍ରମ ଅଧିକାରୀ ବିଶ୍ୱ ରଞ୍ଜନ କହଁର ଜିଲାରେ ଚାଲିଥିବା ଯୋଜନା ସମ୍ପର୍କରେ କହିବା ସହ ଅଣ ପଞ୍ଜିକୃତ ଶ୍ରମିକ ଯାହାର ବୟସ ୧୮ବର୍ଷରୁ ଉର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ୍, ସେମାନେ ଆବଶ୍ୟକୀୟ କାଗଜାତ ଦେଇ ପଞ୍ଜିକରଣ କରି ସରକାରଙ୍କ ଯୋଜନାର ଲାଭ ନେବାକୁ ଅନୁରୋଧ କରିଥିଲେ। ଅତିଥିମାନଙ୍କ ଦ୍ୱାରା ୨୧୯ ହିତାଧିକାରୀଙ୍କୁ ପ୍ରାୟ ୧ କୋଟି ୨ ଲକ୍ଷ ୭୩ ହଜାର ୬୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରା ଯାଇଥିଲା। ୨୦୦ଟି ନିର୍ମାଣ ଶ୍ରମିକ ଆଇ.ଡି କାର୍ଡ ଓ ୫୦ଟି ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଆଇ.ଡି କାର୍ଡ ମଧ୍ୟ ପ୍ରଦାନ କରା ଯାଇଥିଲା। ଡିଭିଜନାଲ୍ ଶ୍ରମ କମିଶନର୍ ତେଜ୍ କୁମାର ବାଗେ ଧନ୍ୟବାଦ ଅର୍ପଣ କରିଥିଲେ।

# ନବ କିଶୋର ଭାଜପାର ନୂଆ ଜିଲା ସଭାପତି

ପାରଳାଖେମୁଣ୍ଡି,୧୭।୨ (ଗିରିଧାରୀ ପରିଚ୍ଛା)– ଗଜପତି ଜିଲା ଭାଜପା ସଭାପତି ରୂପେ ନବ କିଶୋର ଶବର ମନୋନୀତ ହୋଇଛନ୍ତି। ରାଜ୍ୟସ୍ତରରେ ଏନେଇ ଘୋଷଣା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ସୋମବାର ପାରଳାଖେମୁଣ୍ଡିସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଦଳୀୟ କର୍ମୀଙ୍କ ଗହଣରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନେଇ ଅନୁଷ୍ଠିତ ସଭାରେ ଦାୟିତ୍ୱ ଗ୍ରହଣ ପରେ ସେ ଜିଲାରେ ଦଳୀୟ ସଙ୍ଗଠନ ମଜଭୁତ୍ କରିବା ଦିଗରେ କାର୍ଯ୍ୟ କରିବେ। ଜିଲାର ପ୍ରତି ବ୍ଲକଠାରୁ ଆରମ୍ଭ କରି ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ କର୍ମୀ ଓ ନେତାଙ୍କୁ ନେଇ କାର୍ଯ୍ୟ କରିବେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ଯେପରି ଅଧିକ ସଂଖ୍ୟାରେ ଶିଟ୍ ଆଣିବ ସେଥିପ୍ରତି ଦୃଷ୍ଟି ଦେବି ବୋଲି ନବ କିଶୋର କହିଛନ୍ତି।



ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଜିଲା ସଭାପତି ତଥା ପୂର୍ବତନ ବିଧାୟକ କେ. ନାରାୟଣ ରାଓଙ୍କ ତତ୍ତ୍ୱାବଧାନରେ ହୋଇଥିବା ସମ୍ବର୍ଦ୍ଧନା ସଭାରେ ଭାଗପା ବରିଷ୍ଠ ନେତା ଜଗନ୍ନାଥ ମହାପାତ୍ର, ନୃସିଂହ ପଟ୍ଟନାୟକ, ଅରୁଣିମା ସାହୁ, କାଉନସିଲର ବିଭୂତି ଭୂଷଣ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଛତ୍ରପୁର ହସ୍ପିଟାଲରେ ଡାକ୍ତର, ନର୍ସ ଅଭାବ

ଛତ୍ରପୁର,୧୭।୨(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲା ହେଡ୍‌କ୍ୱାର୍ଟର ଛତ୍ରପୁରରେ ଥିବା ଉପଖଣ୍ଡ ହସ୍ପିଟାଲର ଭିତ୍ତିଭୂମି ସୁଦୃଢ ହୋଇଥିଲେ ମଧ୍ୟ ଏଠାରେ ଡାକ୍ତର ଓ ନର୍ସ ପଦବୀ ଅଭାବ ରହିଛି। ଏହି ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଅନେକ ଥର ଦାବି କରି ଆସୁଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଏଠାରେ ୩୩ ଡାକ୍ତରଙ୍କ ବଦଳରେ ୨୨ ଜଣ ଡାକ୍ତର ରୋଗୀ ସେବା କରୁଛନ୍ତି । ସେହିପରି ୩୨ ଷ୍ଟାଫ ନର୍ସଙ୍କ ବଦଳରେ ୭ ଜଣ କାମ କରୁଛନ୍ତି। ୨୪ ଘଣ୍ଟିଆ ସେବା ପାଇଁ ୬ ଜଣ ଷ୍ଟାଫନର୍ସ, ୨ ଜଣ ଫାର୍ମାସିଷ୍ଟରେ ରୋଗୀଙ୍କୁ ସେବା ଯୋଗାଇବାରେ ସକ୍ଷମ ହୋଇ ପାରୁନାହାନ୍ତି। ଫାର୍ମାସିଷ୍ଟ ଓ ଷ୍ଟାଫନର୍ସଙ୍କ ପାଇଁ ବିଭିନ୍ନ ସମସ୍ୟା ଉପୁଜୁଛି। ଏହି ହସ୍ପିଟାଲ ଉପରେ ଛତ୍ରପୁର ସମେତ ଗଞ୍ଜାମ ବ୍ଲକ ଏବଂ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଲୋକେ ନିର୍ଭର କରିଥାନ୍ତି । ଏଥିସହ ନିକଟରେ ୧୬ ନଂ. ଜାତୀୟ ରାଜପଥ ଓ ରେଳଷ୍ଟେଶନ ଥିବାରୁ କୌଣସି ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର କରି ଏଠାକୁ ଅଣାଗଲେ ପ୍ରାଥମିକ ଚିକିତ୍ସା କରି ବ୍ରହ୍ମପୁର ବଡ଼ ମେଡିକାଲକୁ ରେଫର କରି ଦିଆଯାଉଛି। ବର୍ତ୍ତମାନ ହସ୍ପିଟାଲରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୨ ଜଣ,ଭେଷଜ ବିଭାଗରେ ୨ ଜଣ, ଶିଶୁରୋଗ ବିଭାଗରେ ୨ ଜଣ, ଅସ୍ଥିଶଲ୍ୟ ଜଣେ, ଆସିଷ୍ଟାଣ୍ଟ ସର୍ଜନ ଜଣେ, ଦନ୍ତ ବିଭାଗର ଜଣେ, ଚକ୍ଷୁ ବିଭାଗର ଜଣେ ଏଭଳି ୨୨ ଜଣ ଡାକ୍ତର ରହିଛନ୍ତି। ଡାକ୍ତର, ନର୍ସ ପଦବୀ ଖାଲି ସଂପର୍କରେ ଗତ ରୋଗୀ କଲ୍ୟାଣ ସମିତି ବୈଠକରେ ଆଲୋଚନା ହୋଇଛି।

# ଜଙ୍ଗଲ ନିଆଁ ରୋକିବାକୁ ସଚେତନତା

ଭଞ୍ଜନଗର,୧୭।୨(ବାବୁଲା ପ୍ରଧାନ) ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ସାଲୁଆପଲ୍ଲୀ ନର୍ସରୀ ପରିସରରେ ଜଙ୍ଗଲ ନିଆଁ ରୋକିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁ ରୋକିବା ପାଇଁ ଉପସ୍ଥିତ ଲୋକଙ୍କ ସହଯୋଗ କାମନା କରିଥିଲେ। ରେଞ୍ଜର ପୃଥ୍ୱୀରାଜ ପ୍ରଧାନ ବୈଠକରେ ଅଧକ୍ଷତା କରି ବିଭାଗୀୟ କର୍ମଚାରୀ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ରହିଲେ ଜଙ୍ଗଲ ସୁରକ୍ଷିତ ରହିପାରିବ ବୋଲି କହିଥିଲେ। ଏଥିପାଇଁ ସମସ୍ତେ ସଚେତନ ହେବାକୁ ସେ ଆହ୍ୱାନ ଦେଇଥିଲେ।




ସାଲୁଆପଲ୍ଲୀ ବୈଠକରେ ଉପସ୍ଥିତ ଅତିଥିମାନେ।

ବନ୍ୟପ୍ରାଣୀ ସୁରକ୍ଷା କମିଟିର ବରିଷ୍ଠ ସଭ୍ୟ ରମେଶ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ମତ ରଖିଥିଲେ। ସେହିଭଳି ମୁଜାଗଡ ରେଞ୍ଜ ବାପାଙ୍ଗି ମନ୍ଦିରରେ ମଧ୍ୟ ଏକ ସଚେତନତା ସଭା ହୋଇଥିଲା। ଏଥିରେ ରେଞ୍ଜ ଅଧିକାରୀ ବିଦ୍ୟାଧର ସାହୁ ସଭାପତିତ୍ୱ କରିଥିଲେ। ବନପାଳ ଅନୁପ ବିଷୋୟୀ ସଭା ସଂଯୋଜନା କରିଥିଲେ।

DSPL - 388

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

### ସୂଚନା

ଦ୍ୱାଦଶ ଶ୍ରେଣୀ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୫ ଚଳିତ ବର୍ଷ ତା.୧୮.୦୨.୨୦୨୫ ଠାରୁ ଆରମ୍ଭ ହେଉଛି । ଏଥିପାଇଁ ପରିଷଦ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଓ ପବିତ୍ରତା ଅବଲମ୍ବନ କରିବା ପାଇଁ ପରିଷଦ ସମସ୍ତ ପ୍ରକାର ଆୟୋଜନ କରିଛି । ପୋଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ସମେତ ସମସ୍ତ ସରକାରୀ ବିଭାଗ ସଦା ଜାଗ୍ରତ ଅଛନ୍ତି ଏବଂ ନିର୍ବିଘ୍ନରେ ପରୀକ୍ଷା ପରିଚାଳନା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ପରୀକ୍ଷା ସମ୍ବନ୍ଧୀୟ ବିଭ୍ରାନ୍ତିକର, କପୋଳକଳ୍ପିତ, ମିଥ୍ୟା ଖବର ପ୍ରଚାର କରୁଥିବା ବ୍ୟକ୍ତି, ଅନୁଷ୍ଠାନମାନଙ୍କୁ ଏପରି ନ କରିବାକୁ ସତର୍କ କରାଇ ଦିଆଯାଉଛି ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପୁଣି ଥରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଉଛି ।

ଶୁଭଶ୍ରୀ ନନ୍ଦ, ଅଧ୍ୟକ୍ଷା

OIPR-11003/13/0016/2425

## ସଂକ୍ଷେପରେ

### ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୧୭।୨(ଦିଲ୍ଲୀପ ସାମଲ):

ଗଞ୍ଜାମ ଜିଲାର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭାବେ ଦେବଦତ୍ତ ପଣ୍ଡା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ନୟାଗଡ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଗଞ୍ଜାମ ଜିଲାରେ ଦାୟିତ୍ୱ ଗ୍ରହଣ ଅବସରରେ ସେ ଜିଲାବାସୀ ଯେପରି ଠିକ ଭାବେ ରାଜସ୍ୱ ସେବା ପାଇପାରିବେ ସେ ନେଇ କାର୍ଯ୍ୟ କରିବେ ଓ ସରକାରଙ୍କ ସମସ୍ତ ଉନ୍ନୟନ ଯୋଜନାର ସଫଳ କାର୍ଯ୍ୟକାରିତା ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ ।

### ଚିକିଟି ଫାଣ୍ଡି ଅଞ୍ଚଳରେ ଜୁଆଆଡ୍ଡା, ପୋଲିସ ନୀରବ

ଚିକିଟି,୧୭।୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ଫାଣ୍ଡି ଅନ୍ତର୍ଗତ ପାଣ୍ଡିରୀ ଗ୍ରାମରେ ଥିବା ହରିଜନ ସାହିର ନିକଟରେ ଥିବା ଏକ ତୋଟାରେ ଦିନରାତ୍ରି ଜୁଆଆଡ୍ଡା ଚାଲିଥିଲେ ସୁଦ୍ଧା ପୋଲିସ ଜାଣିଶୁଣି ଚୁପ ରହିଥିବା ଅଭିଯୋଗ ହେଉଛି। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୨ ପର୍ଯ୍ୟନ୍ତ ଏହା ଚାଲୁଛି। ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ଜୁଆଡ଼ି ଆସି ଭିଡ଼ ଜମାଉଛନ୍ତି। ଗ୍ରାମରେ ଲୋକେ ପୋଲିସକୁ ବାରମ୍ବାର ଫୋନ ଯୋଗେ ଅଭିଯୋଗ କଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହେଉଛି। ସୁରକ୍ଷା ଦୃଷ୍ଟିକୁ ଆଖିରେ ରଖି ଦୀର୍ଘଦିନ ଧରି ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରିବା ସହ ଏହାକୁ ବନ୍ଦ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ଲିଫ୍ଟ ଦେବା ବାହାନାରେ ମୋବାଇଲ ଲୁଟ, ୨ ଗିରଫ

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ):

ଗୋଷାଣି ନୂଆଗାଁ ପୋଲିସ ୨ ଲୁଟେରାଙ୍କୁ ବାନ୍ଧିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ କେନାଲ ସାହିର ସୁଜେଲ ଦାସ ଓ ମୁକ୍ତେଶ୍ୱର ମନ୍ଦିର ନିକଟସ୍ଥ ରାଉଳ ସାହିର କୋମଳ ଲୋଚନ ରାଉଳ। ପୋଲିସ ସେମାନଙ୍କ ନିକଟରୁ ଲୁଟ ମୋବାଇଲ ଫୋନ୍ ଓ ଘଟଣା ବେଳେ ବ୍ୟବହୃତ ସ୍କୁଟି ଜବତ କରିଛି। ମାମଲା ନଂ ୬୨/୨୫ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଗୋଳନ୍ଥରା ଅଞ୍ଚଳର ମନୋରଞ୍ଜନ ଜେନା ରବିବାର ଭୋରରେ ବ୍ରହ୍ମପୁର ରେଳଷ୍ଟେଶନରୁ ଚାଲିକି ହଳଦିଆପଦର ଓଭରବ୍ରିଜ ଦେଇ ନିଜ ଘରକୁ ଯାଉଥିଲେ। ଓଭରବ୍ରିଜଠାରେ ଅଭିଯୁକ୍ତଦ୍ୱୟ ଏକ ସ୍କୁଟିରେ ଆସି ତାଙ୍କୁ ଲିଫ୍ଟ ଦେବା ବାହାନାରେ ଗାଡ଼ିରେ ବସାଇ ନେଇ ଯାଇଥିଲେ। ହଳଦିଆପଦର ନିକଟରେ ମନୋରଞ୍ଜନଙ୍କୁ ସେମାନେ ମାଡ଼ ମାରିବା ସହ ତାଙ୍କ ପକେଟରୁ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଏ ନେଇ ମନୋରଞ୍ଜନ ଗୋଷାଣିନୁଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିଥିଲା।

# ଗଞ୍ଜାମ ପୋଲିସ ଜିଲାରେ ସର୍ବାଧିକ ୫୩

## ଦକ୍ଷିଣାଞ୍ଚଳ ରେଞ୍ଜ: ୨୦୨୪ରେ ୧୩୦ ହତ୍ୟା ମାମଲା

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ):

ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଅଧୀନରେ ଥିବା ୫ ପୋଲିସ ଜିଲାରେ ଗତବର୍ଷ ୧୩୦ ହତ୍ୟା ମାମଲା ରୁଜୁ ହୋଇଛି। ଏହି ସଂଖ୍ୟା ୨୦୨୩ରେ ହୋଇଥିବା ହତ୍ୟା ମାମଲାଠାରୁ କମ ରହିଛି। ୨୦୨୪ରେ ସାଧାରଣ ନିର୍ବାଚନ ଥିବାରୁ ପୋଲିସ ଅପରାଧ ବିରୋଧରେ ଜିରୋ ଟଲରେନ୍ସ ନୀତି ଆପଣେଇଥିଲା। ଚାରିଆଡ଼େ ବ୍ଲକିଂ, ଚେକିଂ କଡାକଡି କରାଯିବା ସହିତ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ତେଣୁ ଗତବର୍ଷ ହତ୍ୟା ମାମଲା କମିଥିବା କୁହାଯାଉଛି।

୨୦୨୩ରେ ଦକ୍ଷିଣାଞ୍ଚଳ ରେଞ୍ଜ ଅଧୀନରେ ଥିବା ଗଞ୍ଜାମ ପୋଲିସ ଜିଲାର ପରିସୀମା ଅଧିକ ରହିଥିବା ବେଳେ ଏଠାରେ ୨ଟି ବିଦ୍ୟୁତ ଥାନା ଓ ଗୋଟିଏ ମେରାଇନ ଥାନାକୁ ମିଶାଇ ମୋଟ ୨୮ ଥାନା ରହିଛି। ଥାନା ସଂଖ୍ୟା ଅଧିକ ରହିଥିବା ବେଳେ ଅପରାଧ ଘଟଣା ମଧ୍ୟ ଅଧିକ। ସେହିପରି ବ୍ରହ୍ମପୁର ପୋଲିସ ଜିଲାରେ ମେରାଇନ, ବିଦ୍ୟୁତ, ଟ୍ରାଫିକ ଓ ମହିଳା ଥାନାକୁ ମିଶାଇ ମୋଟ ୧୬ ଥାନା ରହିଛି। କନ୍ଧମାଳ ଜିଲାରେ ୧୯ ଥାନା ରହିଥିବା ବେଳେ ଗଜପତି ଜିଲାରେ ୧୧ ଓ ବୌଦ୍ଧ ଜିଲାରେ ୮ ଥାନା ରହିଛି। କନ୍ଧମାଳ ଓ ବୌଦ୍ଧ ଜିଲାରେ ମାଓବାଦୀ ଗତିବିଧି ରହିଥିବା ବେଳେ ଅପରାଧ ଦୃଷ୍ଟିକୋଣରୁ ଗଞ୍ଜାମ ପୋଲିସ ଜିଲା ଅତ୍ୟନ୍ତ ସମ୍ବେଦନଶୀଳ। ଏହି ପୋଲିସ ଜିଲାରେ କେତେବେଳେ କ'ଣ ଘଟିବ କିଛି କହି ହେବନାହିଁ। ଗତବର୍ଷ ଗଞ୍ଜାମ ପୋଲିସ ଜିଲାରେ ସର୍ବାଧିକ ୫୩ ମାମଲା ରୁଜୁ ହୋଇଥିବା ବେଳେ ବ୍ରହ୍ମପୁରରେ ୨୭, କନ୍ଧମାଳରେ ୨୩, ଗଜପତିରେ ୧୩ ଓ ବୌଦ୍ଧରେ ୧୪ ହତ୍ୟା ମାମଲା ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ୨୦୨୩ରେ ଗଞ୍ଜାମ ପୋଲିସ ଜିଲାରେ ୮୫ ହତ୍ୟା ମାମଲା ରୁଜୁ ହୋଇଥିବା ବେଳେ ବ୍ରହ୍ମପୁରରେ ୨୯, କନ୍ଧମାଳରେ ୪୬, ଗଜପତିରେ ୧୦ ଓ ବୌଦ୍ଧ ଜିଲାରେ ୨୫ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହି ପରିସଂଖ୍ୟାନରୁ ସ୍ପଷ୍ଟ ହେଉଛି ଯେ, ୨୦୨୩ ଅପେକ୍ଷା ୨୦୨୪ରେ ହତ୍ୟା ମାମଲା ହ୍ରାସ ପାଇଛି। ଏହା ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜର ଏକ ସଫଳତା ବୋଲି କୁହାଯାଉଛି।

# ଶରଧାପାଲି କଲ୍ୟାଣ ସଂଗଠନର ସମୀକ୍ଷା ବୈଠକ



ବୈଠକରେ ଉପସ୍ଥିତ ସଂଗଠନର କର୍ମକର୍ତ୍ତା ।

ବ୍ରହ୍ମପୁର,୧୭।୨(ଅଶୋକ କୁମାର ସାହୁ):

ବ୍ରହ୍ମପୁର,୧୭।୨(ଅଶୋକ କୁମାର ସାହୁ):

ଖୋଡାସିଙ୍ଗି ନିକଟବର୍ତ୍ତୀ ଶରଧାବାଲି କଲ୍ୟାଣ ସଙ୍ଗଠନର ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେଶବ ପ୍ରସାଦ ରାଓ ସଭାପତିତ୍ୱ କରିଥିଲେ। ସଙ୍ଗଠନର ସମ୍ପାଦକ ସଚ୍ଚିଦାନନ୍ଦ ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଧର୍ମପ୍ରାଣା ମହିଳା ପ୍ରଭାବତୀ ନାୟକଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ତାଙ୍କ ଆତ୍ମାର ସଦଗତି କାମନା କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କ ଏକ ଗୃହ କରିବା ପାଇଁ ସ୍ଥିର କରାଯାଇଥିଲା। ତେବେ ଏହି ଘର ନିର୍ମାଣ ବର୍ତ୍ତମାନ ଅଧାପନ୍ତରିଆ ହୋଇ ରହିଥିବାରୁ ଏହା କିଭଳି ସରିବ ସେଥିନେଇ ଆଲୋଚନା ହୋଇଥିଲା। ଶରଧାବାଲି ଅଞ୍ଚଳର ପରିବର୍ଦ୍ଧିତ ୧ରୁ ୭ ନମ୍ବର ରୋଡର ନିର୍ମାଣ ଓ ମରାମତି ପାଇଁ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ରୁଦ୍ର ପ୍ରସନ୍ନ ମହାପାତ୍ର, ମନୋଜ ପାତ୍ର, ଶିବରାମ ପାଣିଗ୍ରାହୀ, ମନୋରଂଜନ ପଟ୍ଟନାୟକ, ପ୍ରଫୁଲ୍ଲ ପଣ୍ଡା, ମହେଶ୍ୱର ଗୌଡ, ବଳରାମ ପାତ୍ର ଓ ନୀଳମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୧ ବର୍ଷ ପରେ ତତ୍କାଳୀନ ଯନ୍ତ୍ରୀ ଦୋଷୀ

## ପୋଖରୀ କାମରେ ଅର୍ଥ ହେରଫେର ମାମଲା

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ପୋଖରୀ ପୁନରୁଦ୍ଧାର କାମରେ ସରକାରୀ ଅର୍ଥ ହେରଫେର ମାମଲାର ଚୂଡ଼ାନ୍ତ ରାୟ ସୋମବାର ପ୍ରକାଶ କରିଛନ୍ତି। ମାମଲାର ୨୧ ବର୍ଷ ପରେ ଜଣେ ଅବସରପ୍ରାପ୍ତ ଯନ୍ତ୍ରୀଙ୍କୁ ସେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ଜଣଙ୍କ ହେଲେ କଳାହାଣ୍ଡି ଜିଲା ଗୋଲମୁଣ୍ଡା ବ୍ଲକର ତତ୍କାଳୀନ ଯନ୍ତ୍ରୀ ପଦ୍ମନାଭ ରାଉତ(୬୨)। ଜଜ୍ ତାଙ୍କ ରାୟରେ ଅବସରପ୍ରାପ୍ତ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୨୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଉଲ୍ଲେଖ କରିଛନ୍ତି । ସେହିପରି ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଥିବା କଳାହାଣ୍ଡି ଜିଲାର ତତ୍କାଳୀନ ଡିଆର୍‌ଡିଏ ପିଡି ଗୋପାଳକୃଷ୍ଣ ଦାସ(୭୪)ଙ୍କୁ ଉପଯୁକ୍ତ ପ୍ରମାଣ ଅଭାବରୁ ଜଜ୍ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୦୧-୦୨ରେ ଫୁଡ୍ ଫର ୱାର୍କ ଯୋଜନା ଅଧୀନରେ ଗୋଲମୁଣ୍ଡା ବ୍ଲକ ଟେମରି ଗାଁଠାରେ ମରୁଡି ମହାବନ୍ଧ ନାମକ ଏକ ପୋଖରୀର ପୁନରୁଦ୍ଧାର କାମ ହୋଇଥିଲା। ସେହି କାମ ପାଇଁ ତତ୍କାଳୀନ ଜିଲାପାଳ ୬ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ହେଲେ କାମରେ ଟଙ୍କା ହେରଫେର ହୋଇଥିବା ସେତେବେଳେ ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ଟେକ୍ନିକାଲ ଟିମ ଘଟଣାର ତଦନ୍ତ କରି ଟଙ୍କା ହେରଫେର ହୋଇଥିବା ନେଇ ୨୦୦୩ ଡିସେମ୍ବର ୩୧ ତାରିଖରେ ଅଭିଯୋଗ କରିଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ବ୍ରହ୍ମପୁର ଭିଜିଲାନ୍ସରେ ନଂ.୬୨/୨୦୦୩ରେ ଏକ ମାମଲା ରୁଜୁ ହୋଇଥିଲା । ତଦନ୍ତ ବେଳେ ଏହି ପୋଖରୀ କାମରେ ୩ ଲକ୍ଷ ୮ ହଜାର ୯୧୨ ଟଙ୍କା ହେରଫେର କରାଯାଇଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଭିଜିଲାନ୍ସ ପକ୍ଷରୁ ଉଭୟ ଯନ୍ତ୍ରୀ ଓ ପିଡିଙ୍କୁ ଅଭିଯୁକ୍ତ ଦର୍ଶାଯାଇ କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ମାମଲାର ବିଚାର ଚାଲୁଥିବା ବେଳେ ମୋଟ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସୋମବାର ରାୟ ପ୍ରକାଶ ବେଳେ ଯନ୍ତ୍ରୀ ପଦ୍ମନାଭ କୋର୍ଟରେ ହାଜର ହୋଇଥିବା ବେଳେ ପିଡି ଗୋପାଳକୃଷ୍ଣ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମାମଲା ପରିଚାଳନା କରୁଥିଲେ ।

### ବଜେଟକୁ ସ୍ୱାଗତ କଲେ ଗଞ୍ଜାମ ଜିଲା ଭାଜପା ସଭାପତି

ବ୍ରହ୍ମପୁର,୧୭।୨(ନରସିଂହ ସାହୁ)

ବିଧାନସଭାରେ ସୋମବାର ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗତ କରିଥିବା ୨୦୨୫-୨୬ ବର୍ଷର ବଜେଟ ଯୁଗାନ୍ତକାରୀ ହୋଇଥିବା ଗଞ୍ଜାମ ଜିଲା ଭାଜପା ସଭାପତି ସରୋଜ ସାବତ କହିଛନ୍ତି। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ନିମନ୍ତେ ବଜେଟରେ ୨୦୦ କୋଟି ଟଙ୍କା ବ୍ୟୟବରାଦ କରିଥିବାରୁ ସାବତ ଏହାକୁ ପ୍ରଶଂସା କରିଛନ୍ତି। ଜାରି ଏକ ପ୍ରେସ୍ ବିବୃତିରେ ଜିଲା ସଭାପତି ସାବତ କହିଛନ୍ତି, ଗତ ନିର୍ବାଚନୀ ସଂକଳ୍ପ ପତ୍ରରେ ଭାଜପା ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରୁଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବଜେଟରେ ମୁଖ୍ୟମନ୍ତ୍ରୀ କନ୍ୟାସନ୍ତାନ ବିବାହ ପାଇଁ ପଦକ୍ଷେପ ନେଇଥିବାରୁ ଏହା ସବୁ ବର୍ଗ ପାଇଁ ସ୍ୱାଗତଯୋଗ୍ୟ। ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀର କନ୍ୟାମାନେ ଏହାଦ୍ୱାରା ଉପକୃତ ହେବେ। ଏହି ଯୋଜନା ରାଜ୍ୟରେ ପ୍ରଥମ ବୋଲି ଜିଲା ସଭାପତି ସାବତ କହିଛନ୍ତି। ବଜେଟରେ ମଧ୍ୟ ମହିଳାଙ୍କ ବିକାଶ ଲାଗି ଅନେକ ବ୍ୟବସ୍ଥା କରାଯାଇଛି। ୨ ଲକ୍ଷ ହେକ୍ଟର ଚାଷଜମି ପାଇଁ ନିରବଚ୍ଛିନ୍ନ ଜଳସେଚନ ବ୍ୟବସ୍ଥା କରାଯାଇ ବଜେଟରେ ଅର୍ଥ ବ୍ୟୟବରାଦ କରାଯାଇଛି। ଫଳରେ କୃଷି ଓ କୃଷକଙ୍କ ବହୁମୁଖୀ ବିକାଶ ହେବ ବୋଲି ସେ କହିଛନ୍ତି।

### ବିଏମ୍‌ସି ସହକାରୀ ଯନ୍ତ୍ରୀଙ୍କୁ ବଦଳି, ନିଯୁକ୍ତ ହେବେ ସିଟି ଇଞ୍ଜିନିୟର

ବ୍ରହ୍ମପୁର,୧୭।୨(ସ୍ମୃତି ରଞ୍ଜନ ମହାଲିକ):

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ସହକାରୀ ଯନ୍ତ୍ରୀ ସ୍ତରରେ ଅଦଳ ବଦଳ ହୋଇଛି। ଏ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଛତ୍ରପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟ ଜଗଦିଶ ପାଢିଙ୍କୁ ବିଏମ୍‌ସିକୁ ବଦଳି ହୋଇଛନ୍ତି। ସେହିପରି ବିଏମସି ସହକାରୀ ଯନ୍ତ୍ରୀ ଗଣେଶ ପାତ୍ର (ସିଭିଲ)ଙ୍କୁ କଟକ ମହାନଗର ନିଗମକୁ ବଦଳି ହୋଇଛନ୍ତି। ସେହିଭଳି ଝାରସୁଗୁଡା ମ୍ୟୁନିସିପାଲିଟି ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କୁ ବିଏମସିରେ ସିଟି ଇଞ୍ଜିନିୟର ଓ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଅତିରିକ୍ତ ଦାୟିତ୍ୱ (ଇଞ୍ଜିନିୟରିଂ ମେମ୍ବର) ଭାବେ ବଦଳି ହୋଇଥିବା ସୂଚନା ମିଳିଛି।

# ସାହିତ୍ୟ ସମାଜ ପକ୍ଷରୁ ସାହିତ୍ୟ ଆସର




ଆସରରେ ଉପସ୍ଥିତ ସାହିତ୍ୟ ସମାଜର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ):

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜ ଉପସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ପୌରୋହିତ୍ୟ ଅନୁଷ୍ଠିତ ଆସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ରମେଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସଭାପତି ଡ ସିଦ୍ଧାର୍ଥ ଶଙ୍କର ପାଢି ଆସରରେ ଉପସ୍ଥିତ ସାହିତ୍ୟିକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାହିତ୍ୟ ସମାଜ କାର୍ଯ୍ୟକାରିଣୀ ସଦସ୍ୟ ଡ କୁଳମଣି ଓଝା ଆସର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା ନିବେଦିତା ନନ୍ଦ, ଅନୁପ କୁମାର ମିଶ୍ର, ବିରୂପାକ୍ଷ ଦାଶ, ନୀଳକଣ୍ଠ ସାହୁ, ଚନ୍ଦ୍ରଶେଖର ମହାପାତ୍ର, ବିଦୂଷୀ ଲୋପା ସାମଲ, ଡ. ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ସ୍ୱରଚିତ କ୍ଷୁଦ୍ରଗଳ୍ପ ପାଠ କରିଥିଲେ। ଡ ହୃଷିକେଶ ପଣ୍ଡା ଓ ଡ ନୃସିଂହାନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପେଟ୍ରୋଲ ପମ୍ପ, ଟ୍ରକ୍ ଡକାୟତି ଯୋଜନା ପଣ୍ଡ, ୭ କୋର୍ଟ ଚାଲାଣ



ଗିରଫ ଅଭିଯୁକ୍ତ

ଗୋପାଳପୁର,୧୭।୨(ନବୀନ ରାଜ ଆଚାରୀ)

ଗୋପାଳପୁର ପାଲିସ୍ ୧୬ ନଂ.ଜାତୀୟ ରାଜପଥରେ ଡକାୟତି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ସୋମବାର ଅପରାହ୍ନରେ ପୋଲିସ ୭ ଜଣକୁ ଗିରଫ କାରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଲୁଚାପଡା ଗ୍ରାମର ଚିନୁ ବିଷୋୟୀ (୨୩), ହୁଗୁଳାପଟା ଗ୍ରାମର ରାଜା ମହାରଣା (୨୦), ବାବୁଲା ନାୟକ (୧୯), ସୀତୁନ ସ୍ୱାଇଁ (୧୯), ଶୀତମ ସ୍ୱାଇଁ (୨୧), କିରଣ କୁମାର ସ୍ୱାଇଁ (୨୨) ଓ ସିଦ୍ଧେଶ୍ୱର ଗ୍ରାମର ସାଗର ରାଉତ (୨୩) ବୋଲି ବ୍ରହ୍ମପୁର ଏସ୍‌ପି ଡ଼ା.ଶର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଧଳ ରଙ୍ଗର ଟାଟା ସୁମୋ, ୩ ହଜାର ୫ ଶହ ଟଙ୍କା, ୭ଟି ମୋବାଇଲ, ଦୁଇଟି ଖଣ୍ଡା, ଚାରୋଟି ରସ୍ ରଡ, ଦୁଇଟି ଖାଲି ମଦ ବୋତଲ ଜବତ କରିଛି। ରବିବାର ବିଳମ୍ବିତ ରାତିରେ ଗୋପାଳପୁର ଥାନା ପୋଲିସ କରାପୁଲୀ ଛକରେ ପେଟ୍ରୋଲିଂ କରୁଥିବା ବେଳେ ୧୬ନଂ.ଜାତୀୟ ରାଜପଥ ହାଇୱା ଢ଼ାବା ନିକଟରେ ଅପରାଧୀ ଚିନୁ ନେତୃତ୍ୱରେ ଧଳା ରଙ୍ଗର ଟାଟା ସୁମୋରେ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଛାପା ମାରି ସେମାନଙ୍କୁ ଆତ୍ମ ସମର୍ପଣ କରିବାକୁ କହିଥିଲା। କିନ୍ତୁ ଅପରାଧୀମାନେ ମାରଣାସ୍ତ୍ର ଧରି ଦୌଡ଼ିଥିଲେ। ପୋଲିସ ସେଠାରୁ ୭ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେମାନଙ୍କୁ ପଚାରିବା ବେଳେ ପେଟ୍ରୋଲ ପମ୍ପ ଓ ଟ୍ରକରୁ ଡକାୟତି କରିବା ପାଇଁ ଯୋଜନା କରୁଥିବା ନେଇ ପ୍ରକାଶ କରିଥିଲେ। ସେମାନଙ୍କ ଠରୁ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ପୋଲିସ ଜବତ କରିଥିଲା। ଏ ନେଇ ଥାନା କେଶ ନଂ.୫୯/୨୫ ପ୍ରକାରେ ପୋଲିସ ଚିନୁ, ରାଜା, ବାବୁଲା, ସୀତୁନ, ଶୀତମ, କିରଣ ଓ ସାଗରକୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି।

# ରାସ୍ତା ମରାମତି କଲେ ଜନସାଧାରଣ

## ପ୍ରତିଶ୍ରୁତି ଭୁଲିଗଲେ ଜନପ୍ରତିନିଧି



ଗ୍ରାମବାସୀ ରାସ୍ତା ନିର୍ମାଣ କରୁଛନ୍ତି।

ଜି.ଉଦୟଗିରି, ୧୭।୨(ଚିନ୍ମୟ କୁମାର ସେଠୀ):

ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଗଦିଙ୍ଗିଆ ଗ୍ରାମ ରାସ୍ତାରେ କିଛି ବର୍ଷ ପୂର୍ବେ ନାମକୁ ମାତ୍ର ମହାତ୍ମାଗାନ୍ଧୀ ଗ୍ରାମୀଣ ରୋଜଗାର ଯୋଜନାରେ ମାଟି ପଡ଼ିଥିଲା। ଗୋଟିଏ ବର୍ଷା ପରେ ସେଠାରେ ଗାର୍ଡ ୱାଲ୍ ନ ଥିବା କାରଣରୁ ସବୁ ମାଟି ବର୍ଷା ପାଣିରେ ଧୋଇ ହୋଇଗଲା। ଏନେଇ ବାରମ୍ବାର ପ୍ରଶାସନକୁ ଅବଗତ କଲାପରେ ମଧ୍ୟ କୌଣସି ଅଧିକାରୀ ଦୃଷ୍ଟି ନ ଦେବାରୁ ବାଧ୍ୟହୋଇ ଗଦିଙ୍ଗିଆର ବୃଦ୍ଧା ବାପା ମା' ନିଜ ଭତ୍ତା ଟଙ୍କାରୁ କିଛି କିଛି ଏବଂ ଯୁବଗୋଷ୍ଠୀ ଦିନ ମଜୁରି କରି କିଛି କିଛି ଟଙ୍କା ନିଜ ପକେଟରୁ ବାହାର କରି ଗୋଡ଼ି, ବାଲି ଓ ସିମେଣ୍ଟ କିଣି ନିଜେ ପରିଶ୍ରମ କରି ଘାଟିର କିଛି ଅଂଶକୁ ମରାମତି କରିଥିଲେ। ରବିବାର ରାତ୍ରିରେ ସେହି ଗ୍ରାମର ଉତ୍ସବ ପ୍ରଧାନଙ୍କ ପୁଅର ହଠାତ୍ ଦେହ ଅସୁସ୍ଥ ହୋଇଥିଲା ରାତିରେ ଅଟୋକୁ ଯୋଗାଯୋଗ କରିଥିଲେ ସୁଦ୍ଧା ଭଲ ରାସ୍ତା ନ ଥିବାରୁ ମନା କରିଥିଲେ। ଆମ୍ବୁଲାନ୍ସ ଆସିବା ପାଇଁ ଯୁବଗୋଷ୍ଠୀ କୋଦାଳ, କୋଡ଼ି, ଶାବଳ ଧରି ନିଜେ ଶ୍ରମ ଦାନ କରି ଖାଲ ଖମା ରାସ୍ତାରେ ମାଟି ପକେଇ ମରାମତି କରିବାକୁ ବାହାରିଲେ। ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣର ଆବଶ୍ୟକତା ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବିଡିଓ, ଜିଲାପାଳ ଅବଗତ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପକ୍କା ସଡ଼କ ନିର୍ମାଣ ହୋଇ ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଜନପ୍ରତିନିଧି ନିର୍ବାଚନ ସମୟରେ ମାଳମାଳ ଜନ ସେବା, ସାମାଜ ସେବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ନିର୍ବାଚନରେ ଜିତିସାରିବା ପରେ ସବୁ ଭୁଲି ଯାଆନ୍ତି ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ପୂର୍ବାଞ୍ଚଳ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ):



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ପିଜି ଖେଳପଡ଼ିଆରେ ସୋମବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଏବଂ ଆନ୍ତଃ ବିଶ୍ୱବିଦ୍ୟାଳୟ ସଂଘ ନୂଆଦିଲ୍ଲୀ ମିଳିତରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ କୁଳପତି ତଥା ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ପତାକା ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ୱାର୍ଡେନ ତଥା ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ, ରବି ଚରଣ ମିଶ୍ର, ରାଜେଶ କୁମାର ମହାନ୍ତି ଯୋଗ ଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ପରିଷଦ ସମ୍ପାଦକ ଡ଼. ସାରଦା ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆନ୍ତଃ ବିଶ୍ୱବିଦ୍ୟାଳୟ ପୂର୍ବାଞ୍ଚଳ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ୧୬ଟି ବିଶ୍ୱବିଦ୍ୟାଳୟ ଭାଗ ନେଇଥିବା ବେଳେ ଦୁଇଟି କୋର୍ଟରେ ପ୍ରଥମ ଦିନର ମ୍ୟାଚ ଗୁଡିକ ଖେଳାଯାଇଛି।

ପ୍ରଥମ ମ୍ୟାଚରେ ପଶ୍ଚିମବଙ୍ଗର ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ଅନୁପସ୍ଥିତ ରହିଥିବାରୁ ବାରାଣାସୀ ଏମ.ଜି କାଶୀ ବିଦ୍ୟାପୀଠ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚଟି ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ସହ ରାୟପୁର ପଣ୍ଡିତ ରବି ଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିବା ବେଳେ ପଣ୍ଡିତ ରବି ଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ, ତୃତୀୟ ମ୍ୟାଚରେ ମଣିପୁର ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚରେ ଗୋରଖପୁର ଡ଼ି. ଡ଼ି. ୟୁ. ଜି ବିଶ୍ୱବିଦ୍ୟାଳୟ ଅନୁପସ୍ଥିତ ରହିଥିବାରୁ ପଶ୍ଚିମବଙ୍ଗ ଷ୍ଟେଟ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛି । ପଞ୍ଚମ ମ୍ୟାଚ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ସହ ରାୟଘର ଏସ. ଏନ. ପି ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ୨୮/୧୧ ଗୋଲ କରି ବିଜୟୀ ହୋଇଛି। ଷଷ୍ଠ ମ୍ୟାଚ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ, ସପ୍ତମ ମ୍ୟାଚରେ ଏମ. ଜି କାଶୀ ବିଦ୍ୟାପୀଠ, ଅଷ୍ଟମ ମ୍ୟାଚ ମଣିପୁର ବିଶ୍ୱବିଦ୍ୟାଳୟ, ନବମ ମ୍ୟାଚରେ ପଶ୍ଚିମବଙ୍ଗର ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛି । ରେଫେରୀ ଭାବେ ସୁରେଶ ଚନ୍ଦ୍ର ପାଢ଼ୀ, ପ୍ରଶାନ୍ତ କୁମାର ରଥ, ବି. ସନ୍ଦୀପ ପାତ୍ର, ଶ୍ରୀନିବାସ ରାଉତ, ସୁଶାନ୍ତ ମହାରଣା, ଆକାଶ ପଟ୍ଟନାୟକ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଏସ. କ୍ରୀଷ୍ଣା ରେଡ଼ି, ସିଦ୍ଧାର୍ଥ ପାଢ଼ୀ, ସୁଧାକର ବିଷୋୟୀ, ସଚ୍ଚିଦାନନ୍ଦ ଦାଶ, କ୍ରିଷ୍ଣାରାଓ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତି ସୁନ୍ଦର ସିଂ ସଭା ପରିଚାଳନା କରିଥିଲେ। ଶେଷରେ ସିଡ଼ିସି ନିର୍ଦ୍ଦେଶକ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**କେଏଫ୍‌ସିର ନୂତନ ଉତ୍ପାଦ**

ନୂଆଦିଲ୍ଲୀ: ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ କେଏଫ୍‌ସିର ନୂତନ ଉତ୍ପାଦ 'କେଏଫ୍‌ସି ବୋନ୍‌ଲେସ୍ ରେଞ୍ଜ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାର ଅତୁଳନୀୟ ଚାହିଦା ଏବଂ ସ୍ୱାଦିଷ୍ଟ କ୍ରଞ୍ଚ ସବୁ ବର୍ଗର ଗ୍ରାହକଙ୍କୁ କିଛି ମଜାଦାର ସ୍ୱାଦ ପ୍ରଦାନ କରିବ। ସେହିଭଳି କେଏଫ୍‌ସିର କ୍ରିସ୍ପି, ଫିଙ୍ଗର ଲିକିନ ଗୁଡ୍ ବୋନ୍‌ଲେସ୍ ରେଞ୍ଜ ଗ୍ରାହକଙ୍କ ସମସ୍ତ ପ୍ରକାର କ୍ରେଭିଙ୍ଗସ୍‌କୁ ପୂରାକରିପାରିବ। ଏପରିକି ଚିକେନ ପ୍ରେମୀମାନେ କେବଳ ୯୯ ଟଙ୍କାରୁ ଆରମ୍ଭ ହେଉଥିବା କେଏଫ୍‌ସିର ବେଷ୍ଟସେଲିଂ ମେନ୍ୟୁ ମଧ୍ୟରୁ ଦୁଇଟି ସ୍ୱାଦିଷ୍ଟ ବୋନ୍‌ଲେସ୍ ବିକଳ୍ପକୁ ମଧ ଉପଭୋଗ କରିପାରିବେ।

# ଆଣବିକ ଶକ୍ତି ସମ୍ପ୍ରସାରଣରେ ନିବେଶ କରିବ ଏନ୍‌ଟିପିସି

## ୩୦ ଜିଡବ୍ଲ୍ୟୁ ପାଇଁ ୬୨ ବିଲିଅନ ଡଲାର ଆକଳନ



ନୂଆଦିଲ୍ଲୀ,୧୭।୨

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ କମ୍ପାନୀ ତଥା ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି ଲିମିଟେଡ) ଆଣବିକ ଶକ୍ତି ସମ୍ପ୍ରସାରଣ କ୍ଷେତ୍ରରେ ନିବେଶ କରିବ ବୋଲି ଘୋଷଣା କରିଛି। ଏପରିକି କମ୍ପାନୀ ଆଗାମୀ ୨୦ ବର୍ଷ ବା ୨ ଦଶନ୍ଧି ମଧ୍ୟରେ ୩୦ ଗିଗାୱାଟ (ଜିଡବ୍ଲ୍ୟୁ) ଆଣବିକ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି ସହ ପ୍ରାୟ ୬୨ ବିଲିଅନ ଡଲାର ନିବେଶ କରିବ ବୋଲି ଏନ୍‌ଟିପିସି ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଦେଶର ପ୍ରମୁଖ ଶକ୍ତି ଉତ୍ପାଦକ, ଯାହା ମୁଖ୍ୟତଃ କୋଇଲା ଆଧାରିତ ପ୍ଲାଣ୍ଟ ଚଳାଉଛି, ଏପରି ଏକ ଦେଶରେ ନିଜର ମହତ୍ତ୍ୱାକାଂକ୍ଷୀ ଯୋଜନା ପାଇଁ ଜମି ଖୋଜୁଛି ଯେଉଁଠାରେ ଏପରି ପ୍ରକଳ୍ପ ପ୍ରତି ସ୍ଥାନୀୟ ବିରୋଧ ଅଧିକ ଏହି ବିଷୟ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଥିବା ସୂତ୍ରଗୁଡ଼ିକ କହିଛନ୍ତି। ସୂତ୍ର ଅନୁଯାୟୀ, ଏନ୍‌ଟିପିସି ୧୦ ଜିଡବ୍ଲ୍ୟୁ ଆଣବିକ କ୍ଷମତା ବୃଦ୍ଧି ଲକ୍ଷ୍ୟ ରଖିଥିଲା। କିନ୍ତୁ ଚଳିତ ମାସରେ ସରକାର ଏହି କ୍ଷେତ୍ରକୁ ବିଦେଶୀ ଏବଂ ଘରୋଇ ନିବେଶ ପାଇଁ ଖୋଲିବାର ଯୋଜନା ଘୋଷଣା କରିବା ପରେ କମ୍ପାନୀ ଏହି ଲକ୍ଷ୍ୟକୁ ୩ ଗୁଣ ବୃଦ୍ଧି କରିଛି। ଏନ୍‌ଟିପିସି ଭାରତର ଆଣବିକ ଶକ୍ତି ଯୋଜନାକୁ ଠିକ୍ କରୁଛି। ସେହିପରି ନେତୃତ୍ୱ ନେବାକୁ ଯୋଜନା କରୁଛି ଯେପରି ଏହା ତାପଜ କ୍ଷେତ୍ରରେ କରିଥିଲା। ଅପରପକ୍ଷରେ ଭାରତ ୨୦୩୦ ସୁଦ୍ଧା ୫୦୦ ଜିଡବ୍ଲ୍ୟୁ ଅଣ-ଜୀବାଶ୍ମ ଇନ୍ଧନ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ସ୍ଥାପନ କରିବାକୁ ପ୍ରତିବଦ୍ଧ ଏବଂ ୨୦୪୭ ସୁଦ୍ଧା ଅତି କମ୍‌ରେ ୧୦୦ ଜିଡବ୍ଲ୍ୟୁ ଆଣବିକ କ୍ଷମତା ହାସଲ କରିବାକୁ ଚାହୁଁଛି। ରାଷ୍ଟ୍ରାୟତ୍ତ ନ୍ୟୁକ୍ଲିୟର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ ବର୍ତ୍ତମାନ ଦେଶର ପ୍ରାୟ ୮ ଜିଡବ୍ଲ୍ୟୁ କ୍ଷମତାର ଏକମାତ୍ର ଅପରେଟର ହୋଇଥିଲାବେଳେ ୨୦୩୨ ସୁଦ୍ଧା ଏହାକୁ ୨୦ ଜିଡବ୍ଲ୍ୟୁକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଏନ୍‌ଟିପିସି ପୂର୍ବରୁ ଦୁଇଟି ୨.୬ ଜିଡବ୍ଲ୍ୟୁ ଆଣବିକ ଶକ୍ତି କେନ୍ଦ୍ର ନିର୍ମାଣ କରୁଛି, ଗୋଟିଏ ମଧ୍ୟପ୍ରଦେଶରେ ଏବଂ ଅନ୍ୟ ଗୋଟିଏ ରାଜସ୍ଥାନରେ ରହିଛି।ସୂତ୍ର ଅନୁଯାୟୀ,ଜନସାଧାରଣଙ୍କ ବିରୋଧ ଏବଂ ଅଧିଗ୍ରହଣ ସମସ୍ୟା ଦେଶର ପରମାଣୁ ଶକ୍ତି ମହତ୍ତ୍ୱାକାଂକ୍ଷାକୁ ବାଧା ଦେବା ପରେ ଏହା ୨୭ଟି ସ୍ଥାନରେ ବିସ୍ତୃତ ଅଧ୍ୟୟନ ପାଇଁ ଆଠଟି ରାଜ୍ୟରେ ଜମି ପାଇଁ ଶୀଘ୍ର ଅନୁମୋଦନ ପାଇବା ପ୍ରକ୍ରିୟାରେ ଅଛି ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଗୁଜରାଟ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁ ଅନ୍ତର୍ଭୁକ୍ତ ରହିଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୭।୨

କ୍ରମାଗତ ଭାବେ ଘରୋଇ ଶେୟାର ବଜାରର କାରବାର ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୮ (୫୭.୬୫) ପଏଣ୍ଟ ବଢ଼ି ୭୫,୯୯୭ (୭୫,୯୯୬.୮୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୦ (୩୦.୨୫) ପଏଣ୍ଟ ବୃଦ୍ଧି ଘଟି ୨୨,୯୫୯ (୨୨,୯୫୯.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ଏଲ୍‌ଆଇସି ମାର୍କେଟ ଟେକ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ

ମୁମ୍ବାଇ,୧୭।୨



ସିଦ୍ଧାର୍ଥ ମହାନ୍ତି

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ବହୁ ପ୍ରତୀକ୍ଷିତ ସେବା ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ କଟିଂ-ଏଜ୍ ମାର୍କେଟିଂ ଟେକ୍ନୋଲୋଜି (ମାର୍ ଟେକ୍) ପ୍ଲାଟ୍‌ଫର୍ମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନିଗମର ଏହି ସେବା ପ୍ରଥମ ଐତିହାସିକ ମାଇଲଷ୍ଟୋନ ହାସଲ କରିଛି। ଏଲ୍‌ଆଇସିର ପ୍ରକଳ୍ପ ଡାଇଭ-ଏଲ୍‌ଆଇସି ଅଧୀନରେ ଏହି ସେବାର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଆମେ ଆମର ନୂତନ ସେବା ତଥା ମାର୍ ଟେକ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ ସମ୍ପର୍କରେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ସେବା ଆମ ଯାତ୍ରାର ଏକ ମାଇଲଖୁଣ୍ଟ ହୋଇଥିଲାବେଳେ ଡିଜିଟାଲ ଟ୍ରାନ୍ସଫରମେଶନ ଦିଗରେ ଯାତ୍ରା ଆରମ୍ଭ କରିଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ଏହି ସେବା ଉଭୟ ନିଗମ ଓ ଗ୍ରାହକଙ୍କ ଆବଶ୍ୟକତା ଓ ସମୟ ରକ୍ଷା ଦିଗରେ ବେଶ ସହାୟକ ହେବ। ଏହା ଜରିଆରେ ଗ୍ରାହକ ଏବଂ କର୍ମଚାରୀ ଗୁଣାତ୍ମକ ସେବା ଓ ସୁବିଧା ପାଇପାରିବେ ବୋଲି ମହାନ୍ତି କହିଛନ୍ତି।

# ଜେଇଇ ମେନ୍‌ରେ ଫିଜିକ୍ସୱାଲାର ବାଜିମାତ୍

ଭୁବନେଶ୍ୱର,୧୭।୨

ଜେଇଇ ମେନ୍ ୨୦୨୫ ସେସନ-୧ ପରୀକ୍ଷା ଫଳାଫଳରେ ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ଛାତ୍ରୀଛାତ୍ରମାନେ ବାଜିମାତ୍ କରିଛନ୍ତି। ଏପରିକି ଏହି ଫଳାଫଳରେ ପିଡବ୍ଲ୍ୟୁର ୪ଜଣ ଛାତ୍ର ରାଜ୍ୟ ଟପ୍ପର ହୋଇଛନ୍ତି। ଏହି ଟପ୍ପରଙ୍କ ମଧ୍ୟରୁ ଗୁଜରାଟର ଜଣେ ଛାତ୍ର ୧୦୦% ମାର୍କ ରଖିଥିବାବେଳେ ମୋଟ ୬୧୨ ଜଣ ଛାତ୍ର ୯୯.୫%ରୁ ଅଧିକ ମାର୍କ ରଖିଛନ୍ତି। ସେହିଭଳି ୧୩୫୯ରୁ ଅଧିକ ଛାତ୍ର ୯୯%ରୁ ଅଧିକ ମାର୍କ ଏବଂ ୩୫୪୮ରୁ ଅଧିକ ଛାତ୍ର ୯୮%ରୁ ଅଧିକ ମାର୍କ ହାସଲ କରିଛନ୍ତି। ସେହିପରି ଜେଇଇ ମେନ୍ ୨୦୨୫ ସେସନ୧ ଫଳାଫଳରେ ଫିଜିକ୍ସୱାଲାର ଭୁବନେଶ୍ୱର ସେଣ୍ଟରରୁ ୫ଜଣ ଛାତ୍ର ବିଜୟ ଲେଙ୍କା (୯୯.୮୪%), ବିଶ୍ୱଜିତ ଭୂୟାଁ (୯୯.୫୨%) ଏବଂ ଯଶ୍ ଅଗ୍ରୱାଲ (୯୯.୧୧%) ସ୍କୋର ହାସଲ କରିଛନ୍ତି।

ପିଡବ୍ଲ୍ୟୁର କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୪ଜଣ ରାଜ୍ୟ ଟପ୍ପର ସହ ଉଲ୍ଲେଖନୀୟ ସ୍କୋର ଏବଂ ପରୀକ୍ଷାରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଗୁଜରାଟର ଶିବେନ ବିକାଶ ତୋସନିୱାଲ ୧୦୦% ମାର୍କ ହାସଲ କରିଥିବାବେଳେ ମିଜୋରାମର ଇଶାନ୍ତ ବର୍ମା ୯୯.୫୭%, ଅରୁଣାଚଳ ପ୍ରଦେଶର ପ୍ରଣୟ କୁମାର ରୟ ୯୯.୩୮% ଏବଂ ଜମ୍ମୁକଶ୍ମୀରର କାମରନ ବିଲାଲ ଭଟ୍ଟ ୯୯.୮୯% ମାର୍କ ହାସଲ କରିଛନ୍ତି।

ଏ ସମ୍ପର୍କରେ ପିଡବ୍ଲ୍ୟୁର ପ୍ରତିଷ୍ଠାତା ତଥା ସିଇଓ ଅଲଖ ପାଣ୍ଡେ କହିଛନ୍ତି, ଭଲ ପ୍ରଦର୍ଶନ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର କଠିନ ପରିଶ୍ରମର ଫଳ ମିଳିଛି। ମୁଁ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏପରିକି ଆଶା ଅନୁଯାୟୀ ଫଳାଫଳ ପାଇ ନ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟ ଖୁବ୍ ଗର୍ବିତ। ତେଣୁ ନିରନ୍ତର ରିଭିଜନ କରିବା ଏବଂ ସେସନ ୧ ପେପରଗୁଡ଼ିକୁ ଅଭ୍ୟାସ କରିବା ଉପରେ ଧ୍ୟାନ ଦିଅ, କାରଣ ପରୀକ୍ଷାର ଜଟିଳତାର ସ୍ତର ସମାନ ରହିବ।

# ବେଦାନ୍ତ ଗୋଷ୍ଠୀଗତ ବିକାଶ ପ୍ରତି ସମର୍ପିତ

ଭୁବନେଶ୍ୱର,୧୮।୨ (ଅଭୟ ଦାଶ)




ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ଉଭୟ ଏଏଏଫ୍ ଏବଂ ରାୟଗଡ଼ା ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ସାମାଜିକ ପ୍ରତିଷ୍ଠାନ 'ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ବା ଏଏଏଫ୍' ଏବଂ ରାୟଗଡ଼ା ଜିଲା ପ୍ରଶାସନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ରାୟଗଡ଼ା ଜିଲାରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାର ଉନ୍ନତି ପାଇଁ ଫାଉଣ୍ଡେଶନ ରାୟଗଡ଼ା ଏବଂ କାଶୀପୁର ବ୍ଲକ୍‌ର ୧୦୦ଟି ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ 'ନନ୍ଦଘର'ରେ ପରିଣତ କରିବ ବୋଲି ବୁଝାମଣାପତ୍ରରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଅତ୍ୟାଧୁନିକ କେନ୍ଦ୍ରରେ ପରିଣତ କରାଯିବ । ସେହିଭଳି ଏହି ବୁଝାମଣାପତ୍ର ସ୍ୱାକ୍ଷର ଉତ୍ସବରେ ଉଭୟ ଏଏଏଫ୍‌ର ଅଧିକାରୀ ଏବଂ ରାୟଗଡ଼ା ଜିଲାପାଳ ପାରୁଲ ପଟୱାରି, ଜିଲା ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଥମ ପର୍ଯ୍ୟାୟରେ କାଶୀପୁର ବ୍ଲକ୍‌ର ୧୫ଟି ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ ନନ୍ଦଘରରେ ପରିଣତ ସହିତ ଶିଶୁମାନଙ୍କର ପ୍ରାକ୍ ଶୈଶବର ବିକାଶ ପାଇଁ ଉନ୍ନତ ଭିତ୍ତିଭୂମି ଯୋଗାଇ ଦିଆଯିବ।ପରବର୍ତ୍ତୀ ସମୟରେ ରାୟଗଡ଼ା ବ୍ଲକ୍‌ର ଅବଶିଷ୍ଟ ୮୫ଟି କେନ୍ଦ୍ରକୁ ବିକାଶ କରାଯିବ।ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ଗୋଷ୍ଠୀଗତ ବିକାଶ ପ୍ରତି ସମର୍ପିତ ଅଛୁ। ଯାହା ବେଦାନ୍ତର ମୂଳ ମୂଲ୍ୟବୋଧ ଉପରେ ଆଧାରିତ ରହିଛି, ଯାହା କମ୍ପାନୀର କାର୍ଯ୍ୟକ୍ଷମ ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ସକାରାତ୍ମକ ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରିଥାଏ।

ବିଶେଷକରି ନନ୍ଦଘର କାର୍ଯ୍ୟକ୍ରମ,ଯାହା ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପ୍ରକଳ୍ପ, ମହିଳାମାନଙ୍କୁ ସଶକ୍ତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ପ୍ରାରମ୍ଭିକ ଶୈଶବ ଶିକ୍ଷାର ମୂଳଦୁଆକୁ ମଧ୍ୟ ମଜଭୁତ କରିଥାଏ । ରାୟଗଡ଼ାର ଜିଲା କର୍ତ୍ତୃପକ୍ଷଙ୍କ ସହ ଭାଗୀଦାରିକରି ଆମେ ବେଶ୍ ଉତ୍ସାହିତ ଅଛୁ।

# କୁଶଳ ବିଶ୍ୱାସଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର

ଭୁବନେଶ୍ୱର,୧୭।୨

ସେଞ୍ଚୁରିଅନ ୟୁନିଭର୍ସିଟି (ସିୟୁ)ର ସ୍କୁଲ ଅଫ୍ ଲ ଡିପାର୍ଟମେଣ୍ଟ ପକ୍ଷରୁ 'ଆଇନ ଅଧ୍ୟୟନ ଏବଂ ଅଭ୍ୟାସରେ ଉଦୀୟମାନ ଧାରା' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏକ ଆଲୋଚନାଚକ୍ର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱିକ୍ ଫର୍ ଆନିମାଲର ପ୍ରତିଷ୍ଠାତା କୁଶଳ ବିଶ୍ୱାସଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଆଲୋଚନାଚକ୍ରର ପ୍ରଥମ ଅଧିବେଶନକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ବିକଶିତ ଆଇନ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।ଏହି ଅବସରରେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ହାଇକୋର୍ଟର ବିଚାରପତି ଏମ୍.ଏସ୍.ରମଣ ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଲଜିତ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ତ୍ତା ପ୍ରଦାନ କରିଥିଲେ। ଆଲୋଚନାଚକ୍ରର ଶେଷ ଅଧିବେଶନରେ ଆଇନମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଯୁକ୍ତିବିଦ୍ୟା, ଶାସନ ଏବଂ ମାନବାଧିକାର କ୍ଷେତ୍ରରେ ଉଦୀୟମାନ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ ଆଇନଗତ ଶିକ୍ଷାବିକଶିତ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦୀୟମାନ ଆଇନଗତ ଧାରା ଏବଂ ଚ୍ୟାଲେଞ୍ଜ ଉପରେ ଆଲୋଚନା କରିଥିଲେ। ପରିଶେଷରେ ବିଶ୍ୱବିଦ୍ୟାଳୟର ଡିନ୍ ପଲ୍ଲବ ଦାସ ସାଇବର ଆଇନ ଭଳି ଗୁରୁତ୍ୱପୂର୍ଣ୍ଣ ଆଇନଗତ ସମସ୍ୟାଗୁଡ଼ିକର ସମାଧାନ ଏବଂ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

**ଅପରାଧ**

# ୨ଫ୍ଲାଟ୍‌ରୁ ମିଳିଲା ପରିବାରର ୪ ମୃତଦେହ

ମହୀଶୂର, ୧୭।୨ (ପି.ଟି.)



୪ ମୃତକ

କର୍ଣ୍ଣାଟକର ମହୀଶୂରସ୍ଥିତ ବିଶ୍ୱେଶ୍ୱରାୟା ଅଞ୍ଚଳର ଏକ ଆପାର୍ଟମେଣ୍ଟର ୨ଟି ଫ୍ଲାଟରୁ ସୋମବାର ୪ ଜଣଙ୍କ ମୃତଦେହ ଜବତ ହୋଇଛି। ୪ ମୃତକ ଗୋଟିଏ ପରିବାରର ହୋଇଥିବା ପୋଲିସ ସୂଚନା ଦେଇଛି। ସେମାନେ ହେଉଛନ୍ତି ଚେତନ (୪୫), ତାଙ୍କ ସ୍ତ୍ରୀ ରୂପାଲି (୪୩), ତାଙ୍କ ମା' ପ୍ରିୟମ୍ବଦା (୬୨) ଏବଂ ତାଙ୍କ ପୁଅ କୁଶଲ (୧୫)। ଚେତନ ପ୍ରଥମେ ତାଙ୍କ ସ୍ତ୍ରୀ, ମା' ଓ ପୁଅଙ୍କୁ ବିଷ ଦେଇ ହତ୍ୟା କରିବା ପରେ ନିଜେ ରଶିରେ ଝୁଲି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ମହୀଶୂର ପୋଲିସ କମିଶନର ସୀମା ଲାଟ୍‌କର କହିଛନ୍ତି, ଆପାର୍ଟମେଣ୍ଟର ୨ଫ୍ଲାଟରୁ ଗୋଟିଏ ପରିବାରର ୪ ସଦସ୍ୟଙ୍କ ମୃତଦେହ ସନ୍ଦିଗ୍ଧ ଅବସ୍ଥାରେ ପଡ଼ିଥିଲା। ଚେତନ, ରୂପାଲି ଓ କୁଶଲ ଗୋଟିଏ ଫ୍ଲାଟ୍‌ରେ ରହୁଥିବା ବେଳେ ସମାନ ଆପାର୍ଟମେଣ୍ଟର ଅନ୍ୟ ଏକ ଫ୍ଲାଟ୍‌ରେ ଚେତନଙ୍କ ମା' ରହୁଥିଲେ। ରବିବାର ରାତିରେ ଚେତନ ଆମେରିକାରେ ରହୁଥିବା ତାଙ୍କ ଭାଇ ଭରତଙ୍କୁ କଲ୍ କରି ସେ ପରିବାର ସହ ଆତ୍ମହତ୍ୟା କରିବାକୁ ଯାଉଛନ୍ତି ବୋଲି କହିଥିଲେ। ଏନେଇ ଭରତ ରୂପାଲିଙ୍କ ମା'ବାପାଙ୍କୁ ତୁରନ୍ତ ଚେତନଙ୍କ ଆପାର୍ଟମେଣ୍ଟକୁ ଯିବା ପାଇଁ କହିଥିଲେ। ତେବେ ସେମାନେ ଆପାର୍ଟମେଣ୍ଟରେ ପହଞ୍ଚିବା ବେଳକୁ ପରିବାରର ସମସ୍ତ ୪ ସଦସ୍ୟ ଆତ୍ମହତ୍ୟା କରିସାରିଥିଲେ। ଘଟଣା ସମ୍ପର୍କରେ ରୂପାଲିଙ୍କ ମା'ବାପା ପୋଲିସକୁ ଜଣାଇଥିଲେ। ପୋଲିସର ସୂଚନା ଅନୁଯାୟୀ, ଚେତନ ଜଣେ ଶ୍ରମିକ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟରତ ଥିଲେ। ସେ ମଧ୍ୟ ପ୍ରାଚ୍ୟ ଦେଶଗୁଡ଼ିକୁ ଶ୍ରମିକ ପଠାଇବାର କାମ କରୁଥିଲେ। ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ଉକ୍ତ ନୋଟ୍‌ରେ ଚେତନ ଲେଖିଛନ୍ତି, ତାଙ୍କ ପରିବାର ଆର୍ଥିକ ସଙ୍କଟ ମଧ୍ୟରେ ବୁଡ଼ି ରହିଛି। ତେଣୁ ସେ ଏହି ଚରମ ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି। ତାଙ୍କ ପରିବାର ସଦସ୍ୟଙ୍କ ମୃତ୍ୟୁ ପାଇଁ ଆଉ କେହି ଦାୟୀ ନୁହନ୍ତି ବରଂ ଏଥିପାଇଁ କେବଳ ସେ ଦାୟୀ ବୋଲି ଚେତନ ସୁଇସାଇଡ୍ ନୋଟ୍‌ରେ ଲେଖିଛନ୍ତି।

# ବଚସାରୁ ମାରପିଟରେ ଜଣେ ମୃତ, ଅଭିଯୁକ୍ତ ଗିରଫ

ସୋରଡ଼ା,୧୭।୨(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡ଼ା ଥାନା ଅନ୍ତର୍ଗତ ନେତାଜୀ ସାହିରେ ରବିବାର ସାହିର ଦୁଇ ଜଣଙ୍କ ମଧ୍ୟରେ ବଚସା ଓ ପରେ ମାର୍‌ପିଟ ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଧୋବା ଗୌଡ଼। ଏନେଇ ତାଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତ ତାରିଣୀ ମହାରଣାଙ୍କୁ ଗିରଫ କରିଛି। ରିକ୍ସାଚାଳକ ଧୋବା ପ୍ରତିଦିନ ସନ୍ଧ୍ୟାରେ ନିଶାସକ୍ତ ହୋଇ ଆସି ସାହିରେ ଗାଳିଗୁଲଜ କରୁଥିବାରୁ ତାରିଣୀ ବିରୋଧ କରୁଥିଲେ। ରବିବାର ରାତି ପ୍ରାୟ ୧୦ଟାରେ ରିକ୍ସା ଧରି ଧୋବା ଘରକୁ ଫେରିବା ବେଳେ ତାରିଣୀଙ୍କୁ ଗାଳିଗୁଲଜ କରିବାରୁ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ତାରିଣୀ ଉତ୍ତେଜିତ ହୋଇ ଏକ ରଡ଼ରେ ଧୋବାଙ୍କ ମୁଣ୍ଡକୁ ପିଟି ଦେବାରୁ ସେ ସେଠାରେ ଟଳି ପଡ଼ିଥିଲେ।

# ଜମି ଚିହ୍ନଟ ଫାଇଲ ପ୍ରସ୍ତୁତ ପାଇଁ ଲାଞ୍ଚ

## ଭିଜିଲାନ୍ସ ଜାଲରେ ତହସିଲ କିରାଣି, ସହଯୋଗୀ

ସୁନ୍ଦରଗଡ଼,୧୭।୨(ଜୟ ନାରାୟଣ ମେଣ୍ଡୁଲି)

ଜମି ସୀମା ନିର୍ଦ୍ଧାରଣ ପାଇଁ ଫାଇଲ କାର୍ଯ୍ୟ କରାଇଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ତହସିଲ୍ ଅଫିସର ରାଜସ୍ୱ ବିଭାଗ କନିଷ୍ଠ କିରାଣି ଗୋଲେଖ ନାୟକ ଓ ତାଙ୍କ ସହଯୋଗୀ ଅରୁଣ ସେଠଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଗିରଫ ପରେ ୨ ଜଣଙ୍କୁ ସୁନ୍ଦରଗଡ କୋର୍ଟକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ କନିଷ୍ଠ କିରାଣିଙ୍କ ଗମ୍ଭାରୀଡିହିସ୍ଥିତ ବାସଭବନ ଓ ଲେଫ୍ରିପଡ଼ା ତହସିଲ କାର୍ଯ୍ୟାଳୟ ଅଫିସ ପ୍ରକୋଷ୍ଠରେ ଏକକାଳୀନ ଚଢ଼ାଉ ହୋଇଥିଲା। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ କେଶ ନଂ.୪/୨୫ରେ ଏକ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ଅଭିଯୋଗକାରୀଙ୍କ ଜମି ସୀମା ନିର୍ଦ୍ଧାରଣ ପାଇଁ ଫାଇଲ ପ୍ରକ୍ରିୟାକରଣ କରାଇ ଦେବାକୁ କହି କିରାଣି ନାୟକ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଅଧିକାରୀମାନେ ଯୋଜନା ପ୍ରସ୍ତୁତ କରିଥିଲେ। ସୋମବାର ପୂର୍ବାହ୍ନରେ ଅଭିଯୁକ୍ତ ନାୟକ କାର୍ଯ୍ୟାଳୟରେ ଏହି ଲାଞ୍ଚ ଟଙ୍କା ଗ୍ରହଣ କରି ତାଙ୍କ ସହଯୋଗୀ ସେଠଙ୍କୁ ଦେଉଥିବା ସମୟରେ ଭିଜିଲାନ୍ସ ଟିମ ତାଙ୍କୁ ଗିରଫ କରିଥିଲା। ବିଭାଗ ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ କରିଛି।

# ୫୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ୪ ଗିରଫ

## ପିସ୍ତଲ, ଗୁଳି, ୫ ଗାଡ଼ି, ୯ ମୋବାଇଲ ସହ ୭ ଲକ୍ଷ ୩୨ ହଜାର ଟଙ୍କା ଜବତ

ପୁରୀ,୧୭।୨(ଅଜିତ୍ କୁମାର ମହାନ୍ତି)



ଖବରଦାତା ସମ୍ମିଳନୀରେ ଏସ୍‌ପି ବିନୀତ ଅଗ୍ରୱାଲ ସୂଚନା ଦେଉଛନ୍ତି।

ପୁରୀ ସହରରୁ ପୋଲିସ ୪ଜଣ ଆନ୍ତଃଜିଲା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ କେଶରପୁରର ସୁମନ୍ତ ସୁନ୍ଦରା (୨୮), ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ସେକ୍ ସୁବେଦ୍ (୨୧), ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ରାଜାବଜାରର ସେକ୍ ଇମ୍ତିଆଜ୍ (୨୮) ଏବଂ ଖୋର୍ଦ୍ଧା ଥାନା ଅଞ୍ଚଳର ସତ୍ୟଜିତ୍ ଦାସ (୪୮)। ଏମାନଙ୍କ ନିକଟରୁ ୫୩୮.୫ ଗ୍ରାମ୍ ବ୍ରାଉନସୁଗାର, ଗୋଟିଏ ପିସ୍ତଲ, ୪ଟି ଅଫୁଟା ଗୁଳି, ୯ଟି ମୋବାଇଲ ଫୋନ, ଗୋଟିଏ କାର୍, ୩ଟି ବାଇକ୍ ଏବଂ ନଗଦ ୭ ଲକ୍ଷ ୩୨ ହଜାର ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୫୫ଲକ୍ଷ ଟଙ୍କା ହେବ ବୋଲି ପୋଲିସ ଆକଳନ କରିଛି। ଏନେଇ ଟାଉନ ଥାନା ପୋଲିସ ଏକ କେସ୍ (ନଂ. ୬୭/୨୫) ରୁଜୁ କରିଛି। ଏଥିସହ ଏନ୍‌ଡିପିଏସ୍ ଆକ୍ଟ ଓ ଆର୍ମ ଆକ୍ଟ ଲାଗୁ କରାଯାଇଛି। ସୋମବାର ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିନୀତ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ରବିବାର କେତେଜଣ ଆନ୍ତଃଜିଲା ବ୍ରାଉନ ସୁଗାର ବେପାରୀ ବ୍ରାଉନ ସୁଗାର ବିକ୍ରି କରିବା ପାଇଁ ଏକ ସ୍ଥାନରେ ଏକାଠି ହୋଇଥିବା ନେଇ ପୁରୀ ଟାଉନ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗଦାଧର ବିଦ୍ୟାଳୟ ନିକଟ ଚାରିଚକିଆ ଗାଡ଼ି ପାର୍କିରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଏ ସଂକ୍ରାନ୍ତରେ ଏକ କେସ୍ ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଉକ୍ତ କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଓ ବ୍ରାଉନସୁଗାର କେଉଁଠୁ ଆସୁଥିଲା ସେ ନେଇ ଖୋଳତାଡ଼ କରାଯିବ। ମୁଖ୍ୟତଃ ପଶ୍ଚିମବଙ୍ଗର କୋଲକାତା ଅଞ୍ଚଳରୁ ବାଲେଶ୍ୱର, ଜଳେଶ୍ୱର, ଯାଜପୁର, ଭଦ୍ରକ, ଖୋର୍ଦ୍ଧା ହୋଇ ପୁରୀକୁ ବ୍ରାଉନସୁଗାର ଆସୁଥିବା ଅନୁମାନ କରାଯାଉଛି। ତେବେ ପୁରୀ ପୋଲିସ ପକ୍ଷରୁ ନିଶା କାରବାର ଉପରେ ରୋକ ଲଗାଇବା ନିମନ୍ତେ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଉଛି ବୋଲି ଏସ୍‌ପି ଅଗ୍ରୱାଲ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଏବଂ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀରେ ଆପାର୍ଟମେଣ୍ଟ ଲୁଟେରାଙ୍କୁ ଏନ୍‌କାଉଣ୍ଟର

## ମଧ୍ୟପ୍ରଦେଶ ଧାର୍ ଗ୍ୟାଙ୍ଗ ସଦସ୍ୟ ଗୁରୁତର

- ମାଉଜର, ଗୁଳି, ସୁନା, ଟଙ୍କା ଜବତ
- ଘଟଣାସ୍ଥଳରୁ ୫ ଅଭିଯୁକ୍ତ ଫେରାର

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ବାଲିଅନ୍ତା, ୧୭।୨(ନୀଳମାଧବ ସାହୁ)



ଏନ୍‌କାଉଣ୍ଟରରେ ଆହତ ଅପରାଧୀ,





ଜବତ ଗାଡ଼ି ଓ ଗୁଳି।

ରାଜଧାନୀ ଉପକଣ୍ଠରେ ପୁଣି ଗର୍ଜିଛି ବନ୍ଧୁକ। ବଡ଼ ଧରଣର ଲୁଟ୍ ଓ ଚୋରି ଉଦ୍ୟମବେଳେ ସୋମବାର ଭୋର୍ ସମୟରେ କମିଶନରେଟ ପୋଲିସ ଓ ମଧ୍ୟପ୍ରଦେଶର ଲୁଟେରା ଗ୍ୟାଙ୍ଗ୍ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷରୁ ଏକାଧିକ ରାଉଣ୍ଡ୍ ଗୁଳିମାଡ଼ ହୋଇଛି। ତେବେ ଦୀର୍ଘ ସମୟର ଛକାପଞ୍ଝା ଭିତରେ ୫ଜଣ ଲୁଟେରା ଖସି ଯାଇଥିବାବେଳେ ପୋଲିସ ଏନ୍‌କାଉଣ୍ଟରରେ ମଧ୍ୟପ୍ରଦେଶର ଅର୍ଜୁନ ଆନାରେ(୩୦) ଆହତ ହୋଇଛନ୍ତି। ତାଙ୍କ ଆଣ୍ଠୁରେ ଗୁଳି ବାଜିଥିବାବେଳେ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ତେବେ ସକାଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୁକ୍ତଙ୍କଠାରୁ ଗୋଟିଏ ମାଉଜର, ୩ ଗୁଳି, ୧୦୦ ଗ୍ରାମରୁ ଅଧିକ ଓଜନର ଅଳଙ୍କାର, ୫୦୦ ଗ୍ରାମ ରୁପା, ୧୮ ହଜାର ଟଙ୍କା ସହ ଘଟଣାସ୍ଥଳରୁ ୪ଟି ଖୋକା ଓ ଗୋଟିଏ ଚୋରା ମୋଟରସାଇକେଲ ଜବତ ହୋଇଛି। ଡିସିପି ପିନାକ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଧରାପଡିଥିବା ଅପରାଧୀ ଜଣକ ମଧ୍ୟପ୍ରଦେଶର ଧାର ଗ୍ୟାଙ୍ଗ୍‌ର ସଦସ୍ୟ। ସେ ବର୍ଷକ ଭିତରେ ଘଟିଥିବା ୧୫ଟି ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏଥିସହ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନାରେ ଏହି ଗ୍ୟାଙ୍ଗ୍ ସଦସ୍ୟଙ୍କ ନାମରେ ବହୁ ଆପରାଧିକ ମାମଲା ରହିଛି। ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ର ସହ ଚୋରି, ଲୁଟ୍ କରିବାକୁ ଯାଇଥାନ୍ତି। ଯିଏ ବିରୋଧ କରନ୍ତି ସେମାନଙ୍କୁ ଆକ୍ରମଣ କରିଥାନ୍ତି। ତେବେ ଫେରାର ହୋଇଯାଇଥିବା ୫ ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି ବୋଲି ଡିସିପି ମିଶ୍ର କହିଛନ୍ତି।

ପ୍ରାୟ ବର୍ଷେ ହେବ ସହର ଉପକଣ୍ଠ ଅଞ୍ଚଳରେ ଥିବା ଆପାର୍ଟମେଣ୍ଟରେ ଚୋରି ଓ ଲୁଟ୍ ବଢ଼ି ଚାଲିଛି। ବିଶେଷକରି ଗତ ତିନିଦିନ ମଧ୍ୟରେ ବାଲିଅନ୍ତା ଓ ପାହାଳ ଥାନା ଅଞ୍ଚଳରେ ଏକାଧିକ ଘରୁ ଚୋରି ହୋଇଥିବା ଥାନାରେ ରିପୋର୍ଟ ହୋଇଥିଲା। ଚୋର ବା ଲୁଟେରାମାନେ ଆପାର୍ଟମେଣ୍ଟ ଓ ଡୁପ୍ଲେକ୍ସକୁ ଟାର୍ଗେଟ କରି ସମାନ ଢ଼ଙ୍ଗରେ ଚୋରି କରୁଥିଲେ। ଏହି ଗ୍ୟାଙ୍ଗକୁ ଧରିବା ପାଇଁ କମିଶନରେଟ ପୋଲିସ୍‌ର ଟିମ୍-୬୦, ସ୍ପେଶାଲ ସ୍କ୍ୱାଡ୍ ସହ ବାଲିଅନ୍ତା ଓ ପାହାଳ ଥାନା ପୋଲିସ ପୂରା ପ୍ରସ୍ତୁତ ହୋଇ ରହିଥିଲା। ରବିବାର ରାତି ପ୍ରାୟ ୨ଟାରେ ବାଲିଅନ୍ତା ଥାନା ଆଇଆଇସି ରବୀନ୍ଦ୍ରନାଥ ମେହେର ଓ ତାଙ୍କ ଟିମ୍ ରଙ୍ଗବାଜାର ଛକ ନିକଟରେ ୬ଜଣ ବ୍ୟକ୍ତି ୩ଟି ବାଇକରେ ସନ୍ଦେହଜନକ ଅବସ୍ଥାରେ ଯାଉଥିବା ଦେଖିବାକୁ ପାଇଥିଲେ। ସେମାନେ ସମସ୍ତେ ମୁହଁକୁ ଘୋଡ଼ାଇ ରଖିଥିଲେ। ଏହି ସମୟରେ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ନ ମାନି ଖମଙ୍ଗା ପାର୍ଶ୍ୱରୁ ବାଲିଅନ୍ତା ଆଡକୁ ଦ୍ରୁତଗତିରେ ପଳାଇଯାଇଥିଲେ। ବାଲିଅନ୍ତା ଥାନା ଟିମ୍ ସେମାନଙ୍କୁ ପିଛା କରିଥିବାବେଳେ ଆଇଆଇସି ତୁରନ୍ତ ଟିମ୍-୬୦ ଓ ସ୍ପେଶାଲ ସ୍କ୍ୱାଡ୍‌କୁ ସୂଚନା ଦେଇଥିଲେ। ପ୍ରାୟ ଘଣ୍ଟା ଧରି ଛକାପଞ୍ଝା ପରେ ଆଇଆଇସି ମେହେର ଓ ତାଙ୍କ ଟିମ୍ ଅପରାଧୀଙ୍କୁ କାବୁ କରିବାକୁ ଯାଉଥିବାବେଳେ ସେମାନେ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେବା ସହ ଧମକ ଦେଇଥିଲେ। ପାଖକୁ ଆସିଲେ ଗୁଳି କରିଦେବାକୁ କହିଥିଲେ। ଏହି ସମୟରେ ହଠାତ୍ ଦୁଇଜଣ ଲୁଟେରା ବନ୍ଧୁକ ବାହାର କରି ପୋଲିସ ଟିମ୍ ଉପରକୁ ଗୁଳି ଚଳାଇଥିଲେ। ଆତ୍ମରକ୍ଷା ପାଇଁ ପୋଲିସ ମଧ୍ୟ ପାଲଟା ଜବାବ ଦେବା ସହ ଗୁଳି ଚଳାଇଥିଲା।



ଚାଷୀମାନେ ନିଜ ଉତ୍ପାଦିତ ପନିପରିବା ପ୍ରଦାନ ପୂର୍ବକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ମନ୍ତ୍ରୀଙ୍କୁ ହଳ ଲଙ୍ଗଳ, ପନିପରିବା ଉପହାର ଦେଲେ ଚାଷୀ

**ଚାଷୀଙ୍କ ପ୍ରତି ବିଶ୍ୱାସଘାତକତା କରିଥିଲେ ନବୀନ: ଭାଜପା**

**ଭୁବନେଶ୍ୱର, ୧୭।୨ (ଅନୁରାଧା ମହାରଣା)**

ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସୋମବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସ ଭବନରେ ଭେଟିଥିଲେ। ଏହି ଅବସରରେ ଚାଷୀମାନେ ଉପହାର ସ୍ୱରୂପ ନିଜ ଜମିରେ ଚାଷ କରିଥିବା ଆଳୁ, ବାଇଗଣ, କୋବି, ବିଲାତି, କଦଳୀ, ନଡିଆ, ପାନ ଆଦି ପନିପରିବା ସହ ହଳ ଲଙ୍ଗଳ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏ ସମ୍ପର୍କରେ ସୂଚନା ଦେଇ ମହେଶ୍ୱର କହିଛନ୍ତି, ନବୀନ ପଟ୍ଟନାୟକଙ୍କ ୨୪ବର୍ଷ ଧରି ଶାସନରେ ଚାଷୀମାନେ ଶୋଷଣର ଶିକାର ହେଉଥିଲେ। ୨୦୧୫ରେ ଧାନ କୁଇଣ୍ଟାଲ ପିଛା ୧୦୦ଟଙ୍କା ବୋନସ ଦେବାକୁ କହିଥିଲେ, ଦେଲେ ନାହିଁ। ୩୧୪ ବ୍ଲକରେ ଶୀତଳ ଭଣ୍ଡାର ଓ ୩୫ ଭାଗ ଜମିକୁ ଜଳସେଚିତ କରିବାକୁ କହିଥିଲେ, କଲେ ନାହିଁ। କାଳିଆ ଯୋଜନାରେ ୧୦ ହଜାର ଟଙ୍କା ଲେଖାଏ ଦେବାକୁ କହି ଭଣ୍ଡେଇଲେ। ନବୀନ ପଟ୍ଟନାୟକ ଓଡିଶାର ଚାଷୀଙ୍କ ପ୍ରତି ବିଶ୍ୱାସଘାତତା କରିଛନ୍ତି। ଭାଜପା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରୁଛନ୍ତି। ସରକାର ୮ ମାସ ଶାସନ କାଳରେ ଚାଷୀଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଏବର୍ଷ ଧାନ କିଣା କାରବାର ସାରା ରାଜ୍ୟରେ ସ୍ୱଚ୍ଛତାର ଓ ଶୃଙ୍ଖଳିତ ଭାବରେ ହୋଇ ଚାଷୀ ତା'ର ଲାଭପାଉଥିବାରୁ ମନ୍ତ୍ରୀ ପାତ୍ରଙ୍କୁ ଚାଷୀମାନେ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଯଦୁମଣି ପାଣିଗ୍ରାହୀ, ଗୋବିନ୍ଦ ଚନ୍ଦ୍ର ଅଗ୍ରୱାଲ, ଅଶୋକ କୁମାର ରଥ ସାମିଲ ହୋଇଥିଲେ।



ଧ-୨୯୭୪

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।।"

**୰ବିଦ୍ୟାଧର ସାଇଁ**
କଦଳୀବାରି, ଜଗତସିଂହପୁର
ଆବିର୍ଭାବ: ୨୫.୦୧.୧୯୬୦
ତିରୋଧାନ: ୦୮.୦୨.୨୦୨୫
ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ଆମ ସଭିଙ୍କୁ ବ୍ୟଥାତୁର କରୁଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମ କାରୁଣିକ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେମାନେ ପ୍ରାର୍ଥନା କରୁଅଛୁ।
-: ପ୍ରାର୍ଥନା ସହ :-
ଚନ୍ଦନ, କୁନ୍ନ, ନନ୍ଦୀ, ଲିପୁ, ସାଇ, ତୁତୁଲି
ବନ୍ଧୁ ଓ ପରିବାର ବର୍ଗ
ଧ-୨୯୬୯

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସଂଯୁକ୍ତା କୁମାରୀ ପ୍ରଧାନ (ଶିକ୍ଷୟିତ୍ରୀ)**
ଭୁବନପୁର, ସ୍ୱାଧୀନ କଲୋନୀ, ନିମାପଡ଼ା
ଆବିର୍ଭାବ: ବୈଶାଖ କୃଷ୍ଣ ଦଶମୀ (୨୦।୦୮।୧୯୬୦)
ତିରୋଧାନ: ଫାଲ୍‌ଗୁନ କୃଷ୍ଣ ପଞ୍ଚମୀ (୦୩।୦୨।୨୦୧୦)
ସ୍ମୃତିର ସଳିତା ଜଳେ
ଅଲିଭାଏ ଲୁହର ଦୀପାବଳି
ତୁମ ପାଇଁ ଚିରଦିନ ଥିବ
ତୁମେ ଆମ ପ୍ରାଣର ସଙ୍ଗାଳି।
ତୁମେ ଥିଲ ଆମ ପାଇଁ
ମମତାର ମହାତୀର୍ଥ ଭୂଇଁ
ରହିବ ବି ସବୁ ଦିନ
ହୋଇ ଆମ ଆକାଶର ଛାଇ।
ଶୋକସନ୍ତପ୍ତ: ସ୍ୱାମୀ– ଗୁଣନିଧି, ଝିଅ: କି.ଏସ.ବର୍ଷା, ଜ୍ୱାଇଁ: ପାର୍ଥସାରଥି (ବାପୁ), ପୁତୁରା: ନଣ୍ଡା, ଅନ୍ୟ ପୁତୁରା, ଝିଆରୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୨୯୦୭



**୰ ମାୟା ପାଣିଗ୍ରାହୀ (ବୋଉ)**
ଅଧ୍ୟକ୍ଷା ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ୍ ଏବଂ ଆକାଶବାଣୀର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ମଧୁସୁଦନ ପାଣିଗ୍ରାହୀଙ୍କ ଧର୍ମପତ୍ନୀ
ଆବିର୍ଭାବ : ୨୬.୦୫.୧୯୩୦
ତିରୋଧାନ : ୦୬.୦୨.୨୦୨୫
(ମାଘ ଶୁକ୍ଳ ଦଶମୀ)
ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ସଂପର୍କ
ହୃଷିକେଶ ପାଣିଗ୍ରାହୀ
ଅଶୋକନଗର ୮ମ ଲାଇନ୍, ବ୍ରହ୍ମପୁର
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୯୬୨

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଦୈତାରୀ ବେହେରା**
ରଘୁନାଥପୁର, ପରମହଂସ, କଟକ ସଦର
ଆବିର୍ଭାବ: ତା୧୫।୦୪।୧୯୬୬
ତିରୋଧାନ: ତା୦୭।୦୨।୨୦୨୫
ବନ୍ଧୁ ଯେଉଁଠାରେ ରହିଥାଅ, ଜଗନ୍ନାଥଙ୍କ କୃପାରୁ ଶାନ୍ତିରେ ରହିଥାଅ।
ବନ୍ଧୁ ଓ ଶୁଭେଚ୍ଛୁ।
ଧ-୨୯୫୬

# ଭାଜପାରେ ଯୋଗଦେଲେ ବିଜେଡି କର୍ମୀ



ଅନୁଗୋଳ ବିଧାୟକଙ୍କ ଉପସ୍ଥିତିରେ ବିଜେଡି କର୍ମୀମାନେ ଭାଜପାରେ ଯୋଗ ଦେଉଛନ୍ତି।

**ସନ୍ତ୍ରିଛକ, ୧୭।୨ (ସନ୍ତୋଷ ପରିଡ଼ା)**

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବଅଁରପାଳ ବ୍ଲକ ତଳମୂଳ ପଞ୍ଚାୟତର ବିଜେଡି ସଭାପତି ଅରବିନ୍ଦ ଜେନା, ସମିତି ସଭ୍ୟା ଅମ୍ରିତା ଜେନା, ସୁଶାନ୍ତ ଜେନା, ନୃସିଂହ କୁମାର ଧଳଙ୍କ ସମେତ ବହୁ ଦଳୀୟ କର୍ମୀ ସୋମବାର ଭାଜପାରେ ଯୋଗ ଦେଇଛନ୍ତି। ଅନୁଗୋଳ ନିର୍ବାଚନମଣ୍ଡଳୀର କମଳା ଫାର୍ମ ନିକଟସ୍ଥ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅଫିସରେ ବିଧାୟକ ପ୍ରଧାନ, ତଳମୂଳ ଭାଜପା ସଭାପତି ଅଜିତ କୁମାର ସାହୁ, ବଅଁରପାଳ ମଣ୍ଡଳ ସଭାପତି ରାଧାକାନ୍ତ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ ପ୍ରମୁଖଙ୍କ ଉପସ୍ଥିତରେ ଏହି ବିଜେଡି କର୍ମୀମାନେ ଭାଜପାରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ନେତା ମାନସ ମହାନ୍ତିଙ୍କ ନେତୃତ୍ୱ ଉପରେ ବିଶ୍ୱାସ ରଖି ବିଜୁ ଜନତା ଦଳର ଏହି କର୍ମୀମାନେ ଭାଜପାରେ ଯୋଗଦାନ କରିଛନ୍ତି।




# ପାଟଣା ବ୍ଲକ୍ ଉପାଧ୍ୟକ୍ଷା ହେଲେ ଅଧ୍ୟକ୍ଷା

**ପାଟଣା, ୧୭।୨ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଅଧୀନ ପାଟଣା ବ୍ଲକ ଅଧ୍ୟକ୍ଷା ଭାବେ ସୋମବାର ଉପାଧ୍ୟକ୍ଷା ବୀଣାପାଣି ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ତାଙ୍କୁ ଦାୟିତ ହସ୍ତାନ୍ତର କରିଥିଲେ। ବୀଣାପାଣିଙ୍କ କାର୍ଯ୍ୟଭାର ଗ୍ରହଣ ସମୟରେ ୨୦ରୁ ଉର୍ଦ୍ଧ୍ୱ ସମିତିସଭ୍ୟ ଓ ସରପଞ୍ଚ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। କନିଷ୍ଠଯନ୍ତ୍ରୀ ସିଦ୍ଧ ମାଝି, ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସସ୍ମିତା ନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏ ନେଇ ନୂତନ ଭାବେ ବ୍ଲକ୍ ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିବା ବୀଣାପାଣି ତାଙ୍କ ପ୍ରତିକ୍ରିୟାରେ ସମସ୍ତ ସମିତି ଓ ସରପଞ୍ଚଙ୍କ ସହ ପରାମର୍ଶ ନେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଅଧ୍ୟକ୍ଷା ସୁକାନ୍ତି ନାଏକ ଗତ ଶୁକ୍ରବାର ଆସ୍ଥା ଭୋଟ ଗଣତିରେ ପରାଜିତ ହୋଇଥିଲେ। ୩୪ ଜଣ ସଭ୍ୟା ଓ ସଭ୍ୟଙ୍କ ଭୋଟ ମଧ୍ୟରୁ ଅନାସ୍ଥା ସପକ୍ଷରେ ୩୩ ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ଗୋଟିଏ ମାତ୍ର ଭୋଟ ପଡ଼ିଥିଲା।

# Classified Everyday

**0674-2580101, 9692975378**



**REAL ESTATE SALE**

**1.25Acre land available for sale in sisolo, Near Balipatna (7kms from Uttara Square). Contact- 7978097047.** D-2960

**Building for sale 35000sqft with land area 2 acre or more near Brahmapur, Ganjam for Hospital / College / School, Contact: 8260780200.** D-75598

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

**3BHK flat for sale in Gudiapokhari, Near Krupajal College, Uttara. Contact- 7978097047.** D-2959

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-2971


ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ 6372509299. D-76239

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-2967

**Land/ plot and building of 7000sqft two storied for sale in Keonjhar Town, land area 1 acre, Contact: 8260780200.** D-75597

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-2973




**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236

**1000Sqft Hall Available on Lewis Main Road, In Samanatarapur for Commercial Purpose. Contact- 7978097047.** D-2966

**700Sqft Hall with Toilet Available in Uttara Square for Commercial Purpose. Contact- 7978097047.** D-2968

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

**LOST**

ମୁଁ ଶ୍ରୀ ନାରାୟଣ ମିଶ୍ର, ବୟସ-୬୯, ପିତା- କୃଷ୍ଣଚନ୍ଦ୍ର ମିଶ୍ର, ଗ୍ରାମ- ବଡ଼ରଘୁନାଥପୁର, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ଏତଦ୍ୱାରା ନୋଟାରୀ ଭୁବନେଶ୍ୱରଙ୍କ ନିକଟରେ କରିଥିବା ସତ୍ୟପାଠ ଜରିଆରେ ଜଣାଉଅଛିକି ମୋର ଏକ ବିକ୍ରୟ କବଲା ଯାହାର ନଂ.-୬୪୪ ଅଟେ। ଜଟଣୀ ସବ୍‌ରେଜିଷ୍ଟ୍ରିଙ୍କ ନିକଟରେ ଗତ ତା୦୫।୦୪।୧୯୯୯ ମସିହାରେ ରେଜିଷ୍ଟ୍ରି ହୋଇଥିଲା। ସେହି ବିକ୍ରୟ କବଲାଟି ମୁଁ ରହୁଥିବା ବଡ଼ରଘୁନାଥପୁର, ସାମନ୍ତରାପୁର ଛକଠାରୁ ୧୨।୦୨।୨୦୨୫ରେ ଆସୁଥିବା ସମୟରେ କେଉଁଆଡ଼େ ହଜିଯାଇଅଛି। ଏହାକୁ ଯଦି କେହି ଅପବ୍ୟବହାର/ missuse କରନ୍ତି ସେଥିପାଇଁ ଆମେ ଦାୟୀ ରହିବୁ ନାହିଁ। ଧ-୨୯୭୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before the Executive Magistrate, Danagadi Dated 17-02-2025, I Bali Behera, Address: At-Chitri, P.O.-Chitri Gobardhanpur, P.S.-Tomka, Dist.-Jajpur, Odisha-755019 declare that I have changed my name from Srimati Balidei Behera to Bali Behera. Henceforth, I shall be known as Bali Behera for all purposes. D-2970

By virtue of an affidavit sworn before Laxmi Tiria, O.A.S., dated 17.02.2025, I, Narayan Padhi, Address: At- Plot No.- 629, Baliapata Basti, Rasulgarh, P.O.- GGP Colony, P.S.- Mancheswar, BBSR, Dist.- Khordha, Odisha- 751025 declare that I have changed my daughter's name from MANINI PADHI to BARSHARANI PADHI. Henceforth, she shall be known as BARSHARANI PADHI for all purposes.
Narayana Padhi
D-2972

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

Letter No.-292/dt. 06.02.2025

ମାନ୍ୟବର ଆଡିସନାଲ କମିଶନର ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ସ. (ଏସ୍.ଏସ୍.), ଆଡିସନାଲ ରିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲ, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୧୧୪୦/୨୦୨୩

ରମେଶ ଚନ୍ଦ୍ର ବେହେରା ...ବାଦୀ/ଦରଖାସ୍ତକାରୀ
ବନାମ
ନୀଳାଦ୍ରି ଭୂଷଣ ବନ୍ଦୋପାଧ୍ୟାୟ ଓ ଅନ୍ୟମାନେ .... ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
ରମେଶ ଚନ୍ଦ୍ର ବେହେରା, ପି: ବୈଷ୍ଣବ ବେହେରା, ଜାତି: ଗୋପାଳ, ଗ୍ରାମ: କୋରଡ଼କଣ୍ଟା, ପୋ: ବୁଦ୍ଧେଶ୍ୱରୀ, ଥାନା: ବଡ଼ଗଡ଼, ଜିଲ୍ଲା: ଖୋର୍ଦ୍ଧା ।

ନୋଟିସ

ସିପିସି ଅର୍ଡର ୫, ରୁଲ୍ -୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା-୧୫ (ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱର ଅଦାଲତରେ ବାଦୀ ରମେଶ ଚନ୍ଦ୍ର ବେହେରା ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୩) ନୀଳାଦ୍ରି ଭୂଷଣ ବନ୍ଦୋପଧ୍ୟାୟ, ୪) ହିମାଦ୍ରି ଭୂଷଣ ବନ୍ଦୋପଧ୍ୟାୟ, ଉଭୟ ୩ ଓ ୪ଙ୍କର ପିତା: ବିନ୍ଦୁ ଭୂଷଣ ବନ୍ଦୋପଧ୍ୟାୟ, ଠିକଣା: ଦୋଳଗୋବିନ୍ଦ ସାହି, ପୋଷ୍ଟ- ପୁରୀ ଟାଉନ, ଜିଲ୍ଲା- ପୁରୀ, ୫)ଶୈଳବାଳା ପଟ୍ଟନାୟକ, ସ୍ୱା-ବିପ୍ର ଚରଣ ପଟ୍ଟନାୟକ, ଠିକଣା: ଉତ୍ତରମୁଣ୍ଡ ମୁହାଣ, ଥାନା: ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୯) ବିଷ୍ଣୁ ପ୍ରିୟ ସାହୁ, ସ୍ୱା- ନାରାୟଣ କୁମାର ସାହୁ, ୧୦) ନାରାୟଣ କୁମାର ସାହୁ, ପି: ୰ହରେକୃଷ୍ଣ ସାହୁ, ଉଭୟ ୯ ଓ ୧୦ଙ୍କ ଠିକଣା: କେସୁରା, ପୋଷ୍ଟ- ବସୁଆଘାଇ, ଥାନା: ଶହୀଦ ନଗର, ଜିଲ୍ଲା- ଖୋର୍ଦ୍ଧା ଏବଂ ୧୧) ଯଦୁମଣି ମିର୍ଦ୍ଧାପ, ଠିକଣା: ଓଗାଳପଡ଼ା, ଥାନା: ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ଠିକଣା ଠିକ୍ ଥିବା ସତ୍ତ୍ୱେ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା ଏବଂ ପ୍ରତିବାଦୀ ନଂ.-୭ ଶ୍ରୀମତୀ ଧନମଣି ମହାନ୍ତି, ସ୍ୱା- ପ୍ରଫୁଲ୍ଲ କୁମାର ମହାନ୍ତି, ଠିକଣା: ସା/ପୋଷ୍ଟ- ଉତ୍ତର ମୁଣ୍ଡ ମୁହାଣ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ଏବଂ ୮ ଶ୍ରୀମତୀ ବୀଣାପାଣି ମହାନ୍ତି, ସ୍ୱା- ରବୀନ୍ଦ୍ରନାଥ ମହାନ୍ତି, ଠିକଣା: ସା/ପୋଷ୍ଟ- ପାଇକରାପୁର, ଥାନା-ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା ମୃତ ଅଟନ୍ତି।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ସମସ୍ତ ପ୍ରତିବାଦୀ ନଂ.- ୩,୪,୫,୯,୧୦ ଏବଂ ୧୧ମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୪।୦୩।୨୦୨୫ରିଖ ଭୁବନେଶ୍ୱରଙ୍କ ଆଦେଶକ୍ରମେ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା-ଜଟଣୀ, ତହସିଲ- ଜଟଣୀ, ମୌଜା-ଓଗାଳପଡ଼ା, ସାବିକ ଖାତା ନଂ.- ୧୨୪, ସାବିକ ପ୍ଲଟ୍ ନଂ.- ୫୦୪, ହାଲ୍ ଖାତା ନଂ.-୨୫୨, ହାଲ୍ ପ୍ଲଟ୍ ନଂ.-୯୬୮, ଏରିଆ- ଏ୦.୧୧୫ (ପା) ଡିସିମିଲ, ସ୍ୱଧରୁ ଏରିଆ- ଏ୦.୧୫୦ ଡିସିମିଲ ଏବଂ ହାଲ୍ ପ୍ଲଟ୍ ନଂ.-୯୬୯, ଏରିଆ- ଏ୦. ୧୭୫ଡିସିମିଲ, ସ୍ୱଧରୁ ଏରିଆ- ଏ୦.୧୭୫ଡିସିମିଲ (ବୃତ୍ତି ଏରିଆ- ଏରିଆ ଏ୦.୨୯୦ ଡିସିମିଲ)।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.- ୩, ୪, ୫, ୯, ୧୦ ଏବଂ ୧୧ ଜୀବିତ ପ୍ରତିବାଦୀ ଏବଂ ପ୍ରତିବାଦୀ ନଂ.-୭ ଓ ୮ ମୃତ ପ୍ରତିବାଦୀ ହୋଇଥିଲେ ଔରୋଷମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାଇ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ ।

ସ୍ୱା./- ଆଡିଶନାଲ ରିଭିସନ କୋର୍ଟ ନଂ.- ୪
ଭୁବନେଶ୍ୱରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ-୨୯୭୭

**ଅନ୍ୟାନ୍ୟ ଖବର**

# ୨୮ ପର୍ଯ୍ୟନ୍ତ ଇଗ୍ନୁ ନାମଲେଖା ବୃଦ୍ଧି

**ଭୁବନେଶ୍ୱର, ୧୭।୨ (ସୁଚିସ୍ମିତା ସାହୁ)**

ଇଗ୍ନୁରେ ୨୦୨୫ ଜାନୁଆରୀ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧିକୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ଆଗ୍ରହୀ ଛାତ୍ରୀଛାତ୍ର ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଇଗ୍ନୁ ୱେବ୍‌ସାଇଟକୁ ଅନୁସରଣ କରିବାକୁ କୁହାଯାଇଛି। ଅଣ୍ଡର ଗ୍ରାଜୁଏଟ୍ ପ୍ରୋଗ୍ରାମରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଦେୟ ଛାଡ଼ କରାଯାଇଛି। ଛାତ୍ରୀଛାତ୍ର ଯଦି ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ ତେବେ ସେମାନେ ଏହି ସୁବିଧାରୁ ବଞ୍ଚିତ ରହିବେ। ଚଳିତ ବର୍ଷ ଏମ୍‌ଏସ୍‌ସିରେ କେତେକ ନୂଆ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ସେଥିମଧ୍ୟରେ ଏମ୍‌ଏସ୍‌ସିର ଜୁଲୋଜି, କେମେଷ୍ଟ୍ରି, ଆନାଲିଟିକାଲ କେମେଷ୍ଟ୍ରି, ବାଓକେମେଷ୍ଟ୍ରି, ଜିଓଇନ୍‌ଫର୍‌ମେଟିକ୍ସ, ଫିଜିକ୍ସ, ଆପ୍ଲାଏଡ୍ ଷ୍ଟାଟିଷ୍ଟିକ୍ସ, ଜିଓଗ୍ରାଫି ଆଦି ପାଠ୍ୟକ୍ରମ ରହିଛି। ସମ୍ପୂର୍ଣ୍ଣ ପ୍ରସ୍‌ପେକ୍ଟସ ସିଧାସଳଖ ଇଗ୍ନୁ ୱେବ୍‌ସାଇଟରୁ ଡାଉନ୍‌ଲୋଡ କରାଯାଇପାରିବ। ନୂତନ ଶିକ୍ଷାନୀତି ଅନୁଯାୟୀ ଜଣେ ଚାହିଁଲେ ଦୁଇଟି ବିଷୟରେ ଡିଗ୍ରୀ କରିପାରିବେ। ଏହି ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଇଗ୍ନୁ ୱେବ୍‌ସାଇଟରେ ପ୍ରଦାନ କରାଯାଇଛି ବୋଲି ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକ ଡ଼. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

# ପାକ୍ ନାଗରିକଙ୍କ ନାଁରେ ମାମଲା

### ଆଇଏସ୍ଆଇ ସହ ଗୌରବ ଗୋଗୋଇଙ୍କ ସ୍ତ୍ରୀଙ୍କ ସମ୍ପର୍କ ଅଭିଯୋଗ

ଗୁଆହାଟୀ, ୧୭।୨

କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇଙ୍କ ବ୍ରିଟିଶ୍ ସ୍ତ୍ରୀ ଏଲିଜାବେଥ୍ କୋଲବର୍ନଙ୍କର ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ସହ କନେକ୍ସନ ମାମଲାରେ ସୋମବାର ଆସାମ ପୋଲିସ ପାକିସ୍ତାନୀ ନାଗରିକ ଅଲୀ ତୌକିର ଶେଖ୍‌ଙ୍କ ବିରୋଧରେ ମାମଲା ରୁଜୁ କରିଛି। ତୌକିର ପାକିସ୍ତାନ ଯୋଜନା ଆୟୋଗର ସ୍ଥାୟୀ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ଅନ୍‌ଲଫୁଲ ଆକ୍ଟିଭିଟିସ୍ ପ୍ରିଭେନ୍‌ସନ୍ ଆକ୍ଟ(ୟୁଏପିଏ) ଅନୁଯାୟୀ, ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଏବଂ ସଂସଦୀୟ ପ୍ରସଙ୍ଗରେ ମନ୍ତବ୍ୟ ଦେଇଥିବାରୁ ତୌକିରଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଛି। ତୌକିରଙ୍କ ସହ ଏଲିଜାବେଥ୍‌ଙ୍କର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ନେଇ ପୂର୍ବରୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଅଭିଯୋଗ କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଏଲିଜାବେଥ୍‌ଙ୍କ ବିରୋଧରେ ଆସାମ ପୋଲିସ ମାମଲା ରୁଜୁ କରିନାହିଁ।

### କୁଶିନଗର ମସ୍‌ଜିଦ ଭଙ୍ଗା ଘଟଣା

# ୟୁପି କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟୀକରଣ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭।୨(ପି.ଟି.)

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରାଯାଇ କୁଶିନଗର ମସ୍‌ଜିଦ୍‌ର ଏକ ଅଂଶକୁ ଉତ୍ତରପ୍ରଦେଶ କର୍ତ୍ତୃପକ୍ଷ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ସେମାନଙ୍କ ବିରୋଧରେ କ'ଣ ପାଇଁ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିବା ସହ ସ୍ପଷ୍ଟୀକରଣ ମାଗିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବିବାଦୀୟ ଢାଞ୍ଚା ନ ଭାଙ୍ଗିବା ପାଇଁ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। କୁଶିନଗରର ସମ୍ପୃକ୍ତ କର୍ତ୍ତୃପକ୍ଷ ଜାଣିଶୁଣି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶର ଅବମାନନା କରିଥିବା ଏବଂ ନଭେମ୍ବର ୧୩ ନିର୍ଦ୍ଦେଶନାମା ଅନୁପାଳନ କରିବାରେ ବିଫଳ ହୋଇଥିବା ଅଭିଯୋଗ କରି ଅଦାଲତ ଅବମାନନା ପିଟିଶନ ଦାଏର ହୋଇଥିଲା। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୧୩ରେ ସର୍ବୋଚ୍ଚ ଅଦାଲତ ସମଗ୍ର ଦେଶପାଇଁ ମାର୍ଗଦର୍ଶିକା ଜାରି କରିଥିଲେ। ପୂର୍ବରୁ କାରଣ ଦର୍ଶାଅ ନୋଟିସ୍ ନ ଦେଇ ଏବଂ ପକ୍ଷଙ୍କୁ ଜବାବ ଦେବା ଲାଗି ୧୫ ଦିନ ସମୟ ନ ଦେଇ ଘର ଭଙ୍ଗାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହା ସତ୍ତ୍ୱେ ଗତ ୯ ତାରିଖରେ କୁଶିନଗରର ମସ୍‌ଜିଦ୍‌ର କିଛି ଅଂଶ ଭଙ୍ଗାଯାଇଥିବାରୁ ଆଇନଜୀବୀ ଅବଦୁଲ କାଦିର ଆବ୍ବାସିଙ୍କ ଜରିଆରେ ସାନି ପିଟିଶନ ଦାଏର ହୋଇଥିଲା।

# ଚାଇନା ପ୍ରତି ମୁକାବିଲାମୂଳକ ଦୃଷ୍ଟିକୋଣ ଛାଡୁ ଭାରତ: ପିତ୍ରୋଡ଼ା

### ମନ୍ତବ୍ୟକୁ ନେଇ ବିବାଦ ପରେ ଦୂରେଇଲା କଂଗ୍ରେସ

ନୂଆଦିଲ୍ଲୀ,୧୭।୨

ନିଜ ମନ୍ତବ୍ୟକୁ ନେଇ ସବୁବେଳେ ବିବାଦ ଘେରରେ ରହିଆସିଥିବା କଂଗ୍ରେସର ଦରିଆପାରି ଅଧ୍ୟକ୍ଷ ସାମ୍ ପିତ୍ରୋଡ଼ା ଏବେ ଚାଇନା ଉପରେ ବିବୃତି ଦେଇ ପୁଣିଥରେ ବିବାଦ ସୃଷ୍ଟି କରିଛନ୍ତି। ସୋମବାର ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ପିତ୍ରୋଡ଼ା କହିଥିଲେ, ଭାରତ ଚାଇନା ପ୍ରତି ମୁକାବିଲାମୂଳକ ଦୃଷ୍ଟିକୋଣ ତ୍ୟାଗ କରିବା ଉଚିତ। ନୂଆଦିଲ୍ଲୀ ଏହାର ମନୋଭାବରେ ପରିବର୍ତ୍ତନ କରିବା ସହ ଚାଇନାକୁ ଶତ୍ରୁ ଭାବେ ନେବା ବନ୍ଦ କରୁ। ସେ କହିଛନ୍ତି, ଚାଇନାର ଧମକକୁ ଅନେକ ସମୟରେ ବଢ଼େଇ ଚଢ଼େଇ କୁହାଯାଉଛି। ଭାରତ ଚାଇନାକୁ ଶତ୍ରୁ ଭାବେ ନେବା ପରିବର୍ତ୍ତେ ଏହାକୁ ସ୍ୱୀକୃତି ଓ ସମ୍ମାନ ଦେବା ଉଚିତ ବୋଲି ପିତ୍ରୋଡ଼ା କହିଥିଲେ।


ସାମ୍ ପିତ୍ରୋଡ଼ା

ପିତ୍ରୋଡ଼ା ଆହୁରି କହିଥିଲେ, ଆରମ୍ଭରୁ ଭାରତର ଦୃଷ୍ଟିକୋଣ ମୁକାବିଲାମୂଳକ ହୋଇ ରହିଆସିଛି। ଏହି ମନୋଭାବ ହିଁ ଶତ୍ରୁ ସୃଷ୍ଟି କରୁଛି ଏବଂ ଏହା ଦେଶ ଭିତରେ କେତେକ ସମର୍ଥନ ସୃଷ୍ଟି କରୁଛି। ଏହା କେବଳ ଚାଇନା ପ୍ରତି ନୁହେଁ, ଅନ୍ୟ ସମସ୍ତଙ୍କ ପ୍ରତି। ଚାଇନାରୁ କ'ଣ ବିପଦ ଅଛି, ତାହା ସେ ଜାଣନ୍ତି ନାହିଁ, କିନ୍ତୁ ଆମେରିକା କାରଣରୁ ଏହି ପ୍ରସଙ୍ଗ ବଢୁଥିବା ସେ ଭାବୁଛନ୍ତି ବୋଲି ପିତ୍ରୋଡ଼ା କହିଛନ୍ତି। ଏବେ ସବୁ ଦେଶ ଏକାଠି ହେବାର ସମୟ ଆସିଛି। ଆମ ସମସ୍ତଙ୍କୁ ମୁକାବିଲା ମନୋଭବ ଛାଡ଼ି ଶିଖିବା, ଯୋଗାଯୋଗ ବଢ଼ାଇବା, ସହଯୋଗ କରିବା, ସଞ୍ଚାଳିତ ଓ ସହନିର୍ମାଣ କରିବାକୁ ହେବ ବୋଲି କଂଗ୍ରେସ ନେତା ମତ ଦେଇଛନ୍ତି।

ପିତ୍ରୋଡ଼ାଙ୍କ ମନ୍ତବ୍ୟକୁ ନେଇ ଭାଜପା କ୍ଷୁବ୍ଧ ହେବା ସହ କଂଗ୍ରେସକୁ ଜୋର୍‌ଦାର ସମାଲୋଚନା କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଚାଇନା ପ୍ରତି ସମ୍ମାନ ଦେଖାଇଥାନ୍ତି। ଲୋକ ସଭାରେ ଉଦ୍‌ବୋଧନ ଦେବାବେଳେ ରାହୁଲ ଚାଇନା ପ୍ରଯୁକ୍ତି ଓ ଅନ୍ୟାନ୍ୟ ବିକାଶ ସମ୍ପର୍କରେ କହିଥିଲେ। ଯେଉଁମାନେ ଚାଇନାକୁ ଆମର ୪୦ ହଜାର ବର୍ଗ କି.ମି. ଜମି ସମର୍ପି ଦେଇଛନ୍ତି, ଡ୍ରାଗନଠାରୁ ଭୟ ନ ଥିବା ସେମାନେ ଏବେ କହୁଥିବା ଭାଜପା ମୁଖପାତ୍ର ତୁହିନ ସିହ୍ନା କହିଛନ୍ତି। ପିତ୍ରୋଡ଼ାଙ୍କ ମନ୍ତବ୍ୟ ଉପରେ ଭାଜପା କଂଗ୍ରେସଠାରୁ ସ୍ପଷ୍ଟୀକରଣ ଦାବି କରିଛି। ପିତ୍ରୋଡ଼ାଙ୍କ ମନ୍ତବ୍ୟ ବିଲିୟନେୟାର ଜର୍ଜ ସୋରୋସ୍‌ଙ୍କ ମତ ସହ ମେଳ ଖାଉଥିବା ଭାଜପା ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି। ସୂଚନାଯୋଗ୍ୟ, ଭାରତୀୟ ରାଜନୀତିରେ ସୋରୋସ୍ ପ୍ରଭାବ ବିସ୍ତାର କରୁଥିବା ଭାଜପା ବାରମ୍ବାର ଅଭିଯୋଗ କରିଆସିଛି।

ଅନ୍ୟପକ୍ଷରେ ପିତ୍ରୋଡ଼ାଙ୍କ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇ କଂଗ୍ରେସ ନେତା ରସିଦ ଆଲ୍‌ଭି କହିଛନ୍ତି, ତାଙ୍କ ଦଳ ଏବଂ ଏମ୍‌ପି ରାହୁଲ ଗାନ୍ଧୀ ସବୁବେଳେ ଚାଇନା ବିରୋଧରେ ଅଭିଯୋଗ କରିଆସିଛନ୍ତି। ଭାରତୀୟ ଅଞ୍ଚଳକୁ ଚାଇନା ଅକ୍ତିଆର କରି ରଖିଥିବା ସେ ଅନେକ ସମୟରେ କହିଛନ୍ତି। ଚାଇନା ଶତ୍ରୁ ଥିଲା ଓ ଏବେ ମଧ୍ୟ ରହିଛି। ଯଦି କୌଣସି କଂଗ୍ରେସ ନେତା ଅନ୍ୟ କିଛି କହୁଥାନ୍ତି, ସେମାନେ ଆମ ନେତା ରାହୁଲଙ୍କ ଆଭିମୁଖ୍ୟ ଜାଣିବା ଜରୁରୀ ବୋଲି ଆଲ୍‌ଭି କହିଛନ୍ତି। ପିତ୍ରୋଡ଼ାଙ୍କ ଚାଇନା ମନ୍ତବ୍ୟରୁ କଂଗ୍ରେସ ନିଜକୁ ଦୂରେଇ ରଖିଛି। ତାଙ୍କ ମନ୍ତବ୍ୟ ଭାରତୀୟ ଜାତୀୟ କଂଗ୍ରେସ ମତ ନୁହେଁ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ ଲେଖିଛନ୍ତି।

# ଦିଲ୍ଲୀରେ ଭୂକମ୍ପ

ନୂଆଦିଲ୍ଲୀ,୧୭।୨

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ସମେତ ଆଖପାଖ ଅଞ୍ଚଳରେ ସୋମବାର ସକାଳ ୫ଟା ୩୬ ମିନିଟ୍ ସମୟରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୪.୦ ଥିଲାବେଳେ କ୍ଷୟକ୍ଷତି ସମ୍ପର୍କିତ ଖବର ମିଳିନାହିଁ। ପଶ୍ଚାତ୍ କମ୍ପନ ସମ୍ଭାବନା ଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ଜନସାଧାରଣଙ୍କୁ ସତର୍କ କରାଇବା ସହ ସୁରକ୍ଷା ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଭୂକମ୍ପର କେନ୍ଦ୍ରସ୍ଥଳ ଧଉଳା କୁଆଁର ଝିଲ୍ ପାର୍କ ଅଞ୍ଚଳର ୫ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। ସୋମବାରର ଭୂକମ୍ପ ପ୍ଲେଟ୍ ଟେକ୍ଟୋନିକ୍ସ (ଶିଳା ଚଳନ) ଯୋଗୁ ନୁହେଁ ବରଂ ଭୂତାତ୍ତ୍ୱିକ ବିଶେଷତାରେ ଭିନ୍ନତା ଯୋଗୁ ହୋଇଥିବା ଜଣେ ବରିଷ୍ଠ ବୈଜ୍ଞାନିକ କହିଛନ୍ତି। ଦିଲ୍ଲୀ ସିସ୍‌ମିକ୍ ଜୋନ୍ ୪ରେ ରହିଥିବାରୁ ଏହା ଭୂକମ୍ପ ପ୍ରବଣ ଅଞ୍ଚଳ ବୋଲି କୁହାଯାଉଛି।


ପ୍ରୟାଗରାଜ ମହାକୁମ୍ଭ ମେଳା ଯିବା ପାଇଁ ଟ୍ରେନ୍ ଧରିବାକୁ ସୋମବାର ପାଟନା ରେଳଷ୍ଟେଶନରେ ଯାତ୍ରୀଙ୍କ ପ୍ରବଳ ଭିଡ଼।

# ରାଞ୍ଚି ଷ୍ଟେଶନରେ ୫ ମହିଳା ମୂର୍ଚ୍ଛାଗଲେ

### ମହାକୁମ୍ଭ ଯାତ୍ରୀଙ୍କ ଗହଳି

ରାଞ୍ଚି,୧୭।୨

ନୂଆଦିଲ୍ଲୀ ରେଳଷ୍ଟେଶନରେ ମହାକୁମ୍ଭ ମେଳା ଯାତ୍ରୀଙ୍କ ଗହଳି ଯୋଗୁ ଶନିବାର ରାତିରେ ଦଳାଚକଟା ହୋଇ ୧୮ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଯାତ୍ରୀ ଆହତ ହୋଇଥିଲେ। ଏହାର ଦିନକ ପରେ ଝାଡ଼ଖଣ୍ଡର ରାଞ୍ଚି ରେଳଷ୍ଟେଶନରେ କୁମ୍ଭମେଳା ଯାତ୍ରୀଙ୍କ ଅସମ୍ଭାଳ ଭିଡ଼ ଯୋଗୁ ୫ ଜଣ ମହିଳା ଯାତ୍ରୀ ମୂର୍ଚ୍ଛା ଯାଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ରବିବାର ରାଞ୍ଚି ଷ୍ଟେଶନରେ ୧୨୮୧୭ ଝାଡ଼ଖଣ୍ଡ ସ୍ୱର୍ଣ୍ଣଜୟନ୍ତୀ ଏକ୍ସପ୍ରେସ୍ ପହଞ୍ଚିବା ସମୟରେ ସେଥିରେ ଯାତ୍ରୀ ଭର୍ତ୍ତି ହୋଇସାରିଥିଲେ। ଟିକେଟ କରି ନ ଥିବା ବହୁସଂଖ୍ୟାରେ ଯାତ୍ରୀ ଉକ୍ତ ଟ୍ରେନ୍‌ରେ ଉଠିବା ସହ କୋଚ୍‌ଗୁଡ଼ିକର ଦ୍ୱାର ଭିତରପଟୁ ବନ୍ଦ କରିଦେଇଥିଲେ। ଟିକେଟ କରି ଟ୍ରେନ୍‌ରେ ଯିବା ପାଇଁ ଅପେକ୍ଷା କରିଥିବା ଲୋକେ ଡୋର୍ ଖୋଲିବା ପାଇଁ ସେମାନଙ୍କୁ ନେହୁରା ହୋଇଥିଲେ। ଆର୍‌ପିଏଫ୍ ଯବାନମାନେ ମଧ୍ୟ ଉକ୍ତ ବଗିଗୁଡ଼ିକରେ ପଶିପାରି ନ ଥିଲେ। ଟିକେଟ କରିଥିବା ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ରହିଯାଇଥିଲେ। ଗହଳି ମଧ୍ୟରେ ୫ ଜଣ ମହିଳା ସଂଜ୍ଞାହୀନ ହୋଇପଡ଼ିବାରୁ ଅନ୍ୟ ମହିଳାମାନେ ଭୟରେ ଟ୍ରେନ୍‌ରେ ଚଢ଼ି ନ ଥିଲେ। କେତେଜଣ ଯାତ୍ରୀ ଟ୍ରେନ୍‌ରେ ଚଢ଼ିଯାଇଥିବାବେଳେ ସେମାନଙ୍କ ପରିବାର ଲୋକେ ଯାଇ ନ ପାରି ଷ୍ଟେଶନରେ ରହିଯାଇଥିଲେ। ଟ୍ରେନ୍‌ର ସାମର୍ଥ୍ୟ ଅନୁଯାୟୀ ଟିକେଟ ଇସ୍ୟୁ କରିବାକୁ ରେଲୱେ ପକ୍ଷରୁ ବ୍ୟବସାୟିକ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

## ପୁଣି ଟେଣ୍ଟରେ ନିଆଁ

ପ୍ରୟାଗରାଜ,୧୭।୨

ପ୍ରୟାଗରାଜର ମହାକୁମ୍ଭ ସ୍ଥଳୀରେ ସୋମବାର ପୁଣିଥରେ ନିଆଁ ଲାଗିଛି। ସେକ୍ଟର ୮ ଅଞ୍ଚଳରେ ଥିବା ଏକ ଘରୋଇ କ୍ୟାମ୍ପରେ ନିଆଁ ଲାଗି ତାହା ଜଳିଯାଇଛି। ତୁରନ୍ତ ନିଆଁକୁ ଆୟତ୍ତ କରାଯାଇଥିଲା। ଶ୍ରୀ କପିମାନସ ମଣ୍ଡଳ ଏବଂ ଉପଭୋକ୍ତା ସଂରକ୍ଷଣ ସମିତି କ୍ୟାମ୍ପରେ ନିଆଁ ଲାଗି ୨ଟି ଲେଖାଏ ଟେଣ୍ଟ ଜଳିଯାଇଥିବା ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରମୋଦ କୁମାର ଶର୍ମା କହିଛନ୍ତି। ୨ ଦିନ ପୂର୍ବରୁ ସେକ୍ଟର ୧୯ ଅନ୍ତର୍ଗତ ଏକ ଆଶ୍ରମରେ ନିଆଁଲାଗି ୭ଟି ତମ୍ବୁ ଜଳିଯାଇଥିଲା। ସୂଚନାଯୋଗ୍ୟ, ଜାନୁଆରୀ ୧୯ରୁ ଇତିମଧ୍ୟରେ ମହାକୁମ୍ଭ ନଗରୀରେ ୫ ଥର ନିଆଁ ଲାଗିଲାଣି।

# ବିଦାୟୀ ଭାଷଣରେ ବିଭ୍ରାନ୍ତିକର ବ୍ୟାଖ୍ୟାନକୁ ଟାର୍ଗେଟ କଲେ ରାଜୀବ କୁମାର

ନୂଆଦିଲ୍ଲୀ, ୧୭।୨


ମୁଖ୍ୟ ନିର୍ବାଚନ ଆୟୋଗ (ସିଇସି)ଙ୍କର କାର୍ଯ୍ୟକାଳ ମଙ୍ଗଳବାର ଶେଷ ହେବାକୁ ଯାଉଛି। ସୋମବାର ସେ ତାଙ୍କ ବିଦାୟୀ ଭାଷଣରେ କହିଛନ୍ତି, କିଛିବର୍ଷ ହେବ ନିର୍ବାଚନରେ ବିଭ୍ରାନ୍ତିକର ବ୍ୟାଖ୍ୟାନ ଏବଂ ବୟାନବାଜି ବଢ଼ିଚାଲିଛି। ମତଦାନ ସମୟରେ କିମ୍ବା ମତଗଣନାର ପ୍ରଥମ କିଛି ଘଣ୍ଟା ମଧ୍ୟରେ ଏଭଳି ବୟାନ ଦିଆଯାଇ ପ୍ରକୃତ ତଥ୍ୟକୁ ବିକୃତ କରାଯାଉଛି। ପରାଜିତ ଦଳଗୁଡ଼ିକ ଆତ୍ମସମୀକ୍ଷା କରିବା ପରିବର୍ତ୍ତେ ବିନା ତଥ୍ୟ ଓ ପ୍ରମାଣରେ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇବା ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ରାଜୀବ କହିଛନ୍ତି। ତେବେ ନନ୍ ରେସିଡେଣ୍ଟ ଇଣ୍ଡିଆନ୍ ଏବଂ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ରିମୋଟ ଭୋଟିଂ ମେକାନିଜମ୍ ପ୍ରକ୍ରିୟା ସମ୍ପର୍କରେ ବିଚାର କରିବାର ଏହା ପ୍ରକୃଷ୍ଟ ସମୟ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ୨୦୨୨ ମେ'ରେ ରାଜୀବ କୁମାର ସିଇସି ନିଯୁକ୍ତ ହୋଇଥିଲେ।



# ସିଇସି ଚୟନ କମିଟି ବୈଠକ ସ୍ଥଗିତ ରଖିବାକୁ କହିଲା କଂଗ୍ରେସ

ନୂଆଦିଲ୍ଲୀ,୧୭।୨(ପି.ଟି.)

ବିଦାୟୀ ସିଇସି ରାଜୀବ କୁମାର ମଙ୍ଗଳବାର ଅବସର ନେବାକୁ ଥିବାବେଳେ ପରବର୍ତ୍ତୀ ସିଇସି ଚୟନ ପାଇଁ ସୋମବାର ବୈଠକ ବସିଥିଲା। ତେବେ ଚୟନ କମିଟି ଗଠନ ସମ୍ପର୍କିତ ପିଟିଶନ ଆସନ୍ତା ୧୯ ତାରିଖରେ ସୁପ୍ରିମକୋର୍ଟରେ ହେବାକୁ ଥିବାରୁ ନୂଆ ସିଇସି ଚୟନ ବୈଠକ ସ୍ଥଗିତ ରଖିବାକୁ କଂଗ୍ରେସ ପକ୍ଷରୁ ସରକାରଙ୍କୁ କୁହାଯାଇଥିବା ଜଣାପଡ଼ିଛି। ବୈଠକ ଶେଷରେ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କଂଗ୍ରେସ ନେତା ଅଭିଷେକ ମନୁ ସିଙ୍ଘଭି କହିଛନ୍ତି, ଚୟନ କମିଟିରୁ ଭାରତର ପ୍ରଧାନ ବିଚାରପତିଙ୍କୁ ହଟାଇଦେଇ ସରକାର ନିର୍ବାଚନ କମିଶନଙ୍କୁ ନିୟନ୍ତ୍ରଣରେ ରଖିବା ଏବଂ ଏହାର ବିଶ୍ୱସନୀୟତା ବଜାୟ ନ ରଖିବାକୁ ଚାହାନ୍ତି ବୋଲି ସ୍ପଷ୍ଟ ହୋଇଛି।


ମନୁ ସିଙ୍ଘଭି

### ସୁପ୍ରିମକୋର୍ଟରେ ୧୯ରେ ଶୁଣାଣି ହେବ ଚୟନ କମିଟି ଗଠନ ପିଟିଶନ

ସେ କହିଛନ୍ତି, ସିଇସି ଏବଂ ଅନ୍ୟ ନିର୍ବାଚନ କମିଶନଙ୍କ ନିଯୁକ୍ତି ପାଇଁ ନୂଆ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏହା ଅଦାଲତଙ୍କ ବିଚାରାଧୀନ ଥିବାବେଳେ ୧୯ ତାରିଖରେ ପରବର୍ତ୍ତୀ ଶୁଣାଣି ହେବାକୁ ଯାଉଛି। ତ୍ୱରିତ୍ ଶୁଣାଣି ପାଇଁ ସରକାର ଅଦାଲତଙ୍କୁ ନିବେଦନ କରନ୍ତୁ ବୋଲି କଂଗ୍ରେସ କହିଛି। ଶୁଣାଣି ପର୍ଯ୍ୟନ୍ତ ବୈଠକ ସ୍ଥଗିତ ରଖିବାକୁ କଂଗ୍ରେସ ସରକାରଙ୍କୁ ପ୍ରସ୍ତାବ ଦେଇଥିବା ସିଙ୍ଘଭି କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୋମବାର ସନ୍ଧ୍ୟାରେ ଚୟନ କମିଟି ବୈଠକ ବସି ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କ ନାମ ଚୂଡ଼ାନ୍ତ ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। କମିଟି ଖୁବ୍‌ଶୀଘ୍ର ନୂଆ ସିଇସିଙ୍କ ନାମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୁପାରିସ କରିବେ। ଚୟନ କମିଟିରେ ମୋଦିଙ୍କ ବ୍ୟତୀତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଛନ୍ତି।

## ଫୁରସତ୍

# ବାର୍ଥ ଡେ ୱିଶ୍: ଜେଲ ଗଲେ ୧୦୪ ବର୍ଷୀୟା

ନ୍ୟୁୟର୍କ

ଆମେରିକାର ନ୍ୟୁୟର୍କସ୍ଥିତ ଜେନେସିଓ ଠାରେ ଥିବା ଆଭୋନ୍ ନର୍ସିଂ ହୋମ୍‌ରେ ରହୁଥିବା ଜଣେ ୧୦୪ ବର୍ଷୀୟା ମହିଳା ଲୋରେଟା ଚାମ୍‌ୱରଲେନଙ୍କୁ ୨ ଦିନ ପାଇଁ ନିକଟସ୍ଥ ଲିଭିଙ୍ଗଷ୍ଟୋନ୍ କାଉଣ୍ଟି ଜେଲରେ ଜଣେ ବନ୍ଦୀ ଭାବେ ରଖା ଯାଇଥିଲା। ତେବେ ସେ କୌଣସି ଅପରାଧ କରି ନ ଥିଲେ। ଗତ ୧୦ ତାରିଖରେ ଲୋରେଟା ନିଜ ୧୦୪ତମ ଜନ୍ମ ଦିବସ ପାଳନ କରିଥିଲେ। ଜନ୍ମଦିନ ପାଳନ ବେଳେ ଲୋରେଟାଙ୍କୁ ତାଙ୍କ ବାର୍ଥ ଡେ ୱିଶ୍ ସମ୍ପର୍କରେ ପଚରାଯାଇଥିଲା। ଜବାବରେ ସେ ନିକଟସ୍ଥ ଲିଭିଙ୍ଗଷ୍ଟୋନ୍ କାଉଣ୍ଟି ଜେଲରେ ବନ୍ଦୀ ଭାବେ ରହିବା ପାଇଁ ନିଜ ଇଚ୍ଛା ଜାହିର କରିଥିଲେ। ଲୋରେଟାଙ୍କର ଏପରି ବାର୍ଥ ଡେ ୱିଶ୍ ଆଭୋନ ନର୍ସିଂହୋମରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଲୋରେଟା କହିଥିଲେ, ସେ ତାଙ୍କ ଲମ୍ବା ଜୀବନରେ କେବେ ମଧ୍ୟ ଜେଲକୁ ଭିତରୁ ଦେଖିନାହାନ୍ତି। ତେଣୁ ସେ କିଛି ଦିନ ପାଇଁ କଏଦୀ ଭାବେ ରହି ଜେଲକୁ ଭିତରୁ ଦେଖିବାକୁ ଚାହାନ୍ତି। ବାର୍ଥ ଡେ ୱିଶ୍ ମୁତାବକ ଲୋରେଟାଙ୍କୁ ତାଙ୍କ ଜନ୍ମଦିନର ୨ ଦିନ ପରେ ଲିଭିଙ୍ଗଷ୍ଟୋନ୍ କାଉଣ୍ଟି ଜେଲକୁ ନିଆଯାଇଥିଲା। ସେଠାରେ ସେ ପ୍ରଥମେ ଫିଙ୍ଗର ପ୍ରିଣ୍ଟ ଦେଇଥିଲେ। ପରେ ସେଠାରେ ଉପସ୍ଥିତ ଅଧିକାରୀ ତାଙ୍କ ହାତରେ ହାତକଡ଼ି ପକାଇ ଏକ ସେଲ୍ ମଧ୍ୟକୁ ନେଇଯାଇଥିଲେ। ୨ ଦିନ ପର୍ଯ୍ୟନ୍ତ ଲୋରେଟାଙ୍କୁ ସେଠାରେ ଜଣେ କଏଦୀ ଭାବେ ରଖାଯାଇଥିଲା। ଠିକ୍ ୨ ଦିନ ପରେ ତାଙ୍କୁ ଜେଲରୁ ମୁକୁଳାଯାଇଥିଲା। ଏହି ଅବସରରେ ଲୋରେଟା ସେଠାରେ ଅବସ୍ଥାପିତ ଅନେକ ଅଧିକାରୀଙ୍କୁ ଜେଲର ସୁରକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ପଚାରି ବୁଝିଥିଲେ। ଏ ସମ୍ପର୍କରେ ରବିବାର ଲିଭିଙ୍ଗଷ୍ଟୋନ୍ କାଉଣ୍ଟି ଜେଲ ପକ୍ଷରୁ ଏକ୍ସ'ରେ ଏକ ପୋଷ୍ଟ କରାଯାଇ ସୂଚନା ଦିଆଯାଇଛି। ଜେଲରେ ୨ ଦିନର ରହଣିକୁ ଲୋରେଟା ନିଜର ଏକ ସୁନ୍ଦର ଅନୁଭବ ଭାବେ ବର୍ଣ୍ଣନା କରିଛନ୍ତି। ତାଙ୍କ ଜନ୍ମଦିନର ଇଚ୍ଛାକୁ ପୂରଣ କରିବାରେ ସକ୍ଷମ ହୋଇଥିବାରୁ ଜେଲ'ର ସମସ୍ତ ଅଧିକାରୀ ଖୁବ୍ ଖୁସି ଥିବା ଲିଭିଙ୍ଗଷ୍ଟୋନ୍ କାଉଣ୍ଟି ଜେଲ ପକ୍ଷରୁ କୁହାଯାଇଛି। ଲୋରେଟାଙ୍କୁ ଜେଲରୁ ବିଦାୟ ଦେବା ସମୟରେ ଜେଲର ଅଧିକାରୀମାନେ ଲୋରେଟାଙ୍କ ସହ ମିଶି ତାଙ୍କ ୧୦୪ତମ ଜନ୍ମଦିନକୁ ପାଳନ କରିଥିଲେ।




# ୨ ସ୍ତ୍ରୀଙ୍କ ମଧ୍ୟରେ ଭାଗହେଲେ ସ୍ୱାମୀ

ପୁର୍ନିଆ

ବିହାରର ପୁର୍ନିଆ ଜିଲା ରୂପୌଲୀ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ନିଜ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ନ ଦେଇ ଗୁପ୍ତ ଭାବରେ ଆଉ ଜଣଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଏନେଇ ଉକ୍ତ ବ୍ୟକ୍ତିଙ୍କ ପ୍ରଥମ ସ୍ତ୍ରୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଏହି ମାମଲାକୁ ପୁର୍ନିଆର ଫ୍ୟାମିଲି କାଉନ୍‌ସେଲିଂ ସେଣ୍ଟରକୁ ହସ୍ତାନ୍ତର କରିଥିଲା। ଫ୍ୟାମିଲି କାଉନ୍‌ସେଲିଂ ସେଣ୍ଟର ସମ୍ମୁଖରେ ଉପସ୍ଥିତ ହୋଇ ଉକ୍ତ ବ୍ୟକ୍ତି ଜଣକ ନିଜ ଭୁଲ୍‌କୁ ସ୍ୱୀକାର କରିଥିଲେ ଏବଂ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ନିକଟକୁ ଫେରିଯିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତେବେ ଏହାକୁ ତାଙ୍କ ଦ୍ୱିତୀୟ ସ୍ତ୍ରୀ ବିରୋଧ କରିଥିଲେ। ତେଣୁ ୨ ସ୍ତ୍ରୀଙ୍କ ମଧ୍ୟରେ ରହିଥିବା ବିବାଦକୁ ଦୂରକରିବା ପାଇଁ ଫ୍ୟାମିଲି କାଉନ୍‌ସେଲିଂ ସେଣ୍ଟର ଏକ ନିଆରା ଉପାୟ ବାହାର କରିଥିଲା। ବ୍ୟକ୍ତି ଜଣକ ନିଜ ଉଭୟ ସ୍ତ୍ରୀଙ୍କ ସହ ସପ୍ତାହକୁ ୩ ଦିନ ଲେଖାଏ ରହିବେ ଏବଂ ଗୋଟିଏ ଦିନ ସେ ନିଜ ଇଚ୍ଛା ଅନୁଯାୟୀ, ୨ ସ୍ତ୍ରୀଙ୍କ ମଧ୍ୟରୁ ଜଣକ ସହ ରହିବେ ବୋଲି ଫ୍ୟାମିଲି କାଉନସେଲିଂ ସେଣ୍ଟର ପ୍ରସ୍ତାବ ଦେଲା, ଯାହାକୁ ବ୍ୟକ୍ତିଙ୍କ ଉଭୟ ସ୍ତ୍ରୀ ଗ୍ରହଣ କରିଛନ୍ତି।

# ହସ୍ପିଟାଲରେ ଭର୍ତ୍ତି ହେଲେ ଶକିରା

ବୋଗୋଟା

କଲମ୍ବିଆର ପ୍ରସିଦ୍ଧ ସିଙ୍ଗର ତଥା ସଙ୍ଗ୍ ରାଇଟର ଶକିରା (୪୮) ରବିବାର ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଫଳରେ ପେରୁର ରାଜଧାନୀ ଲିମାରେ ହେବାକୁ ଥିବା ଶକିରାଙ୍କ ବହୁ ପ୍ରତୀକ୍ଷିତ ମ୍ୟୁଜିକ୍ କନ୍‌ସର୍ଟକୁ ବାତିଲ କରିବାକୁ ପଡ଼ିଛି। ଏନେଇ ଶକିରା ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ ଉକ୍ତ ପୋଷ୍ଟରେ ଲେଖିଛନ୍ତି, ରବିବାରଠାରୁ ତାଙ୍କ ପେଟ ସମ୍ବନ୍ଧୀୟ କିଛି ସମସ୍ୟା ରହିଥିଲା। ସମସ୍ୟା ବଢ଼ିବାରୁ ଏବେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେଠାରେ ଏବେ ତାଙ୍କର ଚିକିତ୍ସା ଜାରି ରହିଛି। ଆଗାମୀ କିଛିଦିନ ପାଇଁ କୌଣସି ଷ୍ଟେଜ୍ ଶୋ' ପର୍ଫମାନ୍ସ ନ ଦେବାକୁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଛନ୍ତି। ତେଣୁ ଏବେ ସେ କୌଣସି ଷ୍ଟେଜ୍ ଶୋ' କରିବା ସ୍ଥିତିରେ ନ ଥିବା ଶକିରା ଦୁଃଖର ସହ କହିଛନ୍ତି। ଏହାସହ ପେରୁରେ ହେବାକୁ ଥିବା ମ୍ୟୁଜିକ୍ କନ୍‌ସର୍ଟକୁ ବାତିଲ ହେବାକୁ ନେଇ ସେ ତାଙ୍କ ପ୍ରଶଂସକଙ୍କୁ କ୍ଷମା ମାଗିବା ସହ ଏହା ତାଙ୍କୁ ନିରାଶ କରିଛି ବୋଲି କହିଛନ୍ତି। ପେରୁରେ ସେ ତାଙ୍କ ପ୍ରଶଂସକଙ୍କୁ ଭେଟିବା ପାଇଁ ଖୁବ୍ ଭାବ ପ୍ରବଣ ଓ ଉତ୍ସାହିତ ଥିଲେ। କିନ୍ତୁ ଏବେ ସେ ନିରାଶ ହୋଇଥିବା ଶକିରା କହିଛନ୍ତି। ତେବେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସତ୍ତ୍ୱେ ମଧ୍ୟ ଖୁବ୍‌ଶୀଘ୍ର ସୁସ୍ଥ ହୋଇ ପୁଣି ଷ୍ଟେଜ୍ ଶୋ'କୁ ଫେରିବେ ବୋଲି ଶକିରା ଆତ୍ମବିଶ୍ୱାସର ସହ କହିଛନ୍ତି। ଲିମାରେ ତାଙ୍କର ବାତିଲ ହୋଇଥିବା ମ୍ୟୁଜିକ୍ କନ୍‌ସର୍ଟ ଆଉ ଏକ ଦିନ ଆୟୋଜନ ହେବ। ଏନେଇ ନୂତନ ତାରିଖ ଚୟନ ଦିଗରେ ତାଙ୍କ ଟିମ୍ ଏବଂ କନ୍‌ସର୍ଟ ପ୍ରମୋଟରଙ୍କ ପକ୍ଷରୁ କାର୍ଯ୍ୟ ଜାରି ରହିଛି। ଏହାସହ ସେ ଯେପରି ଶୀଘ୍ର ଆରୋଗ୍ୟ ଲାଭ କରିବେ ସେଥିପାଇଁ କାମନା କରିବାକୁ ଶକିରା ତାଙ୍କ ପ୍ରଶଂସକଙ୍କୁ ନିବେଦନ କରିଛନ୍ତି।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୮/୨୦୨୫ Bhubaneswar, Tuesday, February 18/ 2025

# ଭାରତୀୟ ପତାକାକୁ ନେଇ ବିବାଦ

**କରାଚୀ, ୧୭।୨**

## ଚାମ୍ପିୟନ୍ସ ଟ୍ରଫି



ଆଇସିସି ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ଦେଶଗୁଡ଼ିକର ଜାତୀୟ ପତାକା ଶୋଭାପାଉଛି। କିନ୍ତୁ ଏଥିରେ ଭାରତୀୟ ପତାକା ସ୍ଥାନ ପାଇନାହିଁ। ଏହାକୁ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଖେଳପ୍ରେମୀମାନେ ଅନୁମାନ କରୁଛନ୍ତି ଯେ, ଭାରତ ଯେହେତୁ ଏହାର ଚାମ୍ପିୟନ୍ସ ଟ୍ରଫି ମ୍ୟାଚଗୁଡ଼ିକୁ ଦୁବାଇରେ ଖେଳିବ, ସେଥିପାଇଁ ହୁଏତ ଏହାର ଜାତୀୟ ପତାକାକୁ ଷ୍ଟାଡିୟମରେ ସ୍ଥାନିତ କରାଯାଇ ନାହିଁ। କେତେକ ସମର୍ଥକଙ୍କୁ ଏହି ଘଟଣା ଚକିତ କରିଛି। ସୋସିଆଲ ମିଡିଆରେ ଏହାକୁ ନେଇ ବିତର୍କ ମଧ୍ୟ ଆରମ୍ଭ ହୋଇଯାଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଏହି କାର୍ଯ୍ୟକୁ କେତେକ ନିନ୍ଦା ମଧ୍ୟ କରିଛନ୍ତି। କରାଚୀ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ ଏବଂ ଇଂଲଣ୍ଡ ଟିମ୍‌ର ମ୍ୟାଚଗୁଡ଼ିକ ଖେଳାଯିବ। ସୂଚନାଯୋଗ୍ୟ, ଚାମ୍ପିୟନ୍ସ ଟ୍ରଫି ଖେଳିବା ଲାଗି ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବା ଲାଗି ମନା କରିଦେବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ), ପିସିବି ଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟୁର୍ନାମେଣ୍ଟକୁ ଏକ ହାଇବ୍ରିଡ୍ ମଡେଲରେ ପରିଣତ କରିଦେଇଥିଲେ। ହୋଇଥିବା ଚୁକ୍ତିନାମାର ଏକ ଅଂଶବିଶେଷ ସ୍ୱରୂପ ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ଦଳ ଯଦି ସେମିଫାଇନାଲ ଓ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୁଏ ତେବେ ଦୁବାଇରେ ମଧ୍ୟ ଏହି ମ୍ୟାଚ ଦୁଇଟି ଖେଳାଯିବ। ଅନ୍ୟପକ୍ଷରେ ଆଗାମୀ ବର୍ଷଗୁଡ଼ିକରେ ଭାରତରେ ହେବାକୁଥିବା ଆଇସିସି ଇଭେଣ୍ଟଗୁଡ଼କରେ ପାକିସ୍ତାନ ଏହାର ମ୍ୟାଚଗୁଡ଼ିକ ଅନୁରୂପ ଅନ୍ୟ ଏକ ଭେନ୍ୟୁରେ ଖେଳିବ। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ପିସିବି ସଫେଇ ଦେଇ କହିଛି ଯେ, ଭାରତ ଏହାର ସମସ୍ତ ଚାମ୍ପିୟନ୍ସ ଟ୍ରଫି ମ୍ୟାଚଗୁଡ଼ିକ ଦୁବାଇରେ ଖେଳିବାକୁଥିବାରୁ କରାଚୀରେ ଏହି ଦେଶର ପତାକା ଉତ୍ତୋଳନ କରାଯାଇ ନାହିଁ। ଆଇସିସି ପକ୍ଷରୁ ଏହା ମଧ୍ୟ ପରାମର୍ଶ ଦିଆଯାଇଛି ଯେ, ମ୍ୟାଚ ଦିନଗୁଡ଼ିକରେ ଷ୍ଟାଡିୟମରେ କେବଳ ୪ଟି ପତାକା ଉତ୍ତୋଳନ ହେବ।

# ମାଗନ୍ତି କୀର୍ତ୍ତିଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୭।୨ (ବିଜୟ ରଣା)**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭାରୋତ୍ତୋଳନ ଚାମ୍ପିୟନଶିପ୍ ୨୫ରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟର ଏମ୍.କମ୍ ପ୍ରଥମ ବର୍ଷ ଛାତ୍ରୀ ମାଗନ୍ତି କୀର୍ତ୍ତି ୮୧କେଜି ଶ୍ରେଣୀ ପ୍ରତିଯୋଗିତାରେ ରୌପ୍ୟ ପଦକ ଲାଭ କରିଛନ୍ତି। ହିମାଚଳ ପ୍ରଦେଶ ଅନ୍ତର୍ଗତ ଧର୍ମଶାଳାରେ ଅବସ୍ଥିତି ଡିୱାଇଏସ୍‌ଏସ୍‌ଓ ଇନ୍‌ଡୋର ଷ୍ଟାଡିୟମରେ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଅଧୀନରେ ସ୍ଥାନୀୟ ସେଣ୍ଟ୍ରାଲ ୟୁନିଭର୍ସିଟି ଦ୍ୱାରା ଆୟୋଜିତ ଏହି ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। କୀର୍ତ୍ତି ସ୍ନାଚରେ ୮୨ କେଜି ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୧୦୩ କେଜି ଉତ୍ତୋଳନ କରିଥିଲେ। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ କୀର୍ତ୍ତିଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଆଗାମି ଖେଲୋ ଇଣ୍ଡିଆ ଗେମ୍ସରେ ଭଲ ପ୍ରଦର୍ଶନ ନେଇ ଶୁଭକାମନା କରିଛନ୍ତି।



ମାଗନ୍ତି କୀର୍ତ୍ତି

# କଟକ-ବରହମପୁର ଫାଇନାଲ




ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

**ଉଦଳା, ୧୭।୨**
**(ସନ୍ତୋଷ କୁମାର ବାଛିନୀ)**

## ରାଜ୍ୟସ୍ତରୀୟ ସତ୍ୟସ୍ୱରୂପ କ୍ରିକେଟ

ମୟୂରଭଞ୍ଜ ଜିଲା ଉଦଳାଠାରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସତ୍ୟସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦୁଇଗୋଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ବରହମପୁର ଆଲଫା ସ୍ପୋର୍ଟିଂ ଓ ୟୁନାଇଟେଡ଼ ବରହମପୁର ମଧ୍ୟରେ ଆୟୋଜିତ ହୋଇଥିଲା। ଟସ୍ ଜିତି ୟୁନାଇଟେଡ଼ ବରହମପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୪୩ ରନ କରିବାରେ ସକ୍ଷମ ହୋଇଥିଲା। ଆଲଫା ସ୍ପୋର୍ଟିଂ ଦଳ ୫ ଉଇକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଭିକି କୁମାର ୩୯ଟି ବଲ୍‌ରେ ସର୍ବାଧିକ ୮୨ ରନ କରିଥିଲେ। ଆଲଫା ସ୍ପୋର୍ଟିଂ ଦଳର ପୱନ କୁମାର ୧୬ ରନ ଦେଇ ୬ଟି ଉଇକେଟ ହାସଲ କରିଥିଲେ। ପ୍ରଥମ ସେମିଫାଇନାଲରେ ଆଲଫା ସ୍ପୋର୍ଟିଂ ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ଦ୍ୱିତୀୟ ସେମିଫାଇନାଲ ଆରୱାଇସିସି ରାଉରକେଲା ଏବଂ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ କଟକ ଦଳ ଆରୱାଇସିସି ଦଳକୁ ୩ ଉଇକେଟରେ ପରାସ୍ତ କରିଥିଲା। ୭୭ ରନର ପିଛା କରି ୧୪. ୪ ଓଭରରେ ରାଇଜିଂ ଷ୍ଟୁଡେଣ୍ଟ ସ୍କୋର ହାସଲ କରିନେଇଥିଲା। ଦ୍ୱିତୀୟ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ଦଳ ବିଜୟ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଦିନ ରାଇଜିଂ ଷ୍ଟୁଡେଣ୍ଟ କଟକ ଏବଂ ଆଲଫା ସ୍ପୋର୍ଟିଂ ବରହମପୁର ଦଳ ଫାଇନାଲରେ ମୁହାଁମୁହିଁ ହେବେ। ସେମିଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ ଏବଂ ଆଶୁତୋଷ ପାଣି ପରିଚାଳନା କରିଥିଲେ।

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**
**ଆଜିର ମ୍ୟାଚ (ପୁରୁଷ)**
- ଇଂଲଣ୍ଡ ବନାମ ସ୍ପେନ

ସମୟ: ଅପରାହ୍ନ ୩ଟା
- ଭାରତ ବନାମ ଜର୍ମାନୀ

ସମୟ: ସନ୍ଧ୍ୟା ୭ଟା ୩୦

**ଆଜିର ମ୍ୟାଚ (ମହିଳା)**
- ଭାରତ ବନାମ ସ୍ପେନ

**ସମୟ: ସନ୍ଧ୍ୟା ୫ଟା ୧୫।**
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**
**ପ୍ରସାରଣ: ସ୍ପୋର୍ଟ୍ସ-୧୮, ଷ୍ଟାର ସ୍ପୋର୍ଟ୍ସ**

# ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ ସ୍ଥଗିତ

**ଗୁଲମାର୍ଗ, ୧୭।୨ (ପି.ଟି.)**

ଅଞ୍ଚଳରେ ଯଥେଷ୍ଟ ତୁଷାରପାତ ନ ହେବାରୁ ଏଠାରେ ଶନିବାରଠାରୁ ଆରମ୍ଭ ହେବାକୁଥିବା ୫ମ ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସକୁ ସ୍ଥଗିତ ରଖାଯାଇଛି। କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଏହା ଘୋଷଣା କରାଯାଇଛି। ପାଗରେ ଉନ୍ନତି ଘଟିଲେ ସାନି ଅନୁଧ୍ୟାନ ପରେ ଇଭେଣ୍ଟ ପାଇଁ ନୂଆ ତାରିଖ ଘୋଷଣା କରାଯିବ। ଖେଲୋ ଇଣ୍ଡିଆ ଗେମ୍ସର ଜମ୍ମୁ କଶ୍ମୀର ପର୍ଯ୍ୟାୟରେ ଅଲପାଇନ୍ ସ୍କିଂ, ନୋର୍ଡିକ ସ୍କିଂ, ସ୍କାଏ ମାଉଣ୍ଟିଂ ଏବଂ ସ୍ନୋ ବୋର୍ଡିଂ ସମେତ କେତେକ ସ୍ନୋ ଇଭେଣ୍ଟଗୁଡ଼ିକ ହୋଇଥାନ୍ତା। ଲେହରେ ଗେମ୍ସର ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୨୩ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଗେମ୍ସରେ ହକି ଓ ସ୍କେଟିଂ ଆଦି ଆଇସ୍ ଇଭେଣ୍ଟଗୁଡ଼ିକ ଆୟୋଜିତ ହୋଇଥିଲା।

# ପାକିସ୍ତାନରେ ପହଞ୍ଚିଲା ଅଷ୍ଟ୍ରେଲିଆ ଦଳ




ଚାମ୍ପିୟନ୍ସ ଟ୍ରଫି ଖେଳିବା ଲାଗି ପାକିସ୍ତାନରେ ପହଞ୍ଚିଥିବା ଅଷ୍ଟ୍ରେଲିଆ ଦଳ।

**ଲାହୋର, ୧୭।୨ (ପି.ଟି.)**

ଆଇସିସି ଚାମ୍ପିୟନ୍ସ ଟ୍ରଫି ଖେଳିବା ଲାଗି ଅଷ୍ଟ୍ରେଲିଆ କ୍ରିକେଟ ଦଳ ସୋମବାର ପାକିସ୍ତାନରେ ପହଞ୍ଚିଛି। ବୁଧବାର କରାଚୀଠାରେ ଆୟୋଜକ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମ୍ୟାଚ ସହ ଟୁର୍ନାମେଣ୍ଟ ଆରମ୍ଭ ହେବ। ପାକିସ୍ତାନ ହେଉଛି ଗତଥରର ଚାମ୍ପିୟନ ଦଳ। ୨୦୧୭ରେ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲରେ ଭାରତକୁ ପରାସ୍ତ କରି ପାକିସ୍ତାନ ଟାଇଟଲ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ଏହାର ପ୍ରଥମ ମ୍ୟାଚ ଫେବୃଆରୀ ୨୨ରେ ଗଦାଫି ଷ୍ଟାଡିୟମରେ ଇଂଲଣ୍ଡ ବିପକ୍ଷରେ ଖେଳିବ। ଅଷ୍ଟ୍ରେଲିଆ ଦଳ ଦୁଇଟି ପୃଥକ୍ ପୃଥକ୍ ଗ୍ରୁପ୍‌ରେ ଦୁବାଇ ଦେଇ କଲମ୍ବୋରୁ ଆସି ଏଠାରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ଅଧିନାୟକ ଷ୍ଟିଭ ସ୍ମିଥ୍, କୋଚ୍, ସପୋର୍ଟ ଷ୍ଟାଫ୍ ଆସିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଖେଳାଳି ଏବଂ ଅତିରିକ୍ତ ସପୋର୍ଟ ଷ୍ଟାଫ୍ ସମାନ ବାଟ ଦେଇ ଲାହୋରରେ ଓହ୍ଲାଇଛନ୍ତି। ଭାରତ କିନ୍ତୁ ଏହାର ସମସ୍ତ ମ୍ୟାଚ ହାଇବ୍ରିଡ୍ ମଡେଲ ଚୁକ୍ତି ଅନୁସାରେ ଦୁବାଇରେ ଖେଳିବ। ଅଷ୍ଟ୍ରେଲିଆ ଦଳ ଏଠାରେ ଟୁର୍ନାମେଣ୍ଟ ପାଇଁ କୌଣସି ୱାର୍ମଅପ୍ ମ୍ୟାଚ ଖେଳିବନି। ସେମାନେ ନିକଟରେ ଶ୍ରୀଲଙ୍କାରେ ଏକ ଦୁଇ ମ୍ୟାଚବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିଛନ୍ତି। ଏଥିରେ ସେମାନେ ୨-୦ରେ ବିଜୟ ଲାଭ କରିଛନ୍ତି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ବିପକ୍ଷରେ ଓପନିଂ ମ୍ୟାଚ ଖେଳିବା ପରେ ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ମ୍ୟାଚ ଫେବୃଆରୀ ୨୫ରେ ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ସହ ଖେଳିବ। ଦଳ ଏହାର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଫେବୃଆରୀ ୨୮ରେ ଗଦାଫି ଷ୍ଟାଡିୟମରେ ଖେଳିବା କାର୍ଯ୍ୟକ୍ରମ ରହିଛି। **ଅଷ୍ଟ୍ରେଲିଆ ଦଳ:** ଷ୍ଟିଭ ସ୍ମିଥ୍ (ଅଧିନାୟକ), ସିନ୍ ଆବଟ, ଆଲେକ୍ସ କାରେ, ବେନ୍ ଡ୍ୱାରସୁଇସ୍, ନାଥାନ ଏଲିସ, ଜେକ୍ ଫ୍ରେଜର-ଅମ୍ୟାକ୍‌ଗ୍ରିକ୍, ଆରନ ହାର୍ଡି, ଟ୍ରାଭିସ ହେଡ୍, ଜୋଶ ଇଂଲିଶ, ସ୍ପେନସର ଜନସନ, ମାର୍ନସ ଲାବୁସେନ, ଗ୍ଲେନ ମକ୍ସୱେଲ, ତନଭିର ସାଂଘା, ମାଥ୍ୟୁ ଶର୍ଟ ଓ ଆଡାମ ଜାମ୍ପା।

# ଶାମିଙ୍କ ଉପରେ ଭରସା

**ବେଙ୍ଗାଲୁରୁ, ୧୭।୨ (ପି.ଟି.)**

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ପ୍ରମୁଖ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଭାରତ ମହମ୍ମଦ ଶାମିଙ୍କ ରିଷ୍ଟ ମ୍ୟାଜିକ୍ ବୋଲିଂ ଉପରେ ଭରସା ରଖିଛି। ଶାମି ଯଦି ତାଙ୍କ ବୋଲିଂରେ ଚମତ୍କାରିତା ଦେଖାନ୍ତି ତେବେ ଭାରତ ୧୨ବର୍ଷ ପରେ ପୁଣି ଥରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ହାସଲ କରିପାରିବ ବୋଲି ଆଶା କରାଯାଉଛି। ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଅସ୍ତ୍ର ବୋଲି କୁହାଯାଉଥିବା ଯଶପ୍ରୀତ ବୁମ୍‌ରା ଆଘାତପ୍ରାପ୍ତ ହୋଇଥିବାରୁ ସେ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି। ତେଣୁ ସମର୍ଥକମାନେ ଶାମିଙ୍କଠାରୁ କିଛିଟା ଚମତ୍କାରିକା ଆଶା କରୁଛନ୍ତି। ଚାମ୍ପିୟନ୍ସ ଟ୍ରଫିରେ ଭାରତ ଫେବୃଆରୀ ୨୦ରେ ଦୁବାଇରେ ବାଂଲାଦେଶ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ତେବେ ଶାମି ନିଜକୁ କିଭଳି ଭାବେ ପ୍ରସ୍ତୁତ କରିଛନ୍ତି ତାହା ଉପରେ ସମସ୍ତଙ୍କ ନଜର। ୩୪ ବର୍ଷୀୟ ପେସ୍ ବୋଲର ଇଞ୍ଜୁରୀରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଗତବର୍ଷ ବିଭିନ୍ନ ସ୍ତରରେ ବିଭିନ୍ନ ଫର୍ମାଟରେ କେତୋଟି ମ୍ୟାଚ ଖେଳିଛନ୍ତି। ଏକ ଚାପପ୍ରବଣ ଟୁର୍ନାମେଣ୍ଟରେ ତାଙ୍କର ପ୍ରଦର୍ଶନ କିପରୁ ରହୁଛି ତାହା ଲକ୍ଷ୍ୟ କରିବାର କଥା। ଚାମ୍ପିୟନ୍ସ ଟ୍ରଫିରେ ଶାମିଙ୍କ ପାର୍ଟନର ରହିବେ ଅର୍ଶଦୀପ ସିଂ। ଯଦିଓ ସେ ଜଣେ ବିଚକ୍ଷଣ ବୋଲର ଏପର୍ଯ୍ୟନ୍ତ ବୁମ୍‌ରାଙ୍କ ସ୍ତରର ହୋଇ ପାରି ନାହାନ୍ତି। ଭାରତର ପୂର୍ବତନ ପେସ୍ ବୋଲର ଲକ୍ଷ୍ମୀପତି ରାଜୁ କହିଛନ୍ତି, ବୁମ୍‌ରା ନିଶ୍ଚିତ ଭାବେ ସମସ୍ତ ଫର୍ମାଟରେ ଜଣେ ଚାମ୍ପିୟନ ବୋଲର। କିନ୍ତୁ ଶାମି ବେଶ୍ ଅଭିଜ୍ଞ। ବୁମ୍‌ରାଙ୍କ ଆଗମନ ପୂର୍ବରୁ ଶାମି ଭାରତୀୟ ବୋଲିଂ ଆକ୍ରମଣର ନେତୃତ୍ୱ ନେଉଥିଲେ।




# ମୁମ୍ବାଇ ବିପକ୍ଷରେ ବିଦର୍ଭ ୩୦୮/୫

**ନାଗପୁର, ୧୭।୨ (ପି.ଟି.)**

## ରଣଜୀ ଟ୍ରଫି ସେମିଫାଇନାଲ

ଡାନିଶ ମାଲେୱାରଙ୍କ ୭୯ ଏବଂ ଓପନର ଧ୍ରୁବ ଶୋରେଙ୍କ ଆକର୍ଷଣୀୟ ୭୪ ରନ ସହାୟତାରେ ବିଦର୍ଭ ଗତଥରର ଚାମ୍ପିୟନ ମୁମ୍ବାଇ ବିପକ୍ଷ ରଣଜୀ ଟ୍ରଫି ସେମିଫାଇନାଲ ମ୍ୟାଚର ପ୍ରଥମ ଦିବସରେ ୫ ଉଇକେଟ ବିନିମୟରେ ୩୦୮ରନ କରିଛି। ଟେଷ୍ଟ ଦଳରେ ସ୍ଥାନ ପାଇଁ ଦୌଡ଼ରେ ଥିବା କରୁଣ ନାୟାର ୪୫ରନ କରିଥିଲେ। ସେ ଶିବମ ଦୁବେଙ୍କ ବୋଲିଂରେ ଦୁର୍ଭାଗ୍ୟଜନକ ଭାବେ କଟ୍ ବିହାଇଣ୍ଡ ହୋଇଯାଇଥିଲେ। ସେ ଡିଆରଏସ୍‌ର ସହାୟତା ନେଇଥିଲେ ମଧ୍ୟ ବିଫଳ ହୋଇଥିଲେ। ଦୁଇଥର ଚାମ୍ପିୟନ ଦଳର ଏକ ବଡ଼ ପାର୍ଟନରଶିପ୍ ଦେଖିବାକୁ ମିଳି ନ ଥିଲେ ମଧ୍ୟ ସେମାନେ ୩୦୦ରନ ଅତିକ୍ରମ କରିବାରେ ସଫଳ ରହିଥିଲେ। ମୁମ୍ବାଇ ବୋଲରମାନେ ମଧ୍ୟ ତ୍ରୁଟିପୂର୍ଣ୍ଣ ବୋଲିଂ କରିଥିଲେ। ସେମାନେ ସୋମବାର ପ୍ରଥମ ଦିବସରେ ୧୩ ନୋ ବଲ୍ ପକାଇଥିଲେ। ମୁମ୍ବାଇ ପକ୍ଷରୁ ଶ୍ରେଷ୍ଠ ବୋଲିଂ କରିଥିବା ବାମହାତୀ ସ୍ପିନର ଶାମ୍ସ ମୁଲାନୀ ୧୮ ଓଭରରେ ୪୪ ରନ ବିନିମୟରେ ୨ ଉଇକେଟ ନେଇଥିଲେ। ଦୁବେ ତାଙ୍କ ୯ ଓଭର ବୋଲିଂରେ ୩୫ ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ବିଦର୍ଭର ୟାଶ ରାଠୋଡ ଏବଂ ଅଧିନାୟକ ଅକ୍ଷୟ ୱାଡକର ଯଥାକ୍ରମେ ୪୭ ଓ ୧୩ ରନ କରି ଅପରାଜିତ ରହିଛନ୍ତି। ୬ଷ୍ଠ ଉଇକେଟରେ ଉଭୟେ ପାର୍ଟନରଶିପ୍‌ରେ ଅପରାଜିତ ୪୭ ରନ ଯୋଗ କରିସାରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ: ୩୦୮/୫ (ଡାନିଶ ମାଲେୱାର-୭୯, ଧ୍ରୁବ ଶୋରେ-୭୪, କରୁଣ ନାୟାର- ୪୫; ଶାମ୍ସ ମୁଲାନୀ- ୨/୪୪, ଶବମ ଦୁବେ-୨/୩୫)।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଡାନିଶ ମାଲେୱାର।

## ସଚିନ ବେବିଙ୍କ ଅପରାଜିତ ୬୯

**ଅହମଦାବାଦ, ୧୭।୨ (ପି.ଟି.)**

ଭେଟେରାନ ସଚିନ ବେବିଙ୍କ ଅପରାଜିତ ୬୯ ରନ ସହାୟତାରେ କେରଳ ଏଠାରେ ଗୁଜରାଟ ବିପକ୍ଷ ରଣଜୀ ଟ୍ରଫି ସେମିଫାଇନାଲ ମ୍ୟାଚରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟରେ ୨୦୬ ରନ କରିଛି। ଏହି ୩୬ ବର୍ଷୀୟ ବ୍ୟାଟର ଦୁଇଟି ଫୁଲ୍ ସେସନ ବ୍ୟାଟିଂ କରିଥିଲେ। ସେ ତାଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂରେ ୧୯୩ ବଲ୍ ସାମ୍ନା କରି ୮ ଚୌକା ସହ ୬୯ ରନ କରି ଅପରାଜିତ ରହିଥିଲେ। ଫଳରେ ରଣଜୀ ଟ୍ରଫିରେ ପ୍ରଥମ ଥର ଫାଇନାଲ ଖେଳିବା ଲାଗି କେରଳର ଆଶା ଉଜ୍ଜୀବିତ ରହିଛି। ଏଲ୍‌ବିଡବ୍ଲ୍ୟୁ ଅପିଲରୁ ବର୍ତ୍ତି ଯାଇଥିବା ମହମ୍ମଦ ଆଝାରୁଦ୍ଦିନ ୩୦ରନ (୬୬ ବଲ୍, ୩ ଚୌକା) କରି ଅପରାଜିତ ରହିଛନ୍ତି। ଚିନ୍ତନ ଗାଜାଙ୍କ ବଲ୍‌ରେ ଆଝାରୁଦ୍ଦିନ ଏଲ୍‌ବିଡବ୍ଲ୍ୟୁ ଅପିଲର ସମ୍ମୁଖୀନ ହୋଇଥିଲେ। ଏହି ଉଇକେଟକିପର ବ୍ୟାଟରଙ୍କୁ ଅନ୍-ଫିଲ୍ଡ ଅମ୍ପାୟର ଆଉଟ ଦେଇଥିଲେ। ମାତ୍ର ଡିଆରଏସ୍ ଅପିଲରେ ନିଷ୍ପତ୍ତି ଭୁଲ ଥିବା ଦେଖାଯାଇଥିଲା। ସଚିନ ଓ ଆଝାରୁଦ୍ଦିନ ୫ମ ଉଇକେଟରେ ଅପରାଜିତ ୪୯ ରନ ଯୋଗ କରିସାରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ